R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୪
ତିଥି: ଦଶମୀ
୦୮ ଅଗଷ୍ଟ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 304
08 August 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ନୂଆଦିଲ୍ଲୀରେ ଓଡ଼ିଶା ଫୁଡ୍ ପ୍ରୋ ୨୦୨୬

## ୨୭ ଏମ୍‌ଓୟୁ ୪୩,୪୩୭ କୋଟି ନିବେଶ

ନୂଆଦିଲ୍ଲୀ, ୭।୮ (ସବ୍ୟୁ) : "ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ହେଉଛି ଆମର କୃଷକମାନଙ୍କ ସମୃଦ୍ଧି, ଗ୍ରାମାଞ୍ଚଳର ରୂପାନ୍ତର ଏବଂ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ। ଏହି କ୍ଷେତ୍ରରେ କରାଯାଉଥିବା ପ୍ରତ୍ୟେକ ନିବେଶ କୃଷିକ୍ଷେତ୍ରକୁ ଉନ୍ନତ କରିବା ସହିତ ଗ୍ରାମାଞ୍ଚଳରେ ନିଯୁକ୍ତି ସୃଷ୍ଟି କରେ, ରପ୍ତାନି ସୁଯୋଗ ସୃଷ୍ଟି କରେ ଏବଂ ଅର୍ଥନୀତିକୁ ସମୃଦ୍ଧ କରିଥାଏ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତର ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ହେବାକୁ ଓଡ଼ିଶା ପ୍ରସ୍ତୁତ ରହିଛି ଏବଂ ମୁଁ ଏହି ଯାତ୍ରାରେ ଆମ ସହିତ ପାର୍ଟନର ହେବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରୁଛି।"

ଏହି ଦୃଷ୍ଟିଭଙ୍ଗୀ ସହିତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା




ବାହାରେ ଆୟୋଜିତ ରାଜ୍ୟର ପ୍ରଥମ କ୍ଷେତ୍ର-କୈନ୍ଦ୍ରିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରେ ଓଡ଼ିଶା ପାଇଁ ଏକ ନୂତନ ଅଭିବୃଦ୍ଧି ଏଜେଣ୍ଡା ଉପସ୍ଥାପନ କରିଛନ୍ତି।

ଉତ୍ପାଦନ, ରପ୍ତାନି ଏବଂ ବିଶ୍ୱବଜାର ସହିତ କୃଷି କ୍ଷେତ୍ରକୁ ସଂଯୋଗ କରୁଥିବା ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମର ବିକାଶ ଦିଗରେ ଆଜିର ଏହି ଇଭେଣ୍ଟ ସହାୟକ ହୋଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀବୃନ୍ଦ, ଏସୋଚାମ୍ ର ପ୍ରତିନିଧି ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ ରୁ ଅଧିକ ଶିଳ୍ପ ନେତା, ଖାଦ୍ୟ ପ୍ରକ୍ରିୟାକରଣ ସଂଘ, ଉଦ୍ୟୋଗୀ, ନିବେଶକ ଏବଂ ବ୍ୟବସାୟୀ ପ୍ରତିନିଧିମାନେ (୯ ପୃଷ୍ଠାରେ)

**୪୩,୩୧୬ ଜଣଙ୍କୁ ନିଯୁକ୍ତି ସୁଯୋଗ**

**ରୋଡ୍‌ଶୋରେ ଯୋଗଦେଲେ ୩୦୦ରୁ ଅଧିକ ଉଦ୍ୟୋଗପତି**

**ଗ୍ରାମାଞ୍ଚଳ ରୂପାନ୍ତର, ଶିଳ୍ପ ଭବିଷ୍ୟତ ମଧ୍ୟରେ ଏକ ସେତୁ : ମୁଖ୍ୟମନ୍ତ୍ରୀ**

## ଆଜି ଲଘୁଚାପ : ଦୁଇଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୭।୮ (ସବ୍ୟୁ) : ରାଜ୍ୟରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପ ରୂପ ନେବାକୁ ଯାଉଛି। ଗତ ଦୁଇଦିନ ଧରି ତୁହାକୁ ତୁହା ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ଜଳାର୍ଣ୍ଣବ ପରିସ୍ଥିତି ଉପୁଜିଛି। ଆସନ୍ତା ଦୁଇଦିନ ମଧ୍ୟ ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି।

### ନର୍ଲାରେ ସର୍ବାଧିକ ୧୩୧ ମିମି

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଏବଂ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚରେ ବ୍ୟାପିଛି। ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ଦୁଇ ଦିନ ଯାଏଁ ଭଲ ବର୍ଷା ହୋଇପାରେ। ବିଶେଷକରି ଉତ୍ତର ଉପକୂଳ ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଗୁଡ଼ିକରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି (ଶନିବାର)



ସୁଦ୍ଧା ଲଘୁଚାପରେ ପରିଣତ ହେବା ସହ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହାର ୪୮ ଘଣ୍ଟା ପରେ ସମ୍ଭାବ୍ୟ ଲଘୁଚାପ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡିଶା, ଝାଡଖଣ୍ଡ ଓ ଉତ୍ତର ଛତିଶଗଡ ଅତିକ୍ରମ କରିବାର ସମ୍ଭାବନା ଅଛି।

ଏହାସହ ମୌସୁମୀ ନିମ୍ନ ଚାପରେଖା ନିଜ ସାଧାରଣ ଅବସ୍ଥାନକୁ ଫେରୁଥିବାରୁ ମୌସୁମୀ ବାୟୁ ପ୍ରବାହ କରି ସଂଗଠିତ କରିବା ଯୋଗୁ ରାଜ୍ୟରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ଶନିବାର ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, (୯ ପୃଷ୍ଠାରେ)

### ଗୋଟିଏ ଶ୍ରେଣୀ ଗୃହରେ ୭୨ ଛାତ୍ରଛାତ୍ରୀ

## ଅଣନିଃଶ୍ୱାସୀ ହୋଇ ମେଡ଼ିକାଲରେ ୬

ଢେଙ୍କାନାଳ, ୭।୮ (ସବ୍ୟୁ): ମାଗଣା ଶିକ୍ଷାବ୍ୟବସ୍ଥାର କରୁଣ ପରିଣତି। ଗୋଟିଏ ଶ୍ରେଣୀ ଗୃହରେ ଅଦାବସ୍ତା ଭଳି ୮୨ଜଣ ଛାତ୍ରଛାତ୍ରୀ। ଛୋଟ ଶ୍ରେଣୀଗୃହ ସାଙ୍ଗକୁ ବାୟୁ ଚଳାଚଳ ବ୍ୟବସ୍ଥା ଠିକ୍ ନଥିବାରୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ଛାତ୍ରଛାତ୍ରୀ ମାନେ ନାକେଦମ ହୋଇପଡୁଛନ୍ତି।

ଆଜି ଏଭଳି ଏକ ଘଟଣାରେ ୪୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡିଥିବା ବେଳେ ୬ ଜଣଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ୮୨ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଶ୍ରେଣୀଗୃହ



ଅଭାବରୁ ସେଭଳି ଭେଣ୍ଟିଲେସନ ଅବସ୍ଥା ନଥିବାବେଳେ ୪୦ଜଣ ବସିବା ସ୍ଥାରେ ୭୨ଜଣ ବସିବା ଯୋଗୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି। ଫଳରେ ଛାତ୍ରଛାତ୍ରୀ ମାନେ ଅଣ ନିଶ୍ୱାସୀ ହୋଇପଡୁଛନ୍ତି। ଆଜି ପ୍ରଥମ କ୍ଲାସ ପରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ୬ ଜଣ ଛାତ୍ରୀଙ୍କୁ ଅଣନିଶ୍ୱାସୀ ହେବାରୁ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା (୯ ପୃଷ୍ଠାରେ)

### ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ବୈଠକ

## ଜନକେନ୍ଦ୍ରିକ, ମାନବିକତା ଆଭିମୁଖ୍ୟ ପ୍ରତି ଭାରତ ପ୍ରତିବଦ୍ଧ : ଯୋଶୀ

ଭୁବନେଶ୍ୱର, ୭।୮ (ସବ୍ୟୁ) : ବ୍ରିକ୍ସ ସହଯୋଗରେ ଜନ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ। ଶ୍ରୀ ଯୋଶୀ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ଘୋଷଣାନାମା ଗୃହୀତ ହୋଇଛି।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ବ୍ରିକ୍ସ ସହଯୋଗୀଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି




ବୈଠକରେ ସୃଷ୍ଟି ହୋଇଥିବା ଧାରା ଫଳପ୍ରଦ ପରିଣାମ ଆଣିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ବାର୍ତ୍ତା "ଦୃଢ଼ତା, ନବସୃଜନ, ସହଯୋଗ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ" ବିଷୟରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ, ଶିକ୍ଷା ବ୍ୟବସ୍ଥା ମାନବୀୟ ମୂଲ୍ୟବୋଧର ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହିବା ସହିତ ଯୁବପିଢ଼ିଙ୍କୁ ପରିବର୍ତ୍ତିତ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଉଚିତ୍। ବିଦ୍ୟାର୍ଥୀ, ଶିକ୍ଷକ, ଗବେଷକ ଓ ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣ ଏବଂ ଅନ୍ତର୍ଜାତୀୟ ସହଯୋଗର କେନ୍ଦ୍ରରେ ରଖାଯିବା ଆବଶ୍ୟକ।

ଶ୍ରୀ ଯୋଶୀ କହିଥିଲେ, ଶିକ୍ଷା ହେଉଛି ସମାବେଶୀ ବିକାଶ ଏବଂ ସହଭାଗୀ ସମୃଦ୍ଧିର ମୂଳଦୁଆ। ଆଜିର ବୈଠକରେ ଗୃହୀତ ହୋଇଥିବା ଘୋଷଣାନାମା ପାଞ୍ଚଟି (୯ ପୃଷ୍ଠାରେ)

**ଶିକ୍ଷା ବ୍ୟବସ୍ଥାରେ ନିରନ୍ତର ପରିବର୍ତ୍ତନ ସୁନିଶ୍ଚିତ କରିବାକୁ ନବସୃଜନ ଜରୁରୀ**

## କୁଆଖାଇରେ ଭାସିଗଲେ ଦୁଇ, ଜଣେ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ଗାଧୋଉଥିବାବେଳେ କୁଆଖାଇରେ ଭାସିଯାଇଥିବା ଦୁଇ ଛାତ୍ରଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ। ଉଦ୍ଧାର ହୋଇଥିବା ଧଉଳି ଅଞ୍ଚଳର ରୁଦ୍ରନାରାୟଣ ସ୍ୱାଇଁଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଭାସିଯାଇଥିବା ଲକ୍ଷ୍ମୀସାଗର ଅଞ୍ଚଳର ଦିବ୍ୟଜ୍ୟୋତି ସ୍ୱାଇଁଙ୍କ ସନ୍ଧାନ ମିଳିନାହିଁ। ସନ୍ଧ୍ୟା ହୋଇଯିବାରୁ ନଦୀରେ ସର୍ଚ୍ଚ ଅପରେସନ କାର୍ଯ୍ୟ ବନ୍ଦ ରହିଛି। ଆସନ୍ତାକାଲି ପୁଣି ଦିବ୍ୟଜ୍ୟୋତିଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ହେବ।

ବାଲିଅନ୍ତା ନିକଟ ଇନ୍ଦ୍ରପାଲ ସାଇମନ୍ଦିର ପାଖ କୁଆଖାଇ ନଦୀଘାଟକୁ ୪ ଜଣ ଛାତ୍ର ଗାଧୋଇବାକୁ ଯାଇଥିଲେ। ତାଙ୍କ ମଧ୍ୟରୁ ଦିବ୍ୟଜ୍ୟୋତି ଓ ରୁଦ୍ରନାରାୟଣ ନଦୀର ଗଭୀର ଜଳକୁ ଚାଲିଯିବାରୁ ଆଉ ଫେରିପାରି ନଥିଲେ। ଅନ୍ୟ ଦୁଇ ସାଙ୍ଗ ନଦୀପଠାକୁ ଆସିବା ପରେ ଘରକୁ ଖବର କରିଥିଲେ। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ (୯ ପୃଷ୍ଠାରେ)

## କରଡାପଲ୍ଲି ଗାଆଁରେ ଝାଡ଼ାବାନ୍ତି, ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ବାଙ୍କୀ, ୭।୮ (ସବ୍ୟୁ): କଟକ ଜିଲ୍ଲାର ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ପଞ୍ଚାୟତର କରଡାପଲି ଗାଁରେ ଡାଇରିଆରେ ବହୁ ଲୋକେ ଆକ୍ରାନ୍ତ ହୋଇଛନ୍ତି। ଦୁଇ ଦିନ ରେ ୫୦ ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଛୋଟ ପିଲା ଆକ୍ରାନ୍ତ ହୋଇ ପ୍ରଥମେ କଳାପଥର ସ୍ୱାସ୍ଥ୍ୟ କେନ୍ଦ୍ରରେ କିଏ ଚିକିତ୍ସିତ ହୋଇ ଘରକୁ ଫେରି ଥିବା ବେଳେ ଅନେକ ଙ୍କୁ ଘରୋଇ ନର୍ସିଂ ହୋମ ରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଅନେକ ଘରେ ରହି ଚିକିତ୍ସିତ ହେଉଛନ୍ତି। ପିଇବା ପାଣି ରୁ ଏହି ଡାଇରିଆ ବ୍ୟାପି ଥିବାର ଗ୍ରାମବାସି ମାନେ ସନ୍ଦେହ ପ୍ରକାଶ କରୁଛନ୍ତି।

ଖବର ପାଇ ଆଶା , ଅଙ୍ଗନୱାଡି କର୍ମୀ ଘରକୁ ଘର ଯାଇ ଓଆରଏସ, ଔଷଧ ବଣ୍ଟନ କରୁଛନ୍ତି। କୂଅରେ ବ୍ଲିଚିଂ ପାଉଡର ପକା ଯାଉଛି। କିନ୍ତୁ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ର କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗର ଟିମ ପହଞ୍ଚି ନାହାନ୍ତି। କଳାପଥର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ କରଡାପଲ୍ଲୀ ଉପ କେନ୍ଦ୍ର ର ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନଓ୍ୱାଡି କର୍ମୀ ଘରକୁ ଘର ଯାଇ ରୋଗୀ ମାନଙ୍କୁ ସାକ୍ଷୀ କରି ଆବଶ୍ୟକୀୟ ଔଷଧ ବଣ୍ଟନ କରୁଛନ୍ତି। ହେଲେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ। କୌଣସି ଡାକ୍ତରୀ ଟିମ ଡାକ୍ତର ଚିକିତ୍ସା କରିବା ପାଇଁ ଆସି ନ ଥିବା ରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ପାଖରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ (୯ ପୃଷ୍ଠାରେ)

## ପାକ୍, ସାଉଦି, ତୁର୍କୀ ମଧ୍ୟରେ ଯୁଗ୍ମ ପ୍ରତିରକ୍ଷା ଚୁକ୍ତି

ନୂଆଦିଲ୍ଲୀ, ୭।୮ : ପାକିସ୍ତାନ, ସାଉଦିଆରବ ଓ ତୁର୍କୀ ମଧ୍ୟରେ ଏକ ଯୁଗ୍ମ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ଏହି ଚୁକ୍ତି ବେଶ୍ ଗୁରୁତ୍ୱ ବହନ କରୁଛି। ଏହି ଚୁକ୍ତିକୁ ମକ ଯୁଗ୍ମ ପ୍ରତିରକ୍ଷା ଚୁକ୍ତି ବୋଲି କୁହାଯାଉଛି। ଚୁକ୍ତି ଅନୁଯାୟୀ ଏହି ୩ ଦେଶ ମଧ୍ୟରୁ ଗୋଟିଏ ଦେଶ ଉପରେ ଯଦି ଆକ୍ରମଣ ହୁଏ ତେବେ ସବୁ ଦେଶ ଉପରେ ଏହା ଆକ୍ରମଣ ବୋଲି ବୁଝିବାକୁ ପଡ଼ିବ। ଏହି ବୁଝାମଣାର ଉଦ୍ଦେଶ୍ୟ ହେଉଛି କୌଣସି ପ୍ରକାର ଆକ୍ରମଣ ବିରୋଧରେ ସାମୁହିକ ସୁରକ୍ଷାକୁ ମଜଭୁତ କରିବ।

ଏହି ବୁଝାମଣାରେ ସାଉଦି ଆରବର ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍, ତୁର୍କୀ ରାଷ୍ଟ୍ରପତି ରେସବ୍ ତୟପ ଏର୍ଦୋଗାନ୍ ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହେବାଜ ସରିଫଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ସହିତ ତୈଳ ସମ୍ପଦରେ ସମୃଦ୍ଧ ସାଉଦି ଆରବ ସହ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ପାକିସ୍ତାନ ଓ ତୁର୍କୀ ମଧ୍ୟ ଏକ ସଙ୍ଗରେ (୯ ପୃଷ୍ଠାରେ)

### ଘଣ୍ଟା ଘଣ୍ଟା ଅପେକ୍ଷା

## ବାଧୁଛି ରାସନ ପୀଡ଼ା

ଭୁବନେଶ୍ୱର, ୭।୮ (ସବ୍ୟୁ): ରାଜ୍ୟରେ ଗରିବ ଲୋକଙ୍କ ଲାଗି ମାଗଣାରେ ରାସନ ଚାଉଳ ମିଳୁଛି। ଜଣେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଦିଆଯାଉଛି। ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କେଜି ମିଳୁଛି। ଏହାରି ଭିତରେ ପୁରୁଣା ଖାତା ବଦଳିଛି, ନୂଆ ଗେରୁଆ ଖାତା ମିଳିଛି। ତେବେ ଡିଲରଙ୍କୁ ମିଳିଛି ନୂଆ ମେସିନ ଓ ନିୟମରେ ବି ପରିବର୍ତ୍ତନ ହୋଇଛି। ନୂଆ ମାର୍ଗଦର୍ଶିକା ଯୋଗୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି ହିତାଧିକାରୀଙ୍କୁ। ଲୋକଙ୍କୁ ଏବେ ମାଗଣା ଚାଉଳଠୁ ବଳିଯାଉଛି ଅପେକ୍ଷାର ପୀଡ଼ା।

ରାଜ୍ୟରେ ସମୁଦାୟ ୧ କୋଟି ୯୬ ହଜାର ୨୯୯ ରାସନ କାର୍ଡ ହିତାଧିକାରୀ ପରିବାରର ୩କୋଟି ୨୮ ଲକ୍ଷ ୫୨ ହଜାର ୪୩୩ ଜଣ ସଦସ୍ୟ ଅଛନ୍ତି। ସେଥିମଧ୍ୟରୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧିନସ୍ଥ ଅନ୍ତୋଦୟ ଅନ୍ନ ଯୋଜନା ଶ୍ରେଣୀରେ ୧୨ ଲକ୍ଷ ୩୮ ହଜାର ୩୨୧ ପରିବାରର ୩୪ ଲକ୍ଷ ୩୫ ହଜାର ୬୨୪ ଜଣ ସଦସ୍ୟ ତଥା ଅଗ୍ରାଧିକାର ପରିବାର ଶ୍ରେଣୀରେ ୮୫ ଲକ୍ଷ ୫୯ ହଜାର ୨୫୧ ପରିବାରର ୨ କୋଟି ୮୮ ଲକ୍ଷ ୫୪ ହଜାର ୫୦ ଜଣ ସଦସ୍ୟ ଅନ୍ତର୍ଭୁକ୍ତ ଅଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ୨ ଲକ୍ଷ ୯୮ ହଜାର ୭୨୭ ପରିବାରର ୫ ଲକ୍ଷ ୬୨ ହଜାର ୭୪୧ ଜଣ ସଦସ୍ୟ ଅନ୍ତର୍ଭୁକ୍ତ ଅଛନ୍ତି ବୋଲି ବିଧାନସଭାରେ ତଥ୍ୟ ରଖିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ।

ରାଜ୍ୟ ସରକାର ଏବେ ରାସନକାର୍ଡ ପରିବର୍ତ୍ତନ କରିଛନ୍ତି। ପୁରୁଣା ସବୁଜ ରାସନକାର୍ଡ ବଦଳରେ ଗେରୁଆକାର୍ଡ ହିତାଧିକାରୀଙ୍କୁ ଦିଆଯାଇଛି। ଏହା ସହିତ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମିଳୁଥିବା ବେଳେ ଅତିରିକ୍ତ ୫ କେଜି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅତିରିକ୍ତ ୫ କେଜି ଚାଉଳ ବଣ୍ଟନ ହେଉଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂଆ ମେସିନ୍ ଡିଲରମାନଙ୍କୁ ଦିଆଯାଇଥିବା ବେଳେ ମାର୍ଗଦର୍ଶିକା ବି ବଦଳିଛି।

ପୂର୍ବରୁ ଗୋଟିଏ ଥର ଆଖି ବାୟୋମେଟ୍ରିକ ଭାବେ ଦିଆଯାଉଥିବା ବେଳେ ଏବେ କିନ୍ତୁ ଦୁଇ ଥର ଆଖି ଦିଆଯାଉଛି। ଦୁଇଥର ଆଖି ଦେବା ସମୟରେ ବାୟୋମେଟ୍ରିକ୍ ଗ୍ରହଣ କରୁନଥିବାବେଳେ ୩ରୁ ୪ଥର ଆଖି ବାୟୋମେଟ୍ରିକ କରାଯିବା ଯୋଗୁ ସମୟ ପ୍ରାୟ ୨୦ ମିନିଟ୍ ଲାଗୁଛି। ସେହିପରି ଗୋଟିଏ ଥର ଚାଉଳ ଓଜନ ହେଉଥିବା ବେଳେ ଏଥର କିନ୍ତୁ ୨ ରୁ ୪ ଥର ପର୍ଯ୍ୟନ୍ତ ଚାଉଳ ଓଜନ କରାଯିବାକୁ ନିର୍ଦ୍ଦେଶ ରହିଛି। ଚାଉଳ ଓଜନ ଯନ୍ତ୍ର ବାୟୋମେଟ୍ରିକ ସହିତ ଯୋଡା ଯାଇଥିବାରୁ ସେଥିରୁ ବିଲ ମଧ୍ୟ ବାହାରୁଛି। ଏହି ସମସ୍ତ (୯ ପୃଷ୍ଠାରେ)

**⏭ ନୂଆ ମାର୍ଗଦର୍ଶିକା, ସର୍ଭର ଧିମା ଯୋଗୁ ଯନ୍ତ୍ରଣା**

**⏭ ଜଣେ ହିତାଧିକାରୀଙ୍କୁ ବାୟୋମେଟ୍ରିକ ଲାଗି ୨୦ ମିନିଟ**

**⏭ କେଉଁଠି ଆଖି ମିଶୁଛି ତ ଟିପ ମିଶୁନି**

## ବିରୋଧୀ ଜିଦ୍‌ରେ ଅଟଳ, ସଂସଦରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ, ୭।୮ : ମୌସୁମୀ ଅଧିବେଶନର ୧୫ ଦିନରେ ମଧ୍ୟ ସଂସଦରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ତେବେ ଆଜି ଲୋକସଭାରେ ବିନା ବିତର୍କରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ସଂଶୋଧନ ବିଲ୍ ପାରିତ ହୋଇଛି। ତେବେ ବିରୋଧୀ ସାଂସଦମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହକୁ ଆସି ଛାତ୍ରଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିବୃତ୍ତି ଦେବା ଦାବିରେ ଅଡି ବସିଛନ୍ତି। ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଲୋକସଭାକୁ ଆସନ୍ତା ସୋମବାର ଯାଏ ମୁଲତବୀ କରାଯାଇଛି।

ଆଜି ଲୋକସଭାରେ ପାରିତ ହୋଇଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଶୋଧନ ବିଲ୍‌ରେ କେତେକ ପରିବର୍ତ୍ତନ କରାଯାଇଛି। ଏଥିରେ ଜାତୀୟ ଡିଜିଟାଲ ପ୍ଲାଟ୍‌ଫର୍ମରେ ମାଗଣା ଓ ସ୍ୱେଚ୍ଛାକୃତ ପଞ୍ଜିକରଣ ବ୍ୟବସ୍ଥା



ଏମ୍‌ଏସ୍‌ଏମ୍‌ଇ ପାଇଁ କରାଯାଇଛି। ରାଜ୍ୟସଭାରେ ମଧ୍ୟ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ପୁନର୍ବାର ଜୁଲାଇ ୨୦ରେ ଛାତ୍ରମାନଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ବିରୋଧରେ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତ୍ତି ଦାବି କରିଥିଲେ। ଏହି ଦାବିରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜ୍‌ଜୁ ପ୍ରତିବାଦ କରୁଥିବା ବିରୋଧୀ ସଦସ୍ୟଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ କେଉଁ ମନ୍ତ୍ରୀ କେତେବେଳେ ଗୃହକୁ ଆସିବେ ତାହା ବିରୋଧୀମାନେ ସ୍ଥିର କରିପାରିବେ ନାହିଁ। ଶ୍ରୀ ଖଡ୍‌ଗେ କହିଥିଲେ ଯେ ରାଜ୍ୟସଭା ସଦସ୍ୟ ସିପି ରାଧାକ୍ରିଷ୍ଣନ୍ ଗତକାଲି ଶ୍ରୀ ଶାହାଙ୍କୁ ଗୃହକୁ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମନ୍ତ୍ରୀ ଶ୍ରୀ ରିଜ୍‌ଜୁ ଏହାକୁ ଖଣ୍ଡନ କରି କହିଥିଲେ ଯେ ରାଜ୍ୟସଭା ଅଧ୍ୟକ୍ଷ ଏଭଳି କୌଣସି ନିର୍ଦ୍ଦେଶ ଦେଇନଥିଲେ। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସେ ଭାବୁଛନ୍ତି ଗୃହମନ୍ତ୍ରୀ (୯ ପୃଷ୍ଠାରେ)

## ଇତିହାସ

୧୮୬୪- ଜେନେଭାରେ ରେଡକ୍ରସ ସ୍ଥାପିତ ।
୧୮୭୭- ଥୋମାସ୍ ଅଲଭା ଏଡିସନ୍ ମିମିଓଗ୍ରାଫର ପେଟେଣ୍ଟ କରାଇଲେ ।
୧୮୯୯- ଏ.ଟି.ମାର୍ଶଲ ରେଫ୍ରିଜରେଟରର ପେଟେଣ୍ଟ କରାଇଲେ ।
୧୯୦୦- ବୋଷ୍ଟନରେ ପ୍ରଥମ ଡେଭିସ୍ କପ୍ ଶୃଙ୍ଖଳର ଶୁଭାରମ୍ଭ ।
୧୯୦୮- ଶାସ୍ତ୍ରୀୟ ସଂଗୀତ ଗାୟିକା ସିଦ୍ଧେଶ୍ୱରୀ ଦେବୀଙ୍କ ଜନ୍ମ ।
୧୯୨୨- ଭାରତୀୟ ଚିକିତ୍ସା ବୈଜ୍ଞାନିକ ଭି. ରାମଲିଙ୍ଗସ୍ୱାମୀଙ୍କ ଜନ୍ମ ।
୧୯୪୦- ଭାରତୀୟ କ୍ରିକେଟର ଦିଲ୍ଲୀପ ସରଦେଶାଇଙ୍କ ଜନ୍ମ ।
୧୯୪୨- ମହାତ୍ମା ଗାନ୍ଧିଙ୍କ ଦ୍ୱାରା ଭାରତ ଛାଡ଼ ଆନ୍ଦୋଳନର ଶୁଭାରମ୍ଭ ।
୨୦୧୦- ପ୍ରଥମ ଭାରତୀୟ ମହିଳା ରୂପେ ମ୍ୟୁନିଚରେ ଆୟୋଜିତ ବିଶ୍ୱ ଶୁଟିଂ ପ୍ରତିଯୋଗିତାରେ ତେଜସ୍ୱିନୀ ସାବନ୍ତଙ୍କୁ ସ୍ୱର୍ଣ୍ଣ ପଦକ ।

## ନାସାର ନୂଆ କ୍ରୁ ମେମ୍ବର

ନାସାର ମହାକାଶଚାରୀ ଜେସିକା ମେୟର ସୋସିଆଲ ମିଡିଆ ଏକ୍ସରେ ଏକ ଆକର୍ଷଣୀୟ ପୋଷ୍ଟ ସେୟାର କରି ମହାକାଶ ଗବେଷଣାଗାର 'ଏକ୍ସପେଡିସନ୍ ୭୫' ର ନୂତନ ସଦସ୍ୟ ଭାବେ 'ରେଡ଼ ରୁଷିଆନ୍ କେଲ୍' ଏବଂ 'ଓସାକି ମୋରିଚ' ଗଛକୁ ସାମିଲ କରାଯାଇଥିବା ସୂଚନା ଦେଇଛନ୍ତି । ମହାକାଶଚାରୀମାନେ ନିଜର ଅବସର ସମୟରେ ଏହି ଜୀବନ୍ତ ଗଛଗୁଡ଼ିକର ଯତ୍ନ ନେଉଥିବାବେଳେ, ମହାକାଶ ଷ୍ଟେସନର ବିଶେଷ 'ପ୍ଲାଣ୍ଟ ହାବିଟାଟ୍' ବଦଳରେ କ୍ୟାବିନ୍‌ର ଖୋଲା ପରିବେଶରେ ଗଛଗୁଡ଼ିକର ବୃଦ୍ଧି କିପରି ହେଉଛି ଏବଂ ମହାକାଶରେ ସଂରକ୍ଷିତ ମଞ୍ଜିର ଅଙ୍କୁରୋଦ୍‌ଗମ କ୍ଷମତା ଉପରେ କି ପ୍ରଭାବ ପଡୁଛି, ତାହା ପରୀକ୍ଷା କରିବା ଏହି ଗବେଷଣାର ମୁଖ୍ୟ ଉଦ୍ଦେଶ୍ୟ । ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିର୍ଜୀବ ମହାକାଶ ଷ୍ଟେସନ ଭିତରେ ଏହି ସବୁଜ ଗଛଗୁଡ଼ିକ ଏକ ପ୍ରକାର ମନେର ଥେରାପି ଯୋଗାଉଥିବା ନେଇ ମେୟର ନିଜ ପ୍ରତିକ୍ରିୟା ରଖିଛନ୍ତି । ସୋସିଆଲ ମିଡିଆରେ ଏହି ପୋଷ୍ଟଟି ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି ।



## ହାଃ ହାଃ

ସ୍ତ୍ରୀ: (ରାଗି ଗଲେ) ମୁଁ ଆପଣଙ୍କୁ ଆଉ ବରଦାସ୍ତ କରିପାରିବି ନାହିଁ, ମୁଁ ନିଜ ବାପଘରକୁ ଚାଲିଯାଉଛି !
ସ୍ୱାମୀ: (ଶାନ୍ତ ସ୍ୱରରେ) ସାବଧାନରେ ଯିବ, ଆଉ ପହଞ୍ଚିଲା ପରେ ଗୋଟେ ମେସେଜ୍ କରିଦେବ ।
ସ୍ତ୍ରୀ: କାହିଁକି, ମୋ କଥା ଚିନ୍ତା ହେଉଛି ନା କଣ?
ସ୍ୱାମୀ: ନା ନା, ସେମିତି କିଛି ନୁହେଁ... ମୋର ବିଶ୍ୱାସ ହେବନି ତ, ସେଥିପାଇଁ ପ୍ରମାଣ ।

## ୯୭ ବର୍ଷରେ କରୁଛନ୍ତି ଷ୍ଟଣ୍ଟ



ବ୍ରିଟେନ୍‌ର ୯୭ ବର୍ଷୀୟା ବୃଦ୍ଧା ବେଟି ବ୍ରୋମେଜ୍ ଉଡ଼ନ୍ତା ବିମାନର ଡେଣା ଉପରେ ସେଫ୍ଟି ବେଲ୍ଟ ସାହାଯ୍ୟରେ ଛିଡ଼ା ହୋଇ 'ୱିଙ୍ଗ୍ ୱାକିଂ' ଭଳି ଏକ ସାହସିକ ଷ୍ଟଣ୍ଟ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ୮୭ ବର୍ଷ ବୟସରୁ ଏହି ରୋମାଞ୍ଚକର ଯାତ୍ରା ଆରମ୍ଭ କରିଥିବା ବେଟି ଏପର୍ଯ୍ୟନ୍ତ ୬ ଥର ଉଡ଼ନ୍ତା ପ୍ଲେନ୍‌ର ଡେଣା ଉପରେ ଛିଡ଼ା ହୋଇସାରିଛନ୍ତି । ପୂର୍ବରୁ ୯୩ ବର୍ଷ ବୟସରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ମଧ୍ୟ ନିଜ ନାମରେ କରିସାରିଛନ୍ତି । ଗତବର୍ଷ ଷ୍ଟ୍ରୋକ୍ ପରେ କଥା କହିବାରେ ସମସ୍ୟା ଦେଖାଦେଇଥିଲେ ବି ଏହି ରୋଗକୁ ହରାଇ ୯୭ ବର୍ଷ ୧୨୭ ଦିନ ବୟସରେ ସେ ପୁଣିଥରେ ଏହି ବିପଜ୍ଜନକ ଷ୍ଟଣ୍ଟ ସଫଳତାର ସହ ସମ୍ପାଦନ କରିଛନ୍ତି । ନିଜର ଦୃଢ଼ ଇଚ୍ଛାଶକ୍ତି ପ୍ରଦର୍ଶନ କରିବା ସହ ଏହି ଷ୍ଟଣ୍ଟରୁ ସଂଗୃହିତ ସମସ୍ତ ଅର୍ଥ ସେ ନିଜର ଚିକିତ୍ସା ଚାଲିଥିବା ହସ୍ପିଟାଲର ଷ୍ଟ୍ରୋକ୍ ୟୁନିଟ୍‌କୁ ଦାନ କରିଛନ୍ତି । ବର୍ତ୍ତମାନ ସେ ସୋସିଆଲ ମିଡିଆରେ ଭାଇରାଲ ହେବାସହ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

## ସାପ ମାଂସରୁ ଛଣା ହେଉଛି ପକୋଡ଼ି

ଭାରତରେ ନାଗପଞ୍ଚମୀ ଦିନ ସାପଙ୍କୁ ପୂଜା କରାଯାଉଥିବା ବେଳେ ଇଣ୍ଡୋନେସିଆର ଜକାର୍ତ୍ତା ଭଳି ସହରରେ ନାଗସାପ ମାଂସରୁ ପ୍ରସ୍ତୁତ ପକୋଡ଼ା, ଟିକ୍କା ଓ ଅନ୍ୟାନ୍ୟ ବ୍ୟଞ୍ଜନ ଲୋକେ ବେଶ ଉତ୍ସାହରେ ଖାଉଛନ୍ତି । ଏଠାକାର କିଛି ଦୋକାନରେ ଗ୍ରାହକଙ୍କ ଅର୍ଡର ମିଳିବା କ୍ଷଣି ସେମାନଙ୍କ ସମ୍ମୁଖରେ ଜୀବନ୍ତା କୋବ୍ରାରୁ ମାଂସ ବାହାର କରି ବେସନ, ମସଲା ଓ କଞ୍ଚାଲଙ୍କା ସହ ମିଶାଇ ପକୋଡ଼ା ଛଣାଯାଏ, ଯାହାର ଗୋଟିଏ ପ୍ଲେଟ୍‌ର ମୂଲ୍ୟ ପ୍ରାୟ ୧୦୦୦ ଟଙ୍କା । ଏହା ବ୍ୟତୀତ କୋବ୍ରାର ରକ୍ତ ଓ ପିତ୍ତରୁ ପ୍ରସ୍ତୁତ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଏଠାରେ ମିଳିଥାଏ । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ, କୋବ୍ରା ମାଂସରେ ପ୍ରଚୁର ପ୍ରୋଟିନ୍ ଥାଏ ଏବଂ ଏହା ଶରୀରକୁ ଶକ୍ତି ଦେଇଥାଏ । ମାତ୍ର ବିଶେଷଜ୍ଞଙ୍କ ମତରେ ସଠିକ୍ ଭାବେ ପ୍ରସ୍ତୁତ ନହେଲେ ସାପ ମାଂସ ଓ ରକ୍ତ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ନିକଟରେ ଏହାର ଏକ ଭିଡିଓ ଭାଇରାଲ୍ ହେବା ପରେ କିଛି ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଅନ୍ୟ କେତେକ ଏହାକୁ ସ୍ଥାନୀୟ ଖାଦ୍ୟ ସଂସ୍କୃତିର ଅଂଶ ବୋଲି ଦର୍ଶାଇଛନ୍ତି ।



## ସୋସିଆଲ କୋଟ୍ସ



ମୁଁ ଯେତେବେଳେ ଖୁବ କମ ବୟସର ଥିଲି ସେତେବେଳେ ସ୍କୁଲରୁ ଆସିବାବେଳେ ମୋ ସହିତ ହାରାସ୍‌ମେଣ୍ଟ ହୋଇଥିଲା । ହେଲେ ମୁଁ ସେତେବେଳେ ବହୁତ ଛୋଟ ଥିଲି, ତେଣୁ କିଛି କରିପାରି ନଥିଲି ।
**ସେଫାଲି ଶାହ, ଅଭିନେତ୍ରୀ**



ମୁଁ ଏବେ ମଧ୍ୟ ଭଲପାଇବା ଉପରେ ବିଶ୍ୱାସ ରଖିଛି । ତାଙ୍କ ପରେ ମଧ୍ୟ ମୋତେ ପ୍ରେମ ହୋଇଛି । ମିଡିଆ ଟ୍ରାଏଲ୍ କେବେ ବି କାହା ଉପରେ ଲାଗିଥିବା ଅଭିଯୋଗକୁ ପ୍ରମାଣ କରି ପାରିବ ନାହିଁ ।
**ସୁରଜ ପଞ୍ଚୋଲି, ଅଭିନେତା**



ଗଦରର ସୁଟିଂ ସମୟରେ ମୋତେ ପଞ୍ଜାବର ୫୦ଜଣ ସରପଞ୍ଚ ସାହାଯ୍ୟ କରିଥିଲେ । ଫିଲ୍ମର ଏକ ସିନ୍‌ରେ ପାଖାପାଖି ୫୦ ହଜାର ଲୋକଙ୍କର ଆବଶ୍ୟକତା ଥିଲା, ଯାହା ଏହି ସରପଞ୍ଚଙ୍କ ସାହାଯ୍ୟରେ ସମ୍ଭବ ହୋଇ ପାରିଲା ।
**ଅନିଲ ସର୍ମା, ଫିଲ୍ମମେକର**

## ବିନା ପୋଷାକରେ ରେଷ୍ଟୋରାଁରେ ଖାଇବା



ଆମେରିକାର ଫ୍ଲୋରିଡ଼ାସ୍ଥିତ 'ସି.ଏଲ୍.ଏ.ଏସ୍.ଏସ୍. ପ୍ରାଇଭେଟ୍ ସୋୟାରୀ ଷ୍ଟେକ୍ ହାଉସ୍'ରେ ଏକ ଅନନ୍ୟ 'ନ୍ୟୁଡ୍ ଡାଇନିଂ ଏକ୍ସପେରିଏନ୍ସ' ବା ବିନା ପୋଷାକରେ ଖାଦ୍ୟ ଖାଇବା ଆୟୋଜିତ ହେଉଛି । ଯେଉଁଠାରେ ପ୍ରତି ମାସର ପ୍ରଥମ ସୋମବାର ଗ୍ରାହକମାନେ ବିନା ବସ୍ତ୍ରରେ ରାତ୍ରିଭୋଜନ କରୁଛନ୍ତି । ଗ୍ରାହକଙ୍କ ଆକର୍ଷଣ ବୃଦ୍ଧି ପାଇଁ ଆରମ୍ଭ କରାଯାଇଥିବା ଏହି ପ୍ରାଇଭେଟ୍ ଇଭେଣ୍ଟରେ ପୁରୁଷଙ୍କ ପାଇଁ ଟିକେଟ୍ ମୂଲ୍ୟ ୨୩,୮୦୦ ଟଙ୍କା, ମହିଳାଙ୍କ ପାଇଁ ୧୪,୫୦୦ ଟଙ୍କା ଏବଂ ଦମ୍ପତିଙ୍କ ପାଇଁ ୨୮,୫୦୦ ଟଙ୍କା ରଖାଯାଇଛି । ଅତିଥିଙ୍କ ସୁବିଧା ପାଇଁ ସେମାନଙ୍କୁ ସିଟ୍ କଭର, ତଉଲିଆ ଓ ରୋବଟ ଯୋଗାଇ ଦିଆଯାଉଛି । ୧୮ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କ ପ୍ରବେଶ ନିଷେଧ ଏବଂ ବିନା ସମ୍ମତିରେ ଅନ୍ୟ କାହାକୁ ସ୍ପର୍ଶ କରିବା ଉପରେ କଡ଼ା କଟକଣା ଲଗାଯାଇଛି । ଏହି ଆଇନଗତ କାର୍ଯ୍ୟକ୍ରମରେ ଗ୍ରାହକଙ୍କୁ ସହଜ ଅନୁଭବ କରାଇବାକୁ ହୋଷ୍ଟେସ୍ ବିନା ବସ୍ତ୍ରରେ ସ୍ୱାଗତ କରୁଥିବା ବେଳେ, ଖାଦ୍ୟ ପରିବେଷଣ କରୁଥିବା ୱେଟର୍ ଓ ଅନ୍ୟାନ୍ୟ ଷ୍ଟାଫ୍‌ମାନେ ସମ୍ପୂର୍ଣ୍ଣ ବସ୍ତ୍ର ପରିଧାନ କରି କାର୍ଯ୍ୟ କରୁଛନ୍ତି ।

## ବର୍ଷିଲେ ସୌରଭ



ଅଭିନେତା ସୌରଭ ରାଜ ଜୈନ୍ ରିଆଲିଟି ଶୋ'ଗୁଡ଼ିକର ନିମ୍ନମାନର ବିଷୟବସ୍ତୁକୁ ନେଇ କଡ଼ା ଅସନ୍ତୋଷ ବ୍ୟକ୍ତ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି । ରିଆଲିଟି ଶୋ'ଗୁଡ଼ିକ କେବଳ ଟିଆରପି ହାସଲ କରିବା ପାଇଁ ଯେଉଁ ସ୍ତରକୁ ଖସିଯାଉଛନ୍ତି, ତାହା ନିହାତି ଲଜ୍ଜାଜନକବୋଲି ସେ ମତ ଦେଇଛନ୍ତି । ଏଗୁଡିକ ମାନସିକ ନିର୍ଯାତନା, ନିଷ୍ଠୁରତା ଓ ବିକୃତ ମାନସିକତାର ନଗ୍ନ ପ୍ରଦର୍ଶନ ବୋଲି ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି । 'ଲକ୍‌ଅପ୍-୨', 'ଅଲାଇନ୍ସ' ଏବଂ 'ଭୋଜପୁରୀ ବବାଲ' ଭଳି ଚର୍ଚ୍ଚିତ ଶୋ'ଗୁଡ଼ିକରେ ଅଶ୍ଳୀଳ ଭାଷା, ଗାଳିଗୁଲଜ, ଅନ୍ୟମାନଙ୍କ ସେକ୍ସୁଆଲିଟି ଏବଂ ବ୍ୟକ୍ତିଗତ ଜୀବନକୁ ନେଇ କଟାକ୍ଷ କରାଯାଉଥିବା ସମୟରେ, ବଡ଼ ବଡ଼ ସେଲିବ୍ରିଟି ହୋଷ୍ଟମାନେ କିପରି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ ଯେ, ସୌରଭ ନିଜେ 'ଖତରୋଁ କେ ଖିଲାଡ଼ି ୧୧' ଓ 'ନଚ୍ ବଲିୟେ' ଭଳି ରିଆଲିଟି ଶୋ' ସହ 'ଦେବୋଁ କେ ଦେବ ମହାଦେବ', 'ମହାକାଳୀ' ଏବଂ 'ପଟିଆଲା ବେବ୍ସ' ଭଳି ପ୍ରସିଦ୍ଧ ଧାରାବାହିକରେ ଅଭିନୟ କରିସାରିଛନ୍ତି । ମାତ୍ର ସମାଜ ପ୍ରତି ଇଣ୍ଡଷ୍ଟ୍ରୀର ଦାୟିତ୍ୱବୋଧକୁ ଦୃଷ୍ଟିରେ ରଖି ଏଭଳି ସମ୍ବେଦନହୀନ ବିଷୟବସ୍ତୁ ଉପରେ ତୁରନ୍ତ ଲଗାମ୍ ଲଗାଇବାକୁ ସେ ଦାବି କରିଛନ୍ତି ।

## ଅନ୍ତିମ ସଂସ୍କାରର ନୂଆ ଉପାୟ

ଶବଦାହ କିମ୍ବା କବର ଦେବା ଭଳି ପାରମ୍ପରିକ ଅନ୍ତିମ ସଂସ୍କାର ପଦ୍ଧତି ବ୍ୟତୀତ ଏବେ ଅନ୍ତିମ ବିଦାୟକୁ ନିଜ ପସନ୍ଦ ଅନୁଯାୟୀ ସ୍ମରଣୀୟ କରୁଛନ୍ତି ଲୋକ । ଏଥିପାଇଁ ଆମେରିକା ଓ ବ୍ରିଟେନ୍‌ରେ ଲୋକେ ନିଜ ପ୍ରିୟଜନଙ୍କ ଅସ୍ଥିକୁ ମହାକାଶକୁ ପଠାଇବାର ନୂତନ ଉପାୟ ଆପଣାଉଛନ୍ତି । ଏଥିପାଇଁ କିଛି କମ୍ପାନୀ ବିଶେଷ ବେଲୁନ୍ କିମ୍ବା ସ୍ପେସ୍ ମିଶନ୍ ଜରିଆରେ ମହାକାଶର କକ୍ଷପଥ କିମ୍ବା ପୃଥିବୀରୁ ହଜାର ହଜାର ଫୁଟ୍ ଉଚ୍ଚତାରେ ଅସ୍ଥି ଭସ୍ମକୁ ବିଛାଡ଼ି ପକାଉଛନ୍ତି । ସୂଚନା ଅନୁସାରେ ବ୍ରିଟେନ୍‌ର 'ଅରା ଫ୍ଲାଇଟ୍‌ସ' ଗତ ୯ ବର୍ଷ ମଧ୍ୟରେ ୩୫୦ରୁ ଅଧିକ ଏବଂ ଆମେରିକାର 'ସେଲେଷ୍ଟିସ୍' ୨,୦୦୦ରୁ ଅଧିକ ଲୋକଙ୍କ ଅସ୍ଥି ମହାକାଶକୁ ପଠାଇସାରିଛନ୍ତି । ଏହିଭଳି ଗୋଟିଏ ଉଡ଼ାଣ ପାଇଁ ପ୍ରାୟ ୫ ରୁ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ, ମହାକାଶ ବ୍ୟତୀତ ଲୋକେ ଅସ୍ଥି ଭସ୍ମରୁ କୃତ୍ରିମ ସାମୁଦ୍ରିକ ପାହାଡ଼, ହୀରା ଏବଂ ଗଛ ମଧ୍ୟ ତିଆରି କରୁଛନ୍ତି, ଯାହା ଫଳରେ ଏହି ଆଧୁନିକ ବିକଳ୍ପଗୁଡ଼ିକ ଦ୍ରୁତ ଗତିରେ ଲୋକପ୍ରିୟ ହେବାରେ ଲାଗିଛି ।





**ମେଷ:** ସମ୍ପର୍କରେ ଉନ୍ନତି, ପାରିବାରିକ ଖୁସି, ଅର୍ଥଲାଭ, ନୂତନ କାର୍ଯ୍ୟରେ ବାଧା, ଦୂରଯାତ୍ରା, ଶତ୍ରୁସମସ୍ୟା, ଗୁରୁଜନଙ୍କ ଆଶିର୍ବାଦ, ବିଦ୍ୟାରେ ସଫଳ, ସନ୍ତାନଖୁସି, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଲୋକନାଥ ।

**ବୃଷ:** ସହଯୋଗବୃଦ୍ଧି, ଅତ୍ୟଧିକ ଖୁସିରେ ଅପମାନ, ଅର୍ଥଲାଭ, ସମ୍ପତ୍ତିଲାଭ, ବନ୍ଧୁଗୃହେ ଯାତ୍ରା, ସମ୍ମାନପ୍ରାପ୍ତି, ବହୁଦିନର ଆଶା ପୂରଣ, ନୂତନ କର୍ମ ଆରମ୍ଭ, ଶରୀର ସୁସ୍ଥ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଅର୍ଥଲାଭ, ଉତ୍ସବକୁ ନେଇ ଦୂରଯାତ୍ରା, ବ୍ୟବସାୟରେ ଶତ୍ରୁତା, ଶରୀର ଅସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ନୂତନ ବାନ୍ଧବୀଲାଭ, ଦାମ୍ପତ୍ୟକଳହ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଗଣେଶ ।

**କର୍କଟ:** ଆୟରେ ଉନ୍ନତି, ଅଟକିଥିବା କାର୍ଯ୍ୟର ଅଗ୍ରଗତି, ଶରୀର ସୁସ୍ଥ, ସମ୍ମାନଲାଭ, ବ୍ୟବସାୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଖୁସିଖବର, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ସିଂହ:** ସ୍ୱଜନ ବିରୋଧ, ବ୍ୟବସାୟରେ ଖୁସି, ପେଟ ସମସ୍ୟା, କିଛି କାର୍ଯ୍ୟରେ ଲାଭ, ଅନୁଷ୍ଠାନରୁ ଖୁସି, କଳହ ସମାଧାନ, ଶତ୍ରୁ ପରାଜିତ, ଦ୍ରବ୍ୟପ୍ରାପ୍ତି, ନୂତନ ନିଯୁକ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଜଗନ୍ନାଥ ମହାପ୍ରଭୁ ।

**କନ୍ୟା:** ସହଯୋଗ ବୃଦ୍ଧି, ପୁରାତନ ବନ୍ଧୁଲାଭ, ହଠାତ୍ ଶୁଭଖବର, ପାରିବାରିକ ଖୁସି, କଳହ ସମାଧାନ, ବନ୍ଧୁଲାଭ, ବିଦ୍ୟାରେ ସଫଳତା, ବ୍ୟବସାୟରେ ଅଳ୍ପ ଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ଭୂଆଶୁଣୀ ।

**ତୁଳା:** ହେବାକାର୍ଯ୍ୟ ବିଳମ୍ବ, ଆତ୍ମସମ୍ମାନରେ ବାଧା, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ଦେବଭକ୍ତି, ଶତ୍ରୁସମସ୍ୟା, ସନ୍ତାନଖୁସି, ଦାମ୍ପତ୍ୟକଳହ, ବ୍ୟବସାୟରେ ବାଧା, ଶରୀର ସୁସ୍ଥ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ପ୍ରଭୁ ହନୁମାନ ।

**ବିଛା:** ଦୂରଯାତ୍ରାରେ ସତର୍କ, ବନ୍ଧୁସାହାଯ୍ୟ, ଅତିଥିଲାଭ, ଶତ୍ରୁଙ୍କ ସମସ୍ୟା, ସମ୍ପତ୍ତି ବିବାଦ, ଆୟଠାରୁ ବ୍ୟୟ ଅଧିକ, ଶରୀର ସୁସ୍ଥ, ଅଯଥା କଳହ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ଦ୍ରବ୍ୟଲାଭ, ସମସ୍ୟା ସମାଧାନ, ପୁରାତନରୋଗ ଦେଖାଦେବ, ମାନସିକ ଅବସାଦ, ଯାତ୍ରା ସଫଳ, ଦ୍ରବ୍ୟକ୍ରୟ, ମୋକଦ୍ଦମାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ମକର:** ମାନସିକ ଅଶାନ୍ତି, ଗାଡ଼ିଚାଳନାରେ ସାବଧାନ, ଅର୍ଥଲାଭରେ ବିଳମ୍ବ, କିଛି ଶୁଭ ଆଲୋଚନା, ବ୍ୟବସାୟିକ ଖୁସି, ଶରୀର କଷ୍ଟ, ଅଯଥା ଖର୍ଚ୍ଚ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, କିଛି କ୍ରୟରେ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ଅର୍ଥସୁଖ, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁସମସ୍ୟା, ପୁରାତନ ବିବାଦକୁ ନେଇ ଚିନ୍ତିତ, ଶାରୀରିକ ସମସ୍ୟା, ବିଦ୍ୟାରେ ଅବନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଇସତ୍ ହଳଦୀ, ସଂଖ୍ୟା-୭, ଆରାଧନା-ମା' ବଗଳାମୁଖୀ ।

**ମୀନ:** ମନସ୍ତାପ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ଲାଭ, ବନ୍ଧୁସହଯୋଗ, ବିଶିଷ୍ଟ କାର୍ଯ୍ୟରେ ସଫଳ, ଶରୀର ସୁସ୍ଥ, ହଠାତ୍ ଦୂରଯାତ୍ରା, ଖୁସିଖବର ପିଲାଙ୍କ ସମସ୍ୟା, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମା' ପାର୍ବତୀ ।

**ଶ୍ରାବଣ କୃଷ୍ଣପକ୍ଷ ଦଶମୀ**
**୮.୮.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮










ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଓଡ଼ିଶା ଫୁଡ୍ ପ୍ରୋ - ୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

### ଜିଲ୍ଲାପାଳମାନଙ୍କ ସହ ରାଜସ୍ୱ ମନ୍ତ୍ରୀଙ୍କ ଆଲୋଚନା

# ଡିବିଟି ମାଧ୍ୟମରେ କ୍ଷତିଗ୍ରସ୍ତଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର (ସବ୍ୟୁ): ବନ୍ୟା କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରଭାବିତ ଜିଲ୍ଲାମାନଙ୍କର ରିପୋର୍ଟ ଇତିମଧ୍ୟରେ ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି । ତେବେ କିଛି ଜିଲ୍ଲାରେ ସମ୍ପୂର୍ଣ୍ଣ ରୂପେ ବନ୍ୟାଜଳ ପ୍ରଭାବ ହ୍ରାସ ପାଇନଥିବାରୁ ପରିସ୍ଥିତିରେ ସୁଧାର ଆସିବା ପରେ ଯଥାଶୀଘ୍ର ସେ ଜିଲ୍ଲାର ରିପୋର୍ଟ ପଠାଇବାକୁ ସମ୍ପୃକ୍ତ ଜିଲ୍ଲାପ୍ରଶାସନକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି ।

ଲୋକସେବା ଭବନଠାରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ବନ୍ୟା କ୍ଷୟକ୍ଷତି ଆକଳନ ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । କ୍ଷୟକ୍ଷତି ଆକଳନ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ ସହ କ୍ଷତିପୂରଣ ପ୍ରଦାନ ତ୍ୱରାନିତ କରିବାକୁ ମନ୍ତ୍ରୀ ସମସ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତ । ବନ୍ୟାରେ ପ୍ରାୟ ୨୩ ଜିଲ୍ଲା ଆଂଶିକ ବା ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା



ବେଳେ ସ୍ଥିତି କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଆସୁଛି । ଅଦ୍ୟାବଧି ହସ୍ତଗତ ହୋଇଥିବା ରିପୋର୍ଟ ଅନୁଯାୟୀ ୩୫୬୭ ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ୩୭,୨୯୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି । ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଏହା ଅଧିକ ହୋଇପାରେ । ଆସନ୍ତା ଦୁଇଦିନ ଭିତରେ ସମସ୍ତ ଜିଲ୍ଲାର ଚୂଡ଼ାନ୍ତ ରିପୋର୍ଟ ସହ ସମ୍ପୂର୍ଣ୍ଣ ତଥ୍ୟ ଆସିପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି ।

ସେହିପରି କ୍ଷତିଗ୍ରସ୍ତ ଜନସାଧାରଣଙ୍କ ଡାଟାବେସ୍ ପ୍ରସ୍ତୁତ କରି ବିଭାଗକୁ ପଠାଇବାକୁ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଡିବିଟି ମାଧ୍ୟମରେ ସିଧାସଳଖ କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ କ୍ଷତିପୂରଣ ରାଶି ଦିଆଯିବ । ଏଥିସହିତ ବିପର୍ଯ୍ୟୟ ମୁକାବିଲା ସଙ୍ଗେସଙ୍ଗେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବିକାଶ ନିମନ୍ତେ ସରକାର ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଜଳବାୟୁ ପରିବର୍ତ୍ତନ କୁ ଦୃଷ୍ଟିରେ ରଖି ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହେଉଛି । ସହରାଞ୍ଚଳ ବନ୍ୟା ତଥା ଜଳବନ୍ଦୀ ଅବସ୍ଥାର ମୁକାବିଲା ପାଇଁ ୧୦ଟି ସହରାଞ୍ଚଳକୁ ମଡେଲ ସହର ଭାବେ ଗ୍ରହଣ କରି ଆବଶ୍ୟକ ଅର୍ଥରାଶି ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଛି । ବୈଠକରେ ସ୍ୱେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଯାମିନୀ ଷଡଙ୍ଗୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ୍ଏନ୍, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ପୂର୍ତ୍ତ ବିଭାଗ, ଶକ୍ତି ବିଭାଗ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ

# ସପ୍ତାହକୁ ଥରେ ହାତବୁଣା ବସ୍ତ୍ର ପିନ୍ଧି ବୁଣାକାରଙ୍କୁ ସମର୍ଥନ ଦିଅନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର(ସବ୍ୟୁ): ହସ୍ତତନ୍ତକୁ ଜୀବନଶୈଳୀର ଅଂଶ କରିବା ସହ ସପ୍ତାହକୁ ଅନ୍ତତଃ ଥରେ ହାତବୁଣା ବସ୍ତ୍ର ପରିଧାନ କରି ବୁଣାକାରଙ୍କୁ ସମର୍ଥନ ଦେବା ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଶୁକ୍ରବାର ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଦ୍ୱାଦଶ ରାଜ୍ୟସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ସମାରୋହକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଡ଼. କମ୍ଭମପାଟି କହିଥିଲେ, ସରକାରୀ ଅଧିକାରୀ, ଜନପ୍ରତିନିଧି, ଶିକ୍ଷକ, ବିଭିନ୍ନ କ୍ଷେତ୍ରର ପେଶାଦାର ଓ ଯୁବପିଢ଼ି ଓଡ଼ିଶାର ହସ୍ତତନ୍ତ ଉତ୍ପାଦକୁ ବ୍ୟବହାର କରି ଉଦାହରଣ ସୃଷ୍ଟି କରିବା ଉଚିତ । ଏଭଳି ଏକ ସରଳ ବ୍ୟକ୍ତିଗତ ପ୍ରତିବଦ୍ଧତା ରାଜ୍ୟର ହଜାର ହଜାର ବୁଣାକାର ପରିବାରକୁ ସହାୟତା କରିବାରେ ଏକ ବଡ଼ ଆନ୍ଦୋଳନର ରୂପ ନେଇ ପାରିବ ବୋଲି ରାଜ୍ୟପାଳ କହିଥିଲେ ।

ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ରରେ ବୁଣାକାରଙ୍କ ଦକ୍ଷତା, ପରିଶ୍ରମ, ପାରିବାରିକ ପରମ୍ପରା ଓ ସୃଜନଶୀଳତାର କାହାଣୀ ରହିଥାଏ । ମେସିନ ତିଆରି ବସ୍ତ୍ର ତୁଳନାରେ ହାତବୁଣା ବସ୍ତ୍ରରେ କାରିଗରଙ୍କ ବ୍ୟକ୍ତିଗତ ସ୍ପର୍ଶ ଓ ନିଷ୍ଠା ପ୍ରତିଫଳିତ ହୁଏ । ହସ୍ତତନ୍ତ ଉତ୍ପାଦ କିଣିବା



ଅର୍ଥ କେବଳ ଏକ କପଡ଼ା କିଣିବା ନୁହେଁ । ଏହା ଏକ ପରିବାରକୁ ସମର୍ଥନ, ଗ୍ରାମୀଣ ରୋଜଗାରକୁ ସୁଦୃଢ଼, ମହିଳାଙ୍କୁ ସଶକ୍ତ କରିବା ସହ ପାରମ୍ପରିକ ଜ୍ଞାନର ସୁରକ୍ଷା ଏବଂ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବ । ଏହି ଅବସରରେ ଗ୍ରାସିମ୍ ଇଣ୍ଡିଆ ଲିମିଟେଡ୍, ଜୁବି'ସ୍ ଡିଜାଇନର ଷ୍ଟୁଡିଓ ଓ ଆମାଜନ କାରିଗର ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଥିଲା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ୨୦୨୫-୨୬ ବର୍ଷର କାର୍ଯ୍ୟାବଳୀ ରିପୋର୍ଟ ମଧ୍ୟ ଉନ୍ମୋଚିତ ହୋଇଥିଲା । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଥିଲେ । ବିଭାଗୀୟ କମିଶନର-ତଥା-ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପିକ୍ଅପ୍ ଭ୍ୟାନ୍ ଗୁପ୍ତ ଚାମ୍ବରରୁ ୧୦୯ କେଜି ଗଞ୍ଜେଇ ଜବତ : ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାରେ ଗଞ୍ଜେଇ ଚୋରାଚାଲାଣର ଏକ ସନ୍ଦେହଜନକ ନେଟୱର୍କ ସମ୍ପର୍କରେ ତଦନ୍ତର ନୂଆ ଦିଗ ଖୋଲିଛି। ଶିଳ୍ପାଂଚଳ ଥାନା ପୁଲିସ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ଚଢ଼ଉ କରି ଏକ ବୋଲେରୋ ପିକଅପର ଗୁପ୍ତ ଚାମ୍ବରରୁ ୧୧୦ଟି ପ୍ୟାକେଟ୍‌ରେ ଥିବା ୧୦୯ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ଟି ଯାନ ଓ ୬ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫମାନେ ହେଲେ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ମାନସ କୁମାର ନାଏକ (୪୩) ଏବଂ ନୟାଗଡ଼ ଜିଲ୍ଲା ଇଟାମାଟି ଅଂଚଳ ର ସବିନା ବିବି (୩୨)। ଏକାଧିକ ଯାନ ଓ ଯୋଗାଯୋଗ ଉପକରଣ ଜବତ ହୋଇଥିବାରୁ ଏହା କେବଳ ଗୋଟିଏ ଚାଲାଣ ନା ଏହା ପଛରେ ବଡ଼ ନେଟୱର୍କ ରହିଛି, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଏସ. ଡି.ପି.ଓ ଅନିଲ ମହାନ୍ତି ଏହି ଚଢ଼ଉ ଓ ଜବତ ସମ୍ପର୍କରେ



ସୂଚନା ଦେଇଥିଲେ। ଏସ.ଡି.ପି.ଓ.ଙ୍କ ସୂଚନା ଅନୁଯାୟୀ, ଶିଳ୍ପାଂଚଳ ଥାନା ଅଧିକାରୀ ଉମେଶ କୁମାର ସାହୁ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ଗୋଷ୍ଠୀ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ସୂଚନାକୁ ଆଧାର କରି ସେ ଖୋର୍ଦ୍ଧା ଏସ.ଡି.ପି.ଓ ଓ ଏସ୍‌ପିଙ୍କୁ ଅବଗତ କରିଥିଲେ। ଏସ.ପି.ଙ୍କ ନିର୍ଦ୍ଦେଶ ପରେ ଏସ.ଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଭୋର ସମୟରେ ପୁଲିସ ଗଡ଼ଚଣ୍ଡୀ ମନ୍ଦିର ନିକଟ ଅଂଚଳରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଓଡି-୦୨ ଡିକେ-୪୩୯୦ ନମ୍ବର ବୋଲେରୋ ପିକଅପ ଉପରେ ପୁଲିସର ସନ୍ଦେହ ହୋଇଥିଲା। ଯାଂଚ ସମୟରେ ଗାଡ଼ିରେ ଏକ ଗୁପ୍ତ ଚାମ୍ବର ଥିବା ଜଣାପଡ଼ିଥିଲା। ସେଠାରୁ ବହୁ ପରିମାଣରେ ଗଞ୍ଜେଇ ପ୍ୟାକେଟ ମିଳିବା ପରେ ପୁଲିସ ତାହା ଖୋଲି ଯାଂଚ କରିଥିଲା। ଗୁପ୍ତ ଚାମ୍ବରରୁ ମୋଟ ୧୧୦ଟି ପ୍ୟାକେଟରେ ୧୦୯ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୫ ଲକ୍ଷ ୪୫ ହଜାର ଟଙ୍କା ବୋଲି ପୁଲିସ ଆକଳନ କରିଛି।

# ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ସୋମବାର ଅଗଷ୍ଟ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ 'ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# "ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ"ର ପ୍ରଥମ ବୈଠକ

ଭୁବନେଶ୍ୱର, (ସବ୍ୟୁ): ତୃତୀୟଲିଙ୍ଗୀ ବ୍ୟକ୍ତିମାନଙ୍କର ଅଧିକାର, ସୁରକ୍ଷା ଓ ଆତ୍ମସମ୍ମାନକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ନବଗଠିତ "ଓଡ଼ିଶା ରାଜ୍ୟ ତୃତୀୟଲିଙ୍ଗୀ କଲ୍ୟାଣ ବୋର୍ଡ"ର ପ୍ରଥମ ବୈଠକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସମାଜରେ ସମାନ ସୁଯୋଗ ଓ ସର୍ବାଙ୍ଗୀନ ବିକାଶ ପାଇଁ ଚାଲିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରାଯିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ନିର୍ଦ୍ଦେଶିକା ପାରୁଲ ପଟୱାରୀ, ଅତିରିକ୍ତ ସଚିବ ସୋନିଆ ବେହେରା, ଅତିରିକ୍ତ ସଚିବ ଦୀପକ ରାଉତରାଇଙ୍କ ସମେତ ବଲାଙ୍ଗୀର ଜିଲ୍ଲାର ପ୍ରତିନିଧି ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ଟି.ଜି. ସୁରକ୍ଷା ଟ୍ରଷ୍ଟ, ବାଲୁଗାଁର 'ଚେତନା' ଅନୁଷ୍ଠାନ



ଏବଂ ତୃତୀୟଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇ ନିଜର ପ୍ରସ୍ତାବ ରଖିଥିଲେ।

ବୈଠକରେ ମନ୍ତ୍ରୀ ଶ୍ରୀ ଗଣ୍ଡ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। 'ସ୍ୱୀକୃତି' ଯୋଜନା ମାଧ୍ୟମରେ ରାଜ୍ୟରେ ୮୦ଟି ତୃତୀୟଲିଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଗଠନ କରାଯାଇଛି, ଯେଉଁଥିରୁ ୪୧ଟି ଗୋଷ୍ଠୀକୁ ୫୦,୦୦୦ ଟଙ୍କା ଲେଖାଏଁ ଏକକାଳୀନ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। 'ସ୍ମାଇଲ' (SMILE) ଯୋଜନାରେ ରାଜ୍ୟର ୩,୧୫୯ ଜଣ ତୃତୀୟଲିଙ୍ଗୀଙ୍କୁ ପରିଚୟ ପତ୍ର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ 'ଗରିମା ଗୃହ'ରେ ୨୫ ଜଣ ସଦସ୍ୟ ରହୁଥିବା ବେଳେ 'ଆୟୁଷ୍ମାନ ଭାରତ ଟି.ଜି. ପ୍ଲସ୍' ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବା ପ୍ରକ୍ରିୟା ଜାରି ରହିଛି। ତୃତୀୟଲିଙ୍ଗୀମାନଙ୍କୁ ସରକାରୀ ଚାକିରିରେ ସମାନ ସୁଯୋଗ ଦେବା ପାଇଁ ଆବେଦନ ପତ୍ର ଓ ନିଯୁକ୍ତି ନିୟମାବଳୀରେ "ତୃତୀୟଲିଙ୍ଗୀ" ବିକଳ୍ପ ସାମିଲ କରିବାକୁ ମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ 'ତୃତୀୟଲିଙ୍ଗୀ ସୁରକ୍ଷା ସେଲ୍' ଗଠନ, ସୋସିଆଲ ମିଡିଆରେ ଆକ୍ଷେପ ବା ଅପମାନ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସାଇବର ସୁରକ୍ଷା ସେଲ୍ ଏବଂ ଏକ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଚାଲୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବାସିକ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ସରକାରୀ ମେଡିକାଲ କଲେଜଗୁଡ଼ିକରେ ବିନା ମୂଲ୍ୟରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ୧% ସଂରକ୍ଷଣ, ଫି' ଛାଡ଼, ସ୍ୱତନ୍ତ୍ର ହଷ୍ଟେଲ ଓ ଶୌଚାଳୟ ସୁବିଧା କରାଯିବ। ଏହାଛଡ଼ା ବସୁନ୍ଧରା ଓ ପି.ଏମ୍. ଆବାସ ଯୋଜନାରେ ଜମି ଓ ଘର ଯୋଗାଇଦେବା, ପୁରୀଠାରେ ଏକ କମ୍ୟୁନିଟି ହଲ୍ ନିର୍ମାଣ ଏବଂ ତୃତୀୟଲିଙ୍ଗୀ ଓ ଏଲ.ଜି.ବି.ଟି ସମ୍ପ୍ରଦାୟର ସଠିକ୍ ଗଣନା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।



# କୃଷକଙ୍କ ସମସ୍ୟାକୁ କଂଗ୍ରେସ ଅଗ୍ରାଧିକାର ଦେଉଛି : ଭକ୍ତ

ଭୁବନେଶ୍ୱର/ବରଗଡ (ସବ୍ୟୁ): ବରଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ବରଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମରେ ଓଡିଶା




କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ପିସିସି ସଭାପତି ଭକ୍ତ ଚରଣ ଦାସ, ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର, ପିସିସି ଉପ ସଭାପତି ସନ୍ତୋଷ ସିଂ ସାଲୁଜା, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ଉକ୍ତ ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଶ୍ରୀ ଦାସ କହିଲେ ଯେ ସ୍ୱର୍ଗତ କୃପାସିନ୍ଧୁ ଭୋଇଙ୍କ ସମୟରେ ଦିନେ ବରଗଡ କଂଗ୍ରେସର ଗଡ଼ ଥିଲା । ଏବେ ଆମ ସଂଗଠନ କେତେ ସୁଦୃଢ଼, କେତେ ଦୁର୍ବଳ ହୋଇଛି, ଆଜିର ସମୀକ୍ଷା ବୈଠକରୁ ଆମେ ଜାଣିପାରିଲେ । ଆସନ୍ତା ମାସେ ମଧ୍ୟରେ ଜିଲ୍ଲା ପରିଷଦ ଜୋନ ଓ ପଞ୍ଚାୟତ କମିଟି ଗଠନ ପ୍ରକ୍ରିୟା ଶେଷ କରିବାକୁ ସେ ସମବେତ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୁଥ ଲେଭେଲ ଏଜେଣ୍ଟ - ୨ ନିଯୁକ୍ତି କାର୍ଯ୍ୟ ଆସନ୍ତା ସପ୍ତାହେ ମଧ୍ୟରେ ସାରି ପରେ ପ୍ରତି ବୁଥ ପାଇଁ ଯଦି ଆମେ ୧୧ରୁ ୫୧ସକ୍ରିୟ କାର୍ଯ୍ୟକର୍ତ୍ତା ଓ ସଭ୍ୟଙ୍କ ସମ୍ପୃକ୍ତି କରିପାରିଲେ, ୨୦୨୯ ଆମର ହେବ । ପ୍ରତି କମିଟି ନିୟମିତ ଭାବେ ବସିବାକୁ ହେବ । ଯୁବଛାତ୍ର ବର୍ଗକୁ ବୁଥରେ ଆମ ପରିବାରର ସଭ୍ୟ କରିବାକୁ ହେବ । ଆଦିବାସୀ ବର୍ଗକୁ ଜିଲ୍ଲାର ବିଭିନ୍ନ କମିଟିରେ ସ୍ଥାନ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ବ୍ଲକରେ ପଦଯାତ୍ରା ହେବ ଓ ମୁଁ ଆସିବି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦିପ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସାଧୁ ନେପାକ, କଂଗ୍ରେସ ନେତା ନିପନ ଦାଶଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତା ଓ ଶତାଧିକ ସଂଖ୍ୟାରେ କର୍ମକର୍ତ୍ତା ଯୋଗ ଦେଇଥିଲେ ।

# କିଟ୍ ଓ କିସ୍ ରେ ୧୨ତମ ଜାତୀୟ ହସ୍ତତନ୍ତ ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ସ୍କୁଲ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି, କିଟ୍ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର ଓ କିସ୍ ମିଳିତ ସହଯୋଗରେ କିଟ୍ ରେ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟମନ୍ତ୍ରୀ (ସ୍ୱା) ପ୍ରଦୀପ ବଳ ସାମନ୍ତ କହିଲେ, ବୁଣାକାରମାନେ ହସ୍ତତନ୍ତ କ୍ଷେତ୍ରର ଆତ୍ମା ଏବଂ ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ସଦା ପ୍ରତିବଦ୍ଧ। ବୁଣାକାରମାନେ ହେଉଛନ୍ତି ଆମ ସଂସ୍କୃତିର ବାର୍ତ୍ତାବହ ଓ ଉତ୍କର୍ଷ କଳାର ଯଥାର୍ଥ ପ୍ରତିନିଧି। ସେମାନଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ହସ୍ତତନ୍ତ ଦିବସ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର ଲୋକାଲ୍' ଅଭିଯାନର ଉଲ୍ଲେଖ କରି ସେ ସପ୍ତାହକୁ ଅତି କମରେ ଥରେ ହସ୍ତତନ୍ତ ବସ୍ତ୍ର ପରିଧାନ କରିବାକୁ




ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମରେ ଓଡ଼ିଶାର ହସ୍ତତନ୍ତ ପ୍ରସ୍ତୁତି ସାମଗ୍ରୀ ଦେଶ ବିଦେଶରେ ପ୍ରଚାର ପ୍ରସାର କରାଯାଉଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଭାରତର ହସ୍ତତନ୍ତ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ଏବଂ ଦେଶର ହସ୍ତତନ୍ତ ଐତିହ୍ୟରେ ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଦେଶର କୋଟି କୋଟି ହସ୍ତତନ୍ତ ବୁଣାକାରଙ୍କୁ ସମ୍ମାନ ଜଣାଇବା ଓ ସେମାନଙ୍କ ଅବଦାନକୁ ଯଥୋଚିତ ସ୍ୱୀକୃତି ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାରେ ଜାତୀୟ ହସ୍ତତନ୍ତ ଦିବସର ପ୍ରଚଳନ କରିଥିଲେ। ତାଙ୍କର ନିରନ୍ତର ପ୍ରୟାସ ଫଳରେ ଆଜି ଭାରତୀୟ ହସ୍ତତନ୍ତ ଉତ୍ପାଦ ବିଶ୍ୱବ୍ୟାପୀ ଲୋକପ୍ରିୟତା ହାସଲ କରିଛି ବୋଲି ସେ କହିଥିଲେ। ଓଡ଼ିଶାର ହସ୍ତତନ୍ତର ପ୍ରଚାର ପ୍ରସାର କରିବା ପାଇଁ କିଟ୍ ଓ କିସ୍ ପରିଦର୍ଶନରେ ଆସୁଥିବା ଅତିଥିଙ୍କୁ ପ୍ରତିବର୍ଷ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ହସ୍ତତନ୍ତ ଶାଢି ପ୍ରଦାନ କରାଯାଉଛି। ଏହାଦ୍ୱାରା ବୁଣାକାରମାନଙ୍କୁ ସହାୟତା ଏବଂ ସହ କାରିଗରମାନଙ୍କ ପାଇଁ ବଜାର ସୁଯୋଗ ସୃଷ୍ଟି ସହ ସେମାନଙ୍କ ଜୀବିକାକୁ ସୁଦୃଢ଼ କରାଯାଇପାରୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏହି ଅବସରରେ ହସ୍ତତନ୍ତ ବସ୍ତ୍ରର ବ୍ୟବହାରକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କିଟ୍ ସ୍କୁଲ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଓ କିଟ୍ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର ମିଳିତ ଉଦ୍ୟମରେ 'କାଞ୍ଚି-୨୦୨୬' ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଲୋକପ୍ରିୟ ଅଭିନେତ୍ରୀ ଦେବଯାନୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଅଧିକରୁ ଅଧିକ ହସ୍ତତନ୍ତ ବସ୍ତ୍ର ବ୍ୟବହାର କରିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ଦିଲ୍ଲୀରେ ଓଡିଶା ଫୁଡ ପ୍ରୋ କାର୍ଯ୍ୟକ୍ରମ ଉପରେ ବିଜେଡିର ପ୍ରତିକ୍ରିୟା

# ନିବେଶ ପାଇଁ କେବଳ ଆସୁଛି ପ୍ରତିଶ୍ରୁତି, ନିବେଶ ହେଉନାହିଁ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଦିଲ୍ଲୀରେ ଓଡିଶା ଫୁଡ ପ୍ରୋ କାର୍ଯ୍ୟକ୍ରମରେ ନିବେଶକ ମାନଙ୍କୁ ଓଡ଼ିଶାରେ ନିବେଶ କରିବା ପାଇଁ ଆମନ୍ତ୍ରଣ କରିଥିବା ବେଳେ, ଗତ ଦୁଇ ବର୍ଷରେ ନିବେଶକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଦେଶର ବିଭିନ୍ନ ସହରରେ ଏପରିକି ସିଙ୍ଗାପୁର ଓ ଜାପାନରେ ନିବେଶକ ସମ୍ମିଳନୀ ଆୟୋଜନ କରିଥିଲେ ସୁଦ୍ଧା ବିଶେଷ ସଫଳତା ହାସଲ କରିନାହିଁ ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ । ବିଭିନ୍ନ ନିବେଶକ ସମ୍ମିଳନୀ ପରେ ସରକାରଙ୍କ ତରଫରୁ କେବଳ ବଡ଼ ବଡ଼ ଦାବି କରାଯାଉଛି, କିନ୍ତୁ ଏହା କାମରେ ରୂପାନ୍ତରିତ ହେଉନାହିଁ ବୋଲି ବିଜେଡି କହିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ, ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି

ସେ କହିଛନ୍ତି ଗତ ଦୁଇ ବର୍ଷରେ, ରାଜ୍ୟ ସରକାରଙ୍କ ତରଫରୁ ନିବେଶକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଦିଲ୍ଲୀ, ମୁମ୍ବାଇ, କଲିକତା, ହାଇଦ୍ରାବାଦ, ବାଙ୍ଗାଲୋର, ଗୁଜରାଟ ସମେତ ସିଙ୍ଗାପୁର ଓ ଜାପାନରେ ନିବେଶକ ସମ୍ମିଳନୀ ଆୟୋଜନ କରାଯାଇଛି । ଏହାଛଡା, ଜାନୁଆରୀ ୨୦୨୫ରେ ଭୁବନେଶ୍ୱର ଠାରେ ଉତ୍କର୍ଷ ଓଡିଶା ଆୟୋଜିତ ହୋଇଥିଲା, ଯେଉଁଥିରେ ୧୬.୭୩ ଲକ୍ଷ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିଲା ଓ ଏହା ମଧ୍ୟରୁ ୧୨.୮୯ ଲକ୍ଷ କୋଟି ନିବେଶ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା । ସେହିପରି, ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ୬୭, ୦୦୦ କୋଟି ନିବେଶ ପାଇଁ ପ୍ରସ୍ତାବ ଆସିଥିବା କଥା କୁହାଯାଇଥିଲା । ପ୍ରତ୍ୟେକ ନିବେଶକ ସମ୍ମିଳନୀ ପରେ ହଜାର ହଜାର କୋଟି ଟଙ୍କାର ନିବେଶ ପାଇଁ ପ୍ରସ୍ତାବ ଆସିଥିବା କଥା କୁହାଯାଇଥିଲା ।

ଡ. ମହାନ୍ତି କହିଥିଲେ, ରାଜ୍ୟ ସରକାରଙ୍କ ଦାବି ତୁଳନାରେ କେତେ ପରିମାଣର ଗ୍ରାଉଣ୍ଡିଂ (ପ୍ରକୃତ ନିବେଶ) ହୋଇଛି, ତାର କୌଣସି ସ୍ୱଷ୍ଟ ଚିତ୍ର ନାହିଁ । କେନ୍ଦ୍ର ସରକାରଙ୍କର ତଥ୍ୟ ଅନୁସାରେ, ଫରେନ ଡାଇରେକ୍ଟ ଇନଭେଷ୍ଟମେଣ୍ଟ (ଏଫଡିଆଇ) କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ମାତ୍ର ୩୯ କୋଟି ନିବେଶ ହୋଇଛି, ଯାହା ଭାରତରେ ନିବେଶ ହୋଇଥିବାର ମାତ୍ର ୦.୦୦୯ ପ୍ରତିଶତ । ଓଡିଶାରେ କୌଣସି ବଡ଼ ନିବେଶକ କାମ ଆରମ୍ଭ କରିଥିବାର କୌଣସି ସୂଚନା ନଥିବା ବେଳେ, ପୂର୍ବ ସରକାରଙ୍କ ସମୟରେ ଏମଓୟୁ କରିଥିବା ଅନେକ ଶିଳ୍ପ ଅନୁଷ୍ଠାନ ଓଡିଶାରୁ ବିଦାୟ ନେଇଛନ୍ତି । ଶିଳ୍ପ କ୍ଷେତ୍ରରେ ରାଜ୍ୟର ପ୍ରଗତି ନିମ୍ନଗାମୀ ହୋଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାର ଶିଳ୍ପ ପ୍ରଗତି ହାର ୯. ୬ ପ୍ରତିଶତ ଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ, ଏହା ୭.୯ ପ୍ରତିଶତକୁ ଖସି ଆସିଥିଲା । ସେହିପରି, ଦେଶର ଷ୍ଟାର୍ଟଅପ ରାଙ୍କିଙ୍ଗରେ ଓ ରପ୍ତାନି ରାଙ୍କିଙ୍ଗରେ ଓଡ଼ିଶାର ସ୍ଥାନ ତଳକୁ ଖସିଛି ।

### ସୌମ୍ୟ ହତ୍ୟା ମାମଲା

## ୬ ଜଣଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର, (ସବ୍ୟୁ) :ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ହତ୍ୟା କରିଥିଲେ ଦୁର୍ବୃତ୍ତ । ହତ୍ୟା ଅଭିଯୋଗରେ ୨୦ ଜଣ ଗିରଫ ହୋଇ ଜେଲରେ ଥିଲେ । ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ପ୍ରମାଣ ଅଭାବରୁ ଶୁକ୍ରବାର ଜାମିନ୍ ମିଳିଛି ।

ହତ୍ୟା ସମ୍ପର୍କରେ ବାଲିଅନ୍ତା ଥାନାରେ ଅଭିଯୋଗ ହେବା ପରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିଲା । ଅନ୍ୟ ୧୧ ଜଣଙ୍କୁ ପରେ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହି ୨୦ ଜଣଙ୍କ ମଧ୍ୟରୁ ୧୧ ଜଣଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଚାର୍ଜସିଟ୍ କରିଥିବା କରିଥିଲା । ପ୍ରମାଣ ଅଭାବରୁ ୯ ଜଣଙ୍କ ବିରୋଧରେ ଚାର୍ଜସିଟ୍ ହୋଇନଥିଲା ।

ସେହି ୯ ଜଣଙ୍କ ମଧ୍ୟରୁ ପ୍ରମାଣ ଅଭାବରୁ ୬ ଜଣଙ୍କୁ ଶୁକ୍ରବାର ଜାମିନ ମିଳିଛି । ସୌମ୍ୟ ହତ୍ୟା ମାମଲାରେ ବର୍ତ୍ତମାନ ସୁଦ୍ଧା ୫/୬ ଜଣ ଫେରାର ଥିବାରୁ ଗିରଫ ହୋଇପାରିନାହାଁନ୍ତି । ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଦାଖଲ କରିନପାରିବାରୁ ୬ ଜଣଙ୍କୁ ଜାମିନ ହେବା ଘଟଣା ନେଇ ସବୁଆଡେ ଚର୍ଚ୍ଚା ହେଉଛି ।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ପରିବର୍ତ୍ତିତ ହେଲେ ଆନ୍ଦୋଳନ ତେଜିବ : ଉତ୍କଳ ସାମ୍ବାଦିକ ସଂଘ

ଭୁବନେଶ୍ୱର (ସବ୍ୟୁ): ଦୀର୍ଘ ଦିନର ଦାବି ଓ ପ୍ରତିବାଦ ଉପରାନ୍ତେ ପୂର୍ବ ସରକାର ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ "ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା" ପ୍ରଣୟନ କରିଥିଲେ । ଏହା ମାଧ୍ୟମରେ ରାଜ୍ୟର ସାମ୍ବାଦିକ ମାନେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁଧା ଉପକୃତ ହେଉଛନ୍ତି । ଇତିମଧ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି କି, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଉଚ୍ଛେଦ କରି ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ,ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଟି ସାମ୍ବାଦିକ ମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିଲା । ଅନ୍ୟପକ୍ଷରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ହିତାଧିକାରୀ ମାନେ ପାଉଥିବା କ୍ୟାବିନ୍ ସୁବିଧା ଆୟୁଷ୍ମାନ ଭାରତ ଯୋଜନାରେ ପାଇବେ ନାହିଁ । ଆୟୁଷ୍ମାନ ଯୋଜନାରେ ହୀତାଧିକାରୀଙ୍କୁ ଜେନେରିକ୍ ମେଡିସିନ ଦିଆଯାଉଥିଲା ବେଳେ ଗୋପବନ୍ଧୁ ଯୋଜନାରେ ବଜାର ଉପଲବ୍ଧ ମେଡିସିନର ବ୍ୟବସ୍ଥା ଅଛି । ପ୍ରଚଳିତ ଯୋଜନା ଅନ୍ତର୍ଗତ ହିତାଧିକାରୀ ତାଙ୍କ ନିଜ ସୁବିଧା ଅନୁଯାୟୀ ବୀମା ସହବନ୍ଧିତ ନଥିବା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ପରେ ବୀମା କମ୍ପାନୀ ପାଖରେ ଉପଯୁକ୍ତ କାଗଜାତ ପଇଠ କରି ଚିକିତ୍ସା ରାଶି ହାସଲ କରିପାରିବ , ଯାହାକି ଆୟୁଷ୍ମାନ ଭାରତ ଯୋଜନାରେ ଉପଲବ୍ଧ ହେବନାହିଁ । ଆୟୁଷ୍ମାନ ଯୋଜନା ଅନ୍ତର୍ଗତ ବୀମା ରାଶି ସମ୍ପୃକ୍ତ ଚିକିତ୍ସାଳୟ ମାନେ ପାଇବାରେ ଡେରି ହେଉଥିବାରୁ ହିତାଧିକାରୀମାନଙ୍କୁ ଆଇ ସି ୟୁ ସୁବିଧା ଦେବାରେ ଚିକିତ୍ସାଳୟ ମାନେ ଅଣଦେଖା କରୁଛନ୍ତି । ଚଳିତ ବର୍ଷ ମଇ ମାସରେ ସରକାର ହାରାହାରି ୧୦ କୋଟି ଟଙ୍କା ବିନିମୟରେ ଶ୍ରୀମନ୍ଦର ସେବାୟତମାନଙ୍କୁ ବୀମା ଭୁକ୍ତ କରିଛନ୍ତି । ଯେଉଁଥିରେ ସେବାୟତଙ୍କ ପିତା ମାତା ସାମିଲ୍ ରହିବା ସହ ନନ୍ ମେଡିକାଲ ଆଇଟମ୍ ର ପେମେଣ୍ଟ ମଧ୍ୟ ଇନ୍ସୁରାନ୍ସ କମ୍ପାନୀ ଦେଉଛି । ସେହିପରି ବିଧାୟକ ମାନଙ୍କ ପାଇଁ କୋଡିଏ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ବୀମା ଯୋଜନା ପ୍ରଚଳିତ ଅଛି । ଏପରିସ୍ଥଳେ ସାମ୍ବାଦିକଙ୍କୁ ସାମାନ୍ୟ ସୁବିଧା ଦେବାରେ ସରକାରଙ୍କ କାର୍ପଣ୍ୟତାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଏତାଦୃଶ ଦୃଶ୍ୟପଟ୍ଟରେ ସରକାର ସାମ୍ବାଦିକଙ୍କ ପିତାମାତା ଓ ନିର୍ଭରଶୀଳ ସନ୍ତାନ ମାନଙ୍କୁ ବୀମା ଅନ୍ତର୍ଭୁକ୍ତ କରନ୍ତୁ ଓ ନନ୍ ମେଡିକାଲ ଆଇଟମ୍ ରାଶି ବୀମା କମ୍ପାନୀ ବହନ କଲାଭଳି ସ୍କୀମ୍ ପ୍ରଚଳନ କରାଯାଉ ଓ ବୀମା ରାଶିକୁ ପାଞ୍ଚ'ରୁ ୧୦ ଲକ୍ଷକୁ ବୃଦ୍ଧି କରାଯାଉ । ଏହାର ପ୍ରତିବାଦରେ ସଂଘ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଅନ୍ୟଥା ରାଜ୍ୟର କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାର୍ଥ ସୁରକ୍ଷା ପରାପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ବ୍ୟାପୀ ପ୍ରତିବାଦର ଆହ୍ୱାନ ଦେବାକୁ ବାଧ୍ୟ ହେବ ବୋଲି ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଘୋଷଣା କରିଛନ୍ତି ।

# ମାଲାବାର ଲଞ୍ଚ କରିଛି ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଅଳଙ୍କାର



ଭୁବନେଶ୍ୱର, (ସବ୍ୟୁ) :ଭୁବନେଶ୍ୱର ସହୀଦ ନଗରର ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଶୋ'ରୁମ୍ ଏକ ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଅଳଙ୍କାର ଶୋ', ସୁନା, ଅକଟା ହୀରା, ମୂଲ୍ୟବାନ ରନି ଅଳଙ୍କାରଏବଂ ଖଣି ହୀରାଗୁଡ଼ିକର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଏବଂ ବିକ୍ରୟ ଆରମ୍ଭ କରୁଛି । କାଳଜୟୀ ସୁନ୍ଦରତା ଥିବା ବର୍ଣ୍ଣିତ ଅଳଙ୍କାରଗୁଡ଼ିକ ମାଷ୍ଟର କାରିଗରଙ୍କ ସୃଷ୍ଟି । ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଅଳଙ୍କାର ଶୋ'ରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର କଳା ଏବଂ ଦକ୍ଷ ହସ୍ତଶିଳ୍ପର ଏକ ନିଦର୍ଶନ ।ଏହି ଶୋ'ଟି ମୁଖ୍ୟ ଅତିଥି ଅଲିଉଡ୍ ଅଭିନେତ୍ରୀ ଅଙ୍କିତା ଦାସ ଏହାର ସମ୍ମାନିତ ଗ୍ରାହକ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପରିଚାଳନା ଦଳର ଉପସ୍ଥିତିରେ ଉଦଘାଟନ କରିଛନ୍ତି । ଏହି ଶୋ'ରେ ରୁବି, ଏମରାଲ୍ଡ, ଅକଟା ହୀରା ଅଳଙ୍କାର, ଖଣି ହୀରା ଅଳଙ୍କାର ଏବଂ ଏଥନିକ୍ସ ଏବଂ ଡିଭାଇନ୍ ଅଳଙ୍କାର ପ୍ରଦାନ କରାଯାଉଛି । ଏହି ଶୋ' ୭ ରୁ ୧୬ ଅଗଷ୍ଟ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

# ୪ନଂ ୱାର୍ଡରେ ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅଞ୍ଚଳର ୦୪ ନମ୍ବର ୱାର୍ଡରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଗସ୍ତ କାଳରେ ବିଧାୟିକା ୱାର୍ଡର ବିଭିନ୍ନ ସେକ୍ଟର ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ପଦଯାତ୍ରା ସମୟରେ ଅଞ୍ଚଳବାସୀ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ବିଧାୟିକାଙ୍କ ଦୃଷ୍ଟିଗୋଚର କରିଥିଲେ । ବିଶେଷ କରି ୱାର୍ଡର ଶୋଚନୀୟ ରାସ୍ତାଘାଟ ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ସମ୍ପର୍କରେ ଲୋକେ ବହୁ ଅଭିଯୋଗ ଉପସ୍ଥାପନ କରିଥିଲେ । ଜନସାଧାରଣଙ୍କ ଏହିସବୁ ସମସ୍ୟାକୁ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା ଶ୍ରୀମତୀ ଫିର୍ଦୋଷ ଏହାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କଟକ ସହରର ସର୍ବାଙ୍ଗୀନ ବିକାଶ ତାଙ୍କର ମୂଳ ପ୍ରାଥମିକତା ଏବଂ ପ୍ରତ୍ୟେକ



ୱାର୍ଡର ସମସ୍ୟା ଦୂର କରିବା ପାଇଁ ସେ ସଦାସର୍ବଦା ପ୍ରତିବଦ୍ଧ ବୋଲି ବିଧାୟିକା ପ୍ରକାଶ କରିଛନ୍ତି । ୱାର୍ଡର ଉନ୍ନତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ କୌଣସି ପ୍ରକାରର ଅବହେଳା କରାଯିବ ନାହିଁ ବୋଲି ସେ ଜନସାଧାରଣଙ୍କୁ ଦୃଢ଼ ଆଶ୍ୱାସନା ଦେଇଛନ୍ତି । ଏହାସହିତ ସେ ୱାର୍ଡରେ ବିଧାୟକ ଉନ୍ନୟନ ପାଣ୍ଠିରୁ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ହେବାକୁ ଥିବା କାର୍ଯ୍ୟର ସମୀକ୍ଷା କରିବା ସହ ନିଜେ ବୁଲି ଦେଖିଥିଲେ । ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ରାଉତ, ନିତ୍ୟାନନ୍ଦ ରାଉତରାୟ, ବିଚିତ୍ର ପ୍ରଧାନ, ପ୍ରତାପ ଜେନା, ଜିତେନ୍ଦ୍ର ନାୟକ, ରୀନା ବେହେରା, ପ୍ରମୁଖ ଉପସ୍ଥିତ ଥିଲେ ।

### ବଢୁଛି ବିଧାୟକ ପ୍ରକାଶ ସେଠୀଙ୍କ ଅଡୁଆ

# ନିଃସର୍ତ୍ତ କ୍ଷମା ନମାଗିଲେ ତେଜିବ ଆନ୍ଦୋଳନ

କଟକ, (ସବ୍ୟୁ)ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର



ବିଧାୟକ ତୁରନ୍ତ ନିଃସର୍ତ୍ତ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ର ସଂସଦ ନିର୍ବାଚନ କରିବା, ରେଭେନ୍ସାର ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ରେଭେନ୍ସାର ପୁରାତନ ଛାତ୍ରନେତା ଓ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ବିକ୍ଷୋଭରେ ରେଭେନ୍ସା ଛାତ୍ରସଂସଦର ପୂର୍ବତନ ସଭାପତି ଗଣେଶ ତ୍ରିପାଠୀ, ଶିବାଶିଷ ପ୍ରହରାଜ ଓ ହରି ଶଙ୍କର ରାଉତ, ଛାତ୍ରନେତା ନନ୍ଦଲାଲ ସିଂ, ବବି ବଳବନ୍ତରାୟ, ଛାତ୍ର ସଂସଦର ପୂର୍ବତନ ସହ- ସମ୍ପାଦକ ଭାଗ୍ୟରବି ଦାସ, ପୂର୍ବତନ ଉପ-ସଭାପତି ଶିବାନୀ ସାହୁ ଛାତ୍ରନେତା ବିନୋଦ ସେଠୀ, ଅଶୋକ ତାଣ୍ଡି, ଇଶା ଧର, ତରୁଣସେନ ନାୟକ, ଦୀପକ ଗୁରୁ, ଆଦିଲ ରାଜା, ଋତ୍ୱିକ ମହାପାତ୍ର, ସୁରେନ୍ଦ୍ର ଜେନା, ହେମନ୍ତ ଦାଶ, ଶୁଭସ୍ମିତା ସାହୁ, ଦିବ୍ୟ ରଞ୍ଜନ ବେହେରା ଓ ସୌମ୍ୟରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ବ୍ୟାପକ ଶକ୍ତିଶାଳୀ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି।

### ଲୁମେକ୍ସ ଚିଟ୍‌ଫଣ୍ଡ ମାମଲାର ଅଭିଯୁକ୍ତଙ୍କ ପକ୍ଷରୁ ପୀଡ଼ିତଙ୍କୁ ହତ୍ୟା, ଅପହରଣ ଓ ଏସିଡ୍ ଆକ୍ରମଣର ଧମକ

# ଏନ୍‌ସିପିସିଆର ଓ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ ନେଉନି ପଦକ୍ଷେପ

ଭୁବନେଶ୍ୱର (ସବ୍ୟୁ): ବହୁଚର୍ଚ୍ଚିତ ଲୁମେକ୍ସ ଚିଟଫଣ୍ଡ ମାମଲାର ଅଭିଯୁକ୍ତ ପ୍ରାୟ ୧୭ କୋଟି ଟଙ୍କାର ଠକେଇ ଓ ଜାଲିଆତି ଅଭିଯୋଗରେ ତିନି ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ହେପାଜତରେ ଅଛନ୍ତି। ସେମାନଙ୍କର ଏକାଧିକ ଜାମିନ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ ମଧ୍ୟ କରିଛନ୍ତି। ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲା ଆଧାରରେ ଦେଶର ବିଭିନ୍ନ ଅଦାଲତରେ ସେମାନଙ୍କ ବିରୋଧରେ ୧୦ଟି ଅପରାଧିକ ମାମଲା ମଧ୍ୟ ବିଚାରାଧୀନ ରହିଛି। ଜାତୀୟ ମାନବାଧିକାର କମିଶନ,ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ଓ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ମୁତାବକ ଅଭିଯୁକ୍ତମାନେ ସେମାନଙ୍କ ସହଯୋଗୀଙ୍କ ମାଧ୍ୟମରେ ପୀଡ଼ିତଙ୍କୁ ଲଗାତାର ପିଛା କରିବା, ହତ୍ୟାର ଧମକ ଦେବା, ଜାମିନକୁ ବିରୋଧ କରିଥିବା ନାବାଳିକା ଝିଅମାନଙ୍କୁ ଅପହରଣ ଏବଂ ଏସିଡ୍ ଆକ୍ରମଣର ଧମକ ଦେଉଛନ୍ତି। ଏନ୍‌ସିପିସିଆର ଓ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ, ଅଭିଯୋଗ ଅନୁସାରେ ପୋଲିସ ପୀଡ଼ିତଙ୍କ ଉପରେ ଅଭିଯୁକ୍ତଙ୍କ ସହ ବୁଝାମଣା କରିବା ପାଇଁ ଚାପ ସୃଷ୍ଟି କରୁଥିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି ।

ଏନ୍‌ସିପିସିଆର ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ମଧ୍ୟ ପୀଡ଼ିତଙ୍କୁ ସୁରକ୍ଷା କିମ୍ବା ଅଭିଯୁକ୍ତଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଚିଟଫଣ୍ଡ ଅଭିଯୁକ୍ତମାନେ ଆଇପିଏସ୍ ଅଧିକାରୀ ଉମାଶଙ୍କର ଦାଶଙ୍କ ସମ୍ପର୍କୀୟ। ପୂର୍ବରୁ ସେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇଥିବାରୁ ମାମଲାଗୁଡ଼ିକୁ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଅଭିଯୁକ୍ତଙ୍କୁ ସହଯୋଗ କରିଥିବା ଅଭିଯୋଗରେ ସେହି ଅଧିକାରୀଙ୍କ ସହ ଅନ୍ୟ ୬ ଜଣଙ୍କ ବିରୋଧରେ ଆପରାଧିକ ମାମଲା ମଧ୍ୟ ଜାରି ରହିଛି। ଏନ୍‌ଏଚ୍‌ଆରସି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ସିପିସିଆର ଓ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଯଦି ମୁଖ୍ୟ ଶାସନ ସଚିବ ଓ ଡିଜିପି ମଧ୍ୟ ଅସହାୟ ଅବସ୍ଥାରେ ଅଛନ୍ତି, ତେବେ ରାଜ୍ୟର ଆଇନଶୃଙ୍ଖଳାର ସ୍ଥିତି ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉମାଶଙ୍କର ଦାଶ ଓ ଅନ୍ୟ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ବୋଲି ଦାବି ହୋଇଛି। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତମାନେ ହେପାଜତରେ ଥାଇ ମଧ୍ୟ ଉଚ୍ଚ ନ୍ୟାୟାଳୟକୁ ଜାଲି ମେଡିକାଲ୍ ଦଲିଲ, ମନଗଢ଼ା ମୃତ୍ୟୁ ପ୍ରମାଣପତ୍ର ଦାଖଲ କରିବା ସହ ଅନ୍ୟ ବ୍ୟକ୍ତିଙ୍କୁ ଜାମିନଦାର ଭାବେ ଉପସ୍ଥାପନ କରି ପ୍ରତାରଣା କରୁଥିବାର ଅଭିଯୋଗ ରହିଛି।

### ଗଣଶିକ୍ଷା ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ

# ଦୁଇ ଦିନିଆ ଅହୋରାତ୍ର ଧାରଣା ଦେବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ କରିଛି ଓଡ଼ିଶା ଛାତ୍ର କଂଗ୍ରେସ । ଶିକ୍ଷା ବିଭାଗର ବିଭିନ୍ନ ସମସ୍ୟା, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ଦୀର୍ଘଦିନ ଧରି ଛାତ୍ର ସଂସଦ ନିର୍ବାଚନ ନହେବାକୁ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଘୋଷଣା କରାଯାଇଛି ।

ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବ ନିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ରାଜ୍ୟର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସରକାର ଏଥିପ୍ରତି ଉଦାସୀନ ରହିଛନ୍ତି । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଉଥିବା ଅଭିଯୋଗ କରି ସେ ଏହା ବିରୋଧରେ ଛାତ୍ର କଂଗ୍ରେସର ଲଢ଼େଇ ଜାରି ରହିବ ବୋଲି କହିଛନ୍ତି । ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଛାତ୍ର କଂଗ୍ରେସ । ଏହି ଦାବିରେ ଭୁବନେଶ୍ୱର ଗାନ୍ଧୀ




ମାର୍ଗରେ ଦୁଇ ଦିନିଆ ଅହରାତ୍ର ଧାରଣା କରାଯିବ ବୋଲି ଶ୍ରୀ ମହାପାତ୍ର ଘୋଷଣା କରିଛନ୍ତି । ସେ କହିଛନ୍ତି, ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଛାତ୍ର କଂଗ୍ରେସର ଆନ୍ଦୋଳନ ଜାରି ରହିବ । ସେହିପରି, ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ଘେରିଛି ଛାତ୍ର କଂଗ୍ରେସ । ଦୁଇ ବର୍ଷ ଧରି ବିଶ୍ୱବିଦ୍ୟାଳୟ ଓ କଲେଜରେ ଛାତ୍ର ସଂସଦ ନିର୍ବାଚନ ନହେବାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ଦାବି କରିଛି ଛାତ୍ର କଂଗ୍ରେସ । ଶ୍ରୀ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାର । ଏହି ଅଧିକାରକୁ କେହି ଛଡ଼ାଇ ନେଇପାରିବେ ନାହିଁ । ସରକାର ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରନ୍ତୁ, ନଚେତ ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦିଅନ୍ତୁ । ଛାତ୍ର କଂଗ୍ରେସର ଦୁଇଟି ପ୍ରମୁଖ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଚେତାବନୀ ଦେଇଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଏସସିଟିଇସିସିର ଧାରଣା

# ୧୬ରୁ ଭୁବନେଶ୍ୱରରେ ଆନ୍ଦୋଳନ ଚେତାବନୀ

ବାରିପଦା, (ସବ୍ୟୁ) : ଶିକ୍ଷକ ଓ କର୍ମଚାରୀଙ୍କ ଦୀର୍ଘଦିନର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି (ଓଏସସିଟିଇସିସି) ପକ୍ଷରୁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱରେ ଏବଂ ଜିଲ୍ଲା ଓଷ୍ଟା ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବହୁ ସଂଖ୍ୟକ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରତିବାଦ ସଭାରେ ସଂଗଠନର ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ଗୋପୀବଲ୍ଲଭ ଭୂୟାଁ, ମୟୂରଭଞ୍ଜ୨ ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା ସମ୍ପାଦକ ଭାଗ୍ୟବାନ ମହାନ୍ତ, ଓଲଷ୍ଟାର ରାଜ୍ୟ ସହ ସମ୍ପାଦକ ଅଞ୍ଜନ ଜେନା, ସଂସ୍କୃତ ଟୋଲ୍ ସଂଘର ଜିଲ୍ଲା ସଭାପତି ଜଗଦୀଶ ମହାନ୍ତ, ପୂର୍ବତନ ଜିଲ୍ଲା ଓଷ୍ଟା ସଭାପତି ସନ୍ତୋଷ କୁମାର କାସ୍ତ, ପୂର୍ବତନ ନେତୃତ୍ୱ ବିଜୟ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ ଓ ପ୍ରଭାସ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ତୁରନ୍ତ ଶିକ୍ଷକ ଓ କର୍ମଚାରୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ କରିବାକୁ ଆହ୍ୱାନ ଜଣାଇଥିଲେ । ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ରଙ୍କୁ ମଧ୍ୟ ଏହାର ଏକ ପ୍ରତିଲିପି ହସ୍ତାନ୍ତର କରାଯାଇଥିଲା ।

ଦାବିପତ୍ରରେ ୧୯୪ଟି ଅନୁଦାନଯୋଗ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀଙ୍କୁ ପେନ୍‌ସନ ସୁବିଧା, ୨୦୦୪ରୁ ୨୦୧୩ ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଛଅଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ସହ ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ସରକାରୀ ସେବାରେ ଗଣନା, ଅବସର ବୟସକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସରକାରୀକରଣ, ଶିକ୍ଷକ ପଦବୀ ପୂରଣ ଏବଂ ଗ୍ରେଡ୍ ପେ' ସମ୍ବନ୍ଧୀୟ ଅସଙ୍ଗତି ଦୂର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ସାମିଲ ରହିଥିଲା । ବକ୍ତାମାନେ ଚେତାବନୀ ଦେଇ କହିଥିଲେ ଯେ, ସରକାର ଯଦି ଦାବିଗୁଡ଼ିକ ପ୍ରତି ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ତେବେ ଆସନ୍ତା ୧୬ତାରିଖରୁ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଡ. ରାଧାକାନ୍ତ ମହାରଣା, ଉପସଭାପତି ରଞ୍ଜିତା ଦାସ ଓ ସତ୍ୟନାରାୟଣ ଭୋଳ, ସହ ସମ୍ପାଦକ ପ୍ରଭାସ ନାୟକ ଓ ସ୍ମୃତିରଞ୍ଜନ ପାଣି, କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ଗିରି ଓ ସମୀର ମାଇତିଙ୍କ ସମେତ ସମସ୍ତ ବ୍ଲକର ସଭାପତି, ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ଉପସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରଛାତ୍ରୀଙ୍କୁ ଘାସ, ଲାଟିନ ସଫା କାର୍ଯ୍ୟରେ ନିୟୋଜନ

# ପ୍ରଧାନଶିକ୍ଷୟତ୍ରୀଙ୍କ ବଦଳି ନହେଲେ ବିଦ୍ୟାଳୟରେ ତାଲା ପଡିବ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଛତ୍ରପୁର ପୌର ପରିଷଦର ଜି.ଏନ. ପାଲମ୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଘେରରେ ଚାଲିଛି ପାଠ ପଢା । ଛାତ୍ରଛାତ୍ରୀ ମାନଙ୍କୁ ଘାସ ସହିତ ଲାଟିନ ଟାଙ୍କି ସଫା କରିବାକୁ କହି ପ୍ରଧାନ ଶିକ୍ଷୟତ୍ରୀ ଏବେ ବିବାଦ ଘେରରେ । ଏନେଇ ଶୁକ୍ରବାର ଅଭିଭାବକ ମାନେ ଏକତ୍ରିତ ହୋଇ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଘେରିଛନ୍ତି । ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷୟତ୍ରୀ ଓ ସହକାରି ଶିକ୍ଷୟତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ଛାତ୍ରଛାତ୍ରୀ ମାନେ ଜଣାଇଛନ୍ତି । ଏହା ସହିତ ବିଦ୍ୟାଳୟ ପରିସରରେ ଥିବା ଘାସ ସହିତ ଲାଟିନ ସଫା କରିବାକୁ କୁହାଯାଉଥିବା ନେଇ ଅଭିଯୋଗ ହୋଇଛି ।

ଘଟଣାର ଖବର ପାଇ ଛତ୍ରପୁର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ରଥ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ । ଏପରିକି, ବିଦ୍ୟାଳୟ ପରିଚାଳନା ପାଇଁ ଆସିଥିବା ଟଙ୍କାକୁ ଖର୍ଚ୍ଚ କରାଯାଉନଥିବା ନୂତନ ପରିଚାଳନା କମିଟିର ସଭାପତି ଏବଂ ଅନ୍ୟମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ଦିନ ଧରି ସ୍କୁଲ ପରିସର ଲଟା ବୁଦାରେ ଭର୍ତ୍ତି ହୋଇ ରହିଥିବାବେଳେ ଏହା ଖୁବଶୀଘ୍ର ସଫେଇ କରିବା ପାଇଁ ସେମାନେ ଦାବି କରିଛନ୍ତି । ଏହା ସହ ବର୍ତ୍ତମାନର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବଦଳି କରିବା ପାଇଁ ସେମାନେ ଦାବି କରିଛନ୍ତି । ସେମାନଙ୍କ ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଦ୍ୟାଳୟ ଗେଟ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପଟେ ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି କହି ଖଣ୍ଡନ କରିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ ।

# ମହିଳାଙ୍କୁ ପ୍ରତାରଣା କରି ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ଉକ୍ତ ଥାନା ଅଞ୍ଚଳର ମନୀଶ ବିଷୋୟୀ(୨୪) । ଶୁକ୍ରବାର ଉଭୟ ପିଡ଼ିତା ଓ ଗିରଫ ଯୁବକଙ୍କ ଏମକେସିଜି ମେଡିକାଲରେ ଡାକ୍ତରୀ ମଇନା କରିଛି । ମାମଲା ନଂ୪୧୯/୨୬ ରେ ଅଭିଯୁକ୍ତ ମନୀଶଙ୍କୁ କୋର୍ଟ ଚାଲାଣ କରାଯାଇଛି । ପିଡ଼ିତାଙ୍କ କୋର୍ଟରେ ବୟାନ ରେକର୍ଡ କରଯାଇଛି । ପ୍ରକାଶ ଯେ ୩୨ ବର୍ଷିଆ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଠାରୁ ଅଲଗା ହୋଇ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିଲେ । ସେଠାରେ ରହୁଥିବା ଉକ୍ତ ଅଭିଯୁକ୍ତ ଜଣଙ୍କ ଏକାକୀ ରହୁଥିବା ମହିଳାଙ୍କ ସରଳତାର ଫାଇଦା ଉଠାଇ ତାଙ୍କ ସହ ବନ୍ଧୁତା ରଖିଥିଲେ । ପରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ମହିଳାଙ୍କ ସହ ୨୦୨୪ ରୁ ଶାରୀରିକ ସମ୍ପର୍କ ରଖି ଆସୁଥିଲା । ମହିଳା ଜଣଙ୍କ ଗର୍ଭବତୀ ହେବା ପରେ ସେ ଉକ୍ତ ମନୀଶଙ୍କୁ ବିବାହ କରିବାକୁ ଜିଦ କରି କହିଥିଲା । ଯୁବକ ଜଣଙ୍କ ରୋକଠୋକ ଭାବେ ବିବାହ କରିବାକୁ ମନା କରିବା ସହ ମହିଳାଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲା । ପ୍ରତାରଣାର ଶିକାର ହେବା ପରେ ପିଡ଼ିତା ଜଣଙ୍କ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ନିଷ୍ଟ୍ ବିଶ୍ୱବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବ୍ରହ୍ମପୁର, (ସବ୍ୟୁ) : ଦକ୍ଷିଣ ଓଡିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଧନା ପ୍ରଦାନ କରା ଯାଇଛି । ଏହି ଅବସରରେ ନିଷ୍ଟ ପ୍ରତିଷ୍ଠାତା ତଥା ସଭାପତି ଡକଟର ସୁକାନ୍ତ କେ. ମହାପାତ୍ର, ଉପ-ସଭାପତି ସଞ୍ଜିତା ମହାପାତ୍ର , ଭାରପ୍ରାପ୍ତ କୁଳପତି ଡ଼.ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ, ପରୀକ୍ଷା କେନ୍ଦ୍ର ମୁଖ୍ୟ ପରିଚାଳକ ଡ଼. ସ୍ୱାଧୀନ ମିଶ୍ର, ଏବଂ ଆଡମିଶନ ଡିନ୍ ଡ଼. ଆଶିଷ ମହାନ୍ତି ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରତିଷ୍ଠାତା ତଥା ସଭାପତି ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ନିଷ୍ଟରେ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ପ୍ରତି ଦ୍ୱନ୍ଦିତା ମୂଳକ ପରି ସ୍ଥିତିକୁ ସମ୍ମୁଖୀନ ନେଇ ପ୍ରସ୍ତୁତ କରିବା ଯୁଗପଯୋଗୀ ଶିକ୍ଷାଦାନର ଢାଞ୍ଚା ସହ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଁଚିବାକୁ ଉପ -ସଭାପତି ଉପଦେଶ ଦେଇଥିଲେ ।

ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବିଶ୍ୱବିଦ୍ୟାଳୟର ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ନିଜ ଭବିଷ୍ୟତ ଗଠନ ଉପରେ କୁଳପତି ଉପଦେଶ ଦେଇଥିଲେ । ଆଇଡିଆ କ୍ଲବ ପାଇଁ ସରକାରଙ୍କଠାରୁ ପ୍ରାୟ ୩୦ ଲକ୍ଷ ପ୍ରକଳ୍ପ ମଞ୍ଜୁର ବିଷୟରେ ଆଲୋକପାତ କରିଥିଲେ । ଡ. ଆକାଂକ୍ଷା ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ ପରୀକ୍ଷାକେନ୍ଦ୍ର ମୁଖ୍ୟ ପରିଚାଳକ ଡ଼. ସ୍ୱାଧୀନ ମିଶ୍ର । ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଡ଼. ସସ୍ମିତା ପାଢ଼ୀ ହଷ୍ଟେଲର ନିୟମାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । କ୍ୟାରିୟର ଆଣ୍ଡ ଡେଭଲପମେଣ୍ଟ ମ୍ୟାନେଜର ରାଜୀବ ପାଢ଼ୀ କ୍ୟାରିୟର ଡେଭଲପମେଣ୍ଟ ଓ ପ୍ଲେସମେଣ୍ଟ ପରି ସଙ୍ଖ୍ୟାନ ସମ୍ପର୍କରେ ଦକ୍ଷତା ପ୍ରଦାନ ଉପରେ ବିବରଣୀ ରଖିଥିଲେ । ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ଼. ପ୍ରୀତି ରଞ୍ଜନ ସାହୁ କହିଥିଲେ ଯେ ଆମେ ଏକ ସହାୟକ ଏବଂ ସମାବେଶୀ ପରିବେଶ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଯାହା ଆପଣଙ୍କ ବିକାଶ, ସୃଜନଶୀଳତା ଏବଂ ସଫଳତାକୁ ପ୍ରୋତ୍ସାହିତ କରିବ । ବ୍ୟାଚ୍ ସଂଯୋଜକ ପ୍ର. ଆଶିଷ କୁମାର ଦାସ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ ବର୍ଷର ସମୟ ସାରଣୀ ଏବଂ ଇଣ୍ଡକ୍ସନ କାର୍ଯ୍ୟକ୍ରମ ବିଷୟରେ କହିଥିଲେ ।

ଚତୁର୍ଥ ବର୍ଷ ଛାତ୍ର ନବନୀତ ମିଶ୍ର ଏବଂ ଛାତ୍ରୀ ରାଜଶ୍ରୀ ପାଢ଼ୀ ଶିକ୍ଷାର୍ଥୀମାନଙ୍କୁ ଅନୁଷ୍ଠାନର ପାଠ୍ୟଶୈଳୀ, ଶୃଙ୍ଖଳା, ବିଭିନ୍ନ କ୍ଲବ୍ କାର୍ଯ୍ୟକଳାପ ଏବଂ ଅଧ୍ୟାପକଙ୍କ ଶିକ୍ଷା ସମ୍ପର୍କରେ ଜଣାଇଥିଲେ । ପରିଶେଷରେ କୁଳସଚିବ ଡ଼. ବିଷ୍ଣୁଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏ କାର୍ଯ୍ୟକ୍ରମ ରେ ଡ଼. ସିମାଞ୍ଚଳ ପାଣିଗ୍ରାହୀ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ସଂଦୀପନ ମଲ୍ଲିକ, ଡ଼ ସବ୍ୟସାଚୀ ରଥ, ଡ଼. ଅମିତ ପଟନାୟଲ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ ।

# ବ୍ରହ୍ମପୁର ଉପଖଣ୍ଡରେ ବିଭିନ୍ନ ରାଜନୈତିକ ଦଳଙ୍କୁ ଫର୍ମ ବଣ୍ଟନ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ଉପଖଣ୍ଡ ସ୍ତରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଯଥା ଆପତ୍ତି ଅଭିଯୋଗ ବିଷୟ ଆଲୋଚନା କରାଯାଇଥିଲା ।

ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି ଅନୁଯାୟୀ ଫର୍ମ ନମ୍ବର ୯, ୧୦, ୧୧, ୧୧ ଏ ଓ ୧୧ ବି ପ୍ରତିନିଧିମାନଙ୍କୁ ଯୋଗାଇ ଦିଆଯାଇଥିଲା । ଏହା ବ୍ୟତୀତ ଯୁବ ଭୋଟର ମାନେ କିପରି ଅଧିକରୁ ଅଧିକ ଆବେଦନ କରିବେ ତାହା ରାଜନୈତିକ ଦଳ ମାନଙ୍କର ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା । ଏହି ସଭାରେ ବ୍ରହ୍ମପୁର ଉପଖଣ୍ଡର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନେ ଉପସ୍ଥିତ ରହି ରାଜନୈତିକ ଦଳ ଗୁଡିକର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଏହି ସଭାରେ ସାନଖେମୁଣ୍ଡି ନିର୍ବାଚନ ଅଧିକାରୀ ସୁନୀଲ କେରକେଟା, ଗୋପାଳପୁର ନିର୍ବାଚନ ଅଧିକାରୀ ଅବିନାଶ କୁମାର , ଦିଗପହଣ୍ଡି ନିର୍ବାଚନ ଅଧିକାରୀ କଲ୍ୟାଣୀ ସଂଘମିତ୍ରା, ଚିକିଟି ନିର୍ବାଚନ ଅଧିକାରୀ ରୀନା ନାୟକ ଏବଂ ବ୍ରହ୍ମପୁରର ଅତିରିକ୍ତ ନିର୍ବାଚନ ଅଧିକାରୀ ଉପସ୍ଥିତ ଥିଲେ । ଏହି ସଭାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟୀ କଲେକଟର, ନିର୍ବାଚନ ବିଭାଗ, ସୁବ୍ରତ ରାମ ବିରାମ ଶତପଥୀ ଓ ତାଙ୍କର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ଭବ୍ୟ ସ୍ୱାଗତ

# ଶୃଙ୍ଖଳା, ପରିଶ୍ରମ ଓ ଲକ୍ଷ୍ୟଭିତ୍ତିକ ଅଧ୍ୟୟନରେ ସଫଳତାର ଆହ୍ୱାନ




ବାରିପଦା, (ସବ୍ୟୁ) : ରଘୁନାଥପୁର ସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା କରିଥିବା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ଭବ୍ୟ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବାଗତମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଆନ୍ତରିକ ଅଭ୍ୟର୍ଥନା ଜଣାଯାଇଥିବା ବେଳେ ସମଗ୍ର ପରିବେଶ ଉତ୍ସାହ, ଆନନ୍ଦ ଓ ଆପଣାପଣିଆରେ ଭରିଉଠିଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଇଂ. ପ୍ରଭାସ କୁମାର ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଅଧ୍ୟକ୍ଷା ଅଙ୍କିତା ବାରିକ, ଏକାଡେମିକ୍ ହେଡ୍ ଡ. ଆଦର୍ଶ ଶତପଥୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ପୂର୍ଣ୍ଣଚନ୍ଦ୍ର ଗ୍ରୁପ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିବା ବେଳେ ସଭାପତି ଇଂ. ପ୍ରଭାସ କୁମାର ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ, ଶୃଙ୍ଖଳା, ନିଷ୍ଠା ଓ ପରିଶ୍ରମ ହେଉଛି ସଫଳତାର ମୂଳମନ୍ତ୍ର । ଛାତ୍ରଛାତ୍ରୀମାନେ ଏହି ତିନୋଟି ମୂଲ୍ୟବୋଧକୁ ଆପଣେଇ ଜୀବନରେ ଉଚ୍ଚ ଶିଖରରେ ପହଞ୍ଚିବାକୁ ସେ ଆହ୍ୱାନ ଜଣାଇଥିଲେ ।

ଅଧ୍ୟକ୍ଷା ଅଙ୍କିତା ବାରିକ ନବାଗତମାନଙ୍କୁ ବିଦ୍ୟାଳୟର ଶିକ୍ଷା ପରିବେଶ, ନିୟମାବଳୀ ଓ ଅନୁଶାସନ ସମ୍ପର୍କରେ ଅବଗତ କରାଇବା ସହ ନୈତିକ ମୂଲ୍ୟବୋଧ, ନିୟମିତ ଅଧ୍ୟୟନ ଏବଂ ସର୍ବାଙ୍ଗୀଣ ବ୍ୟକ୍ତିତ୍ୱ ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏକାଡେମିକ୍ ହେଡ୍ ଡ. ଆଦର୍ଶ ଶତପଥୀ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟଭିତ୍ତିକ ଅଧ୍ୟୟନ, ସମୟର ସଦୁପଯୋଗ ଏବଂ ପରୀକ୍ଷାମୁଖୀ ପ୍ରସ୍ତୁତି ମାଧ୍ୟମରେ ଉତ୍କୃଷ୍ଟ ଫଳାଫଳ ହାସଲ କରିବାକୁ ପ୍ରେରଣା ଦେଇଥିଲେ । ସେ କହିଥିଲେ ଯେ, ନିୟମିତ ଅଭ୍ୟାସ ଓ ଦୃଢ଼ ମନୋବଳ ହିଁ ସଫଳତାର ଚାବିକାଠି ।

ଏହି ସମାରୋହରେ ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ନିରୋଦ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସୁଶ୍ରୀ ଲିପିକା ଦାସ, ବାଣିଜ୍ୟ ବିଭାଗ ମୁଖ୍ୟ ରମାକାନ୍ତ ପାତ୍ର, କଳା ବିଭାଗ ମୁଖ୍ୟ ସୁଶ୍ରୀ ଲକ୍ଷ୍ମୀପ୍ରିୟା ଜେନା, ପୂର୍ଣ୍ଣଚନ୍ଦ୍ର ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ବିଶ୍ୱରଞ୍ଜନ ନାୟକଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ଗ୍ରୁପ୍‌ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ନବାଗତମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ଉନ୍ନତ ଶିକ୍ଷା ବ୍ୟବସ୍ଥା, ପରୀକ୍ଷାମୁଖୀ ପାଠଦାନ, ଆଧୁନିକ ବିଜ୍ଞାନ ପରୀକ୍ଷାଗାର, ସମୃଦ୍ଧ ପୁସ୍ତକାଳୟ, ଡିଜିଟାଲ୍ ଶିକ୍ଷାଦାନ ସୁବିଧା ଏବଂ ଛାତ୍ରାବାସ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ନବାଗତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଶେଷରେ ଅଧ୍ୟାପିକା ସୋନାଲି ସେଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତେ ନବାଗତମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳ ଶିକ୍ଷାଜୀବନ କାମନା କରିଥିଲେ ।

# ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତୃବିୟୋଗ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବରେନ ଚନ୍ଦ୍ର ଦଣ୍ଡପାଟ (୮୩) ଙ୍କର ଶୁକ୍ରବାର ସକାଳ ୬ ଟା ୪୦ ମିନିଟ୍ ସମୟରେ ସିଂହଟିଆ ସ୍ଥିତ ବାସଭବନରେ ପରଲୋକ ଘଟିଛି । ସେ ବିଶିଷ୍ଟ ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତା ଥିଲେ । ତାଙ୍କ ବିୟୋଗରେ ଶିକ୍ଷା, ସାମାଜିକ ଓ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଦଣ୍ଡପାଟ ତାଙ୍କ ଦୀର୍ଘ ଶିକ୍ଷକତା ଜୀବନରେ ଆମ୍ବଡାଳି, ଗଜଡିହୀ, ଛେଳିଆ, ତାଳପଦା ଓ ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ପରେ ଧାନପୋତା ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ଜଣେ ନିଷ୍ଠାବାନ ଶିକ୍ଷକ, ଶୃଙ୍ଖଳାପ୍ରିୟ ବ୍ୟକ୍ତିତ୍ୱ ଓ ସମାଜପ୍ରତି ସମର୍ପିତ ମଣିଷ ଭାବେ ସେ ସର୍ବମହଲରେ ସମ୍ମାନିତ ଥିଲେ । ତାଙ୍କ ଶେଷ ସମୟରେ ବଡ଼ପୁଅ ଭବାନୀ, ବଡ଼ବୋହୂ ସଞ୍ଜୁଲତା, ସାନପୁଅ ନୀଳାଦ୍ରି, ସାନବୋହୂ ଇତିଶ୍ରୀ, ଝିଅ ଗୀତାଞ୍ଜଳୀ, ଜ୍ୱାଇଁ ପ୍ରଦୀପ, ନାତି ସ୍ନେହାଶିଷ ଓ ଆୟୁଷ୍ମାନ, ନାତୁଣୀ ପଲ୍ଲବୀ ଓ କ୍ରିଷ୍ଟାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ଶିକ୍ଷକଙ୍କ ସାନପୁଅ ନୀଳାଦ୍ରି, ଧରିତ୍ରୀ ଖବରକାଗଜରେ ମୟୂରଭଞ୍ଜ ଜିଲ୍ଲାପ୍ରତିନିଧି ଭାବେ କାର୍ଯ୍ୟରତ ଅଛନ୍ତି । ପରଲୋକ ଖବର ପ୍ରଚାରିତ ହେବା ପରେ ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଭଞ୍ଜସେନା ଅଧ୍ୟକ୍ଷ ସଞ୍ଜିବ ରାଉତ, କଂଗ୍ରେସର ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ର, ବଡ଼ସାହି ବ୍ଲକର ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ବଳ, ପୂର୍ବତନ ରାଜ୍ୟ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବାରିପଦା ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ବାରିପଦା ବ୍ଲକ ବିଜେଡି ସଭାପତି ସୁଜିତ ମହାନ୍ତି ଓ ବଳଭଦ୍ରପୁର ସରପଞ୍ଚ ଅନ୍ନପୂର୍ଣ୍ଣା ଖଣ୍ଡେଇଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ପୂର୍ବତନ ସାଂସଦ ତଥାଗତ ଶତପଥି ମଧ୍ୟ ଗଭୀର ଶୋକ ପ୍ରକାଶ କରି ସ୍ୱର୍ଗତ ଦଣ୍ଡପାଟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ପରେ ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ଭବାନୀ ଦଣ୍ଡପାଟ ମୁଖାଗ୍ନି ପ୍ରଦାନ କରିଥିଲେ ।

# ସିନିୟର ବ୍ୟାଡ଼ମିଣ୍ଟନରେ ଚାମ୍ପିଅନ ଅବିନାଶଙ୍କୁ ସମ୍ବର୍ଦ୍ଧନା

ଆସିକା, (ସବ୍ୟୁ) : ରାଜ୍ୟସ୍ତରୀୟ ସିନିୟର ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ସିଙ୍ଗଲସ ଓ ଡବଲସ ଉଭୟ ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିୟନ ହୋଇଥିବା ଆସିକାର ଯୁବ ଖେଳାଳୀ ଅବିନାଶ ମୁନିଙ୍କୁ ଆସିକା ହରିହର ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମରେ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି । ଆସିକା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ବରିଷ୍ଠ ଖେଳାଳୀ ସାଗର ସାବତଙ୍କ ପୌରାହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ତୋଷ ପଣ୍ଡିତ, ଆର୍. ଚିଦାନନ୍ଦ ଆଚାରୀ, ଅରୁଣ ଗୁପ୍ତା, ମନୋଜ ପାତ୍ର, ବାଳକୃଷ୍ଣ ରେଡ୍ଡୀ ଓ ପ୍ରଶାନ୍ତ କୁମାର ମୁନି ପ୍ରମୁଖ ଯୋଗଦେଇ ଆସିକା ପାଇଁ ଗର୍ବ ଓ ଗୌରବ ଆଣିଥିବା ଅବିନାଶଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅବସରରେ ସ୍ଥାନୀୟ ବ୍ୟାଡ଼ମିଣ୍ଟନ ଖେଳାଳୀମାନେ ଉପସ୍ଥିତ ରହି ଅବିନାଶଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କୁ ଉତ୍ସାହିତ କରିଥିଲେ । ଅବିନାଶଙ୍କ ବାପା ମନୋଜ କୁମାର ମୁନିଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ପ୍ରକାଶଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ପକ୍ଷରୁ ବ୍ରହ୍ମପୁରସ୍ଥିତ ଉମା ଚରଣ ଇଞ୍ଜିନିୟରିଂ ସ୍କୁଲ ପରିସରରେ ତିନିଦିନିଆ ରାଜ୍ୟ ସ୍ତରୀୟ ସିନିୟର ଲେଭେଲ-୨ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଅବିନାଶ ମୁନି ସିଙ୍ଗଲସ ଓ ଡବଲସ ଉଭୟ ବିଭାଗରେ ଚାମ୍ପିୟନ ହୋଇ ଆସିକା ପାଇଁ ଗୌରବ ଆଣିଛନ୍ତି । ଅବିନାଶ ପୂର୍ବରୁ ମଧ୍ୟ ଗଞ୍ଜାମ ଜିଲ୍ଲା ସ୍ତରର ବିଭିନ୍ନ ବର୍ଗରେ କ୍ରମାଗତ ଭାବେ ୧୪ ଥର ଚାମ୍ପିୟନ ହୋଇଥିବା ବେଳେ, ୨୦୨୪ ମସିହାରେ ରାଜ୍ୟ ସ୍ତରୀୟ ଡବଲସ ବିଭାଗରେ ମଧ୍ୟ ଚାମ୍ପିୟନ ହୋଇଥିଲେ । ତାଙ୍କର ଲକ୍ଷ୍ୟ ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ରହିଥିବା ସେ ପ୍ରକାଶ କରିଛନ୍ତି । ଆସିକା ଇଣ୍ଡୋର ଷ୍ଟାଡିୟମର ବ୍ୟାଡ଼ମିଣ୍ଟନ ପ୍ରଶିକ୍ଷକ ଚନ୍ଦନ ବେହେରା, କବିସୂର୍ଯ୍ୟନଗର ଇଣ୍ଡୋର ଷ୍ଟାଡିୟମର ପ୍ରଶିକ୍ଷକ ମନୋଜ ପାତ୍ରଙ୍କ ସମେତ ବହୁ ଖେଳାଳୀ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଅବିନାଶଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ

# କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ନିର୍ବାଚନ ପର୍ଯ୍ୟବେକ୍ଷକ




ଫୁଲବାଣୀ, (ସବ୍ୟୁ) : କନ୍ଧମାଳର ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର-୨୦୨୬) କାର୍ଯ୍ୟକ୍ରମର ସୁପରିଚାଳନା ଏବଂ ଜିଲ୍ଲାସ୍ତରରେ ଏହାର ଅଗ୍ରଗତିର ସମୀକ୍ଷା ନିମନ୍ତେ ଓଡ଼ିଶା ସରକାରଙ୍କ ଏସ୍.ଟି. ଓ ଏସ୍.ସି. ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ବି. ପରମେଶ୍ୱରନ, ଆଇଏଏସ, ଚଳିତ ମାସ ୬ ତାରିଖ ଗୁରୁବାର ଦିନ ଫୁଲବାଣୀ ସ୍ଥିତ ସର୍କିଟ୍ ହାଉସରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ ।

ବୈଠକରେ ଜିଲ୍ଲାପାଳ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ବାଲିଗୁଡା ଉପ-ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ପ୍ରଣୀତା ଦାସ, ଫୁଲବାଣୀ ଉପ-ଜିଲ୍ଲାପାଳ ଭିକାରୀ ସାହୁ, ପ୍ରଶିକ୍ଷଣରତ ଆଇ.ଏ.ଏସ. ଯଶକରଣ ସିଂଙ୍କ ସମେତ ଜିଲ୍ଲାର ସମସ୍ତ ନିର୍ବାଚନ ସମ୍ବନ୍ଧୀୟ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ବର୍ତ୍ତମାନ ଅଗ୍ରଗତି, ଘରକୁ ଘର ସର୍ଭେ, ଯୋଗ୍ୟ ଭୋଟରଙ୍କ ଅନ୍ତର୍ଭୁକ୍ତି, ଦାବି ଓ ଆପତ୍ତିର ନିଷ୍ପତ୍ତି, ତଥ୍ୟର ସଠିକତା ଏବଂ କାର୍ଯ୍ୟର ଗୁଣାତ୍ମକ ମାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରତ୍ୟେକ ପର୍ଯ୍ୟାୟର କାର୍ଯ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମୟବଦ୍ଧ ଏବଂ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବାକୁ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଥିଲେ ।

ପରମେଶ୍ୱରନ କହିଥିଲେ ଯେ, ଭୋଟର ତାଲିକାର ଶୁଦ୍ଧତା ଏକ ସୁଦୃଢ଼ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳ ଆଧାର । ତେଣୁ କୌଣସି ଯୋଗ୍ୟ ଭୋଟର ଯେପରି ବାଦ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ନାମ ତାଲିକାରେ ସ୍ଥାନ ନପାଉ, ସେଥିପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧର ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଯାଇଥିବା ବେଳେ, କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଥିଲା ।

# ଶ୍ରୀ ବଳଦେବଜୀଉଙ୍କ ସୁନାବେଶ ପାଇଁ ଭକ୍ତ ଦାନକଲେ ଶ୍ରଦ୍ଧାଳୁଙ୍କ ଦ୍ୱାରା ତିନୋଟି ପିତ୍ତଳ ଛାଉଣୀ କବାଟ ଲଗାଗଲା



କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରପଡାର ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ, ଜଗ ମୋହନ ଦ୍ୱାର, ମଝି ଦେଉଳ ଦ୍ୱାର ଏବଂ ସିଂହଦ୍ୱାରରେ ନବନିର୍ମିତ ପିତଳ ଛାଉଣୀ ଯାଉଁଳି କବାଟ ଲଗା ଯାଇଛି। ୭ କୁଇଣ୍ଟାଲ ୫୦ କିଲୋ ଗ୍ରାମର ପିତଳରେ ପ୍ରସ୍ତୁତ ଏହି କବାଟକୁ ନୂତନ ପିଆଶାଳ କାଠ ଉପରେ ସ୍ଥାପନ କରା ଯାଇଛି। ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଞ୍ଚଳର ହିରାପୁର ଗାଁର କାରିଗର ସମୀର ଦାସଙ୍କ ନେତୃତ୍ୱରେ ୧୫ ଜଣ କାରିଗର ଏହାକୁ ପ୍ରସ୍ତୁତ କରିବା ପାଇଁ ୨ ମାସ ସମୟ ନେଇଛନ୍ତି। ଏହି ଅବସରରେ କବାଟର ଉଚ୍ଚତା ୯ ଫୁଟ ହୋଇଥିବା ବେଳେ ଏହାର ଚଉଡା ୮ ଫୁଟ ରହିଛି। ସମାଜସେବୀ ରାଜକିଶୋର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଏହି କବାଟ ତିଆରି ହୋଇଛି। ବଦାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ସୁନାବେଶ ପାଇଁ ୧ଲକ୍ଷ୍ୟ ୩୫ ହଜାରେ ଟଙ୍କା ଦାନ କରିଛନ୍ତି। ନୂତନ କବାଟ ଲାଗିବା ବେଳେ କେନ୍ଦ୍ରାପଡା ଜିଲାପାଳ ରଘୁରାମ ଆର ଆୟର, ଏସ୍ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସଡିପିଓ ଜ୍ୟୋତି ରାଂନ ଗୌଡ, ଟାଉନଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ମନ୍ଦିର ଟ୍ରଷ୍ଟି ପଣ୍ଡିତ ହୃଷିକେଶ ରଥ, ଧିରେନ କୁମାର ସାହୁ, ଦେବୋତ୍ତର ଅଧିକାରୀ ବଳଭଦ୍ର ପତ୍ରୀ, ବହୁ ବଦାନ୍ୟ ବରିଷ୍ଠ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶ୍ରୀ ବଳଦେବଜୀଉଙ୍କ ସୁନାବେଶ ପାଇଁ ସହାୟତା କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ନିବେଦନ କରାଯାଇଛି।

# ପତ୍ନୀକୁ ହତ୍ୟା ଘଟଣା: ଫେରାର ସ୍ୱାମୀ ଗିରଫ

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ବିବାହର ମାତ୍ର ୨୩ ଦିନ ପରେ ନବ ବିବାହିତା ପତ୍ନୀଙ୍କୁ ନିର୍ମମ ଭାବେ ଟାଙ୍ଗିଆରେ ହତ ।। କରି ଫେରାର ହୋଇଯାଇଥିବା ସ୍ୱାମୀ ଶୈଳେନ୍ଦ୍ର ନାରାୟଣ ମଳିକ(୨୮)ଙ୍କୁ ନେମାଳ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । କେନ୍ଦ୍ରାପଡା ସଦର ଥାନା ବାଲିସାହି ଗ୍ରାମର ଭରତ ଚନ୍ଦ୍ର ମଳିକ ତାଙ୍କର ତୃତୀୟ କନ ।। ରୋଜାଲିନ ମଳିକଙ୍କୁ ଗତ ଜୁଲାଇ ୧୨ତାରିଖ ଦିନ ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ ସହଦେବପୁର(ମସ୍ତରାମଠ) ଗ୍ରାମର ସୁରେନ୍ଦ୍ରନାଥ ମଳିକଙ୍କ ଜେ ।ଷ୍ଠପୁତ୍ର ଶୈଳେନ୍ଦ୍ରନାରାୟଣ ମଳିକ(ସିଲୁ)୨୮ଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ । ବରପକ୍ଷର ଦାବି ମୁତାବକ ଝିଅ ଓ ଜ୍ୱାଇଁଙ୍କୁ ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର. ଆସବାପତ୍ର ଓ ନଗଦ ଟଙ୍କା ଯୌତୁକ ଆକାରରେ ଦିଆଯାଇଥିଲା । ବୁଧବାର ରାତ୍ରରେ ପତି ପତ୍ନୀ ପରିବାର ବର୍ଗଙ୍କ ସହ ଖାଇ ପିଇ ଘରେ ଶୋଇଥିଲେ । ତେବେ ରାତ୍ରର ବିଳମ୍ବିତ ପ୍ରହରରେ ଆକସ୍ମିକ ଭାବେ କୌଣସି ଏକ ଘଟଣାକୁ ନେଇ ପତି ପତ୍ନୀଙ୍କ ମଧ୍ୟରେ କଥା କଟାକଟିରୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଝଡ ଏତେ ଭୟଙ୍କର ଥିଲା ଯେ ସ୍ୱାମୀ ହିତାହୀତ ଜ୍ଞାନ ହରାଇ ଦେଇ ଏକ ଟାଙ୍ଗିଆ ସାହାଯ୍ୟରେ ପତ୍ନୀକୁ ହାଣି ଦେଇଥିଲା । ଘଟଣାସ୍ଥଳରେ ନବ ବିବାହିତା ପତ୍ନୀର ଶୋଚନୀୟ ଭାବେ ମୃତ୍ୟୁ ହୋଇଥିଲା । ତେବେ ପତି ଶୈଳେନ୍ଦ୍ରର ଚିତ୍କାରରେ ଭୟଭୀତ ହୋଇ ପରିବାର ଲୋକେ କବାଟ ଖୋଲି ନଥିଲେ । ଏହାର ସୁଯୋଗ ନେଇ ଶୈଳେନ୍ଦ୍ର ଫେରାର ହୋଇଯାଇଥିଲା । ରାତି ପାହିଲା ବେଳକୁ ଏହି ଖବର ପବନ ବେଗରେ ଚାରିଆଡେ ଖେଳି ଯାଇଥିଲା ।

# ଭାରସାମ୍ୟ ହରାଇ ଟ୍ରକ ଦୁର୍ଘଟଣା, ଚାଳକ ଓ ଖଲାସୀ ଆହତ

ପାଣିକୋଇଲି,(ସବ୍ୟୁ) : : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଏକ ଟ୍ରକ ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡକୁ ଗଡିଯିବା ଫଳରେ ଚାଳକ ଓ ଖଲାସୀ ଆହତ ହୋଇଛନ୍ତି। ପ୍ରକାଶଯେ କଲିକତାରୁ ମାଛ ଖାଲି କରି ଏକ ଟ୍ରକ( ଏପି୨୬ଟିବି ୪୬୫୧) ଆନ୍ଧ୍ରର ନେଲୁର ଅଭିମୁଖେ ଫେରୁଥିଲା। ମାତ୍ର ସାହାପୁର ନିକଟରେ କୌଣସି କାରଣରୁ ଭାରସମ୍ୟ ହରାଇ ରାସ୍ତା କଡ ସୁରକ୍ଷା ବାଡାରେ ପିଟି ହୋଇ ଲାଖି ରହିଥିଲା। ନଚେତ ତଳକୁ ଖସିଥିଲେ ୩୦ଫୁଟ ତଳକୁ ପଳାଇଥାନ୍ତା। ପଶ୍ଚିମବଂଗ ନଦିଆର ଟ୍ରକ ଚାଳକ ସେକ ଲକ ଓ ଖଲାସୀ ଫଜୁଲ ରହେମାନ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ପହଂଚି ଚାଳକ ଓ ଖଲାସୀଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ରିକଭରି ଭ୍ୟାନ ଡକାଇ ଗାଡିଟିକୁ ବାହାର କରାଯାଇଥିଲା।

# ନିଷ୍ଠା ଓ ଅଧ୍ୟବସାୟ ହିଁ ସଫଳତାର ମୂଳମନ୍ତ୍ର :ଅତିରିକ୍ତ ଜିଲ୍ଲାପାଳ

ଯାଜପୁର,(ସବ୍ୟୁ) : ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟିର ବାର୍ତ୍ତାକୁ ନେଇ ପ୍ରକୃତି ମିତ୍ର ପ.ଏମ୍.ଶ୍ରୀ ବିରଜା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଦିନ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରିବେଶ ପ୍ରେମୀ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଆଲୋକ କୁମାର ବନ୍ଧ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବାଶିଷ ମହାନ୍ତି, କମିଟିର ସଦସ୍ୟବୃନ୍ଦ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କ ମିଳିତ ପ୍ରୟାସରେ ବଉଳ, ପଣସ, ପିଜୁଳି, ଚମ୍ପା, ନଡ଼ିଆ, ମାଲବେରୀ ଓ ଅଁଳା ସମେତ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା । ନିଜ ବକ୍ତବ୍ୟରେ ଶ୍ରୀ ସ୍ୱାଇଁ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ରୋପଣ କରାଯାଇଥିବା ଚାରାକୁ ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ବୃକ୍ଷରୋପଣ ପରେ ଶ୍ରୀ ସ୍ୱାଇଁ ସେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ତ୍ରିକୋଣମିତି ଓ ନବମ ଶ୍ରେଣୀରେ ଭୂଗୋଳ ବିଷୟ ଉପରେ ମଧ୍ୟ ଶିକ୍ଷାଦାନ କରିଥିଲେ । ସେ କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ହିଁ ସଫଳତାର ମୂଳମନ୍ତ୍ର ବୋଲି ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଶ୍ରୀ ସ୍ୱାଇଁ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ଇକୋ କ୍ଲବ୍ ଇନ୍ ଚାର୍ଜ ଅମୀୟ କୁମାର ସ୍ୱାଇଁ, ଜମିଲୁର ରସିଦ୍ ଖାଁ, ଅନ୍ନପୂର୍ଣ୍ଣା ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତରାୟ, ରେଖାରାଣୀ ମଲ୍ଲିକ, ସୁପ୍ରଭା ସାହୁ, ମାନସ୍ମିତା ଭଦ୍ର, ସୁଷମା ପଲେଇ, ମନ୍ଦାକିନୀ ବେହେରା, ଶୁଭଶ୍ରୀ ପରିଡ଼ା, ମୀନାକ୍ଷୀ ଜେନା ଓ ସସ୍ମିତା ସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ନାଉଗାଁ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ୪ ଦଫା ଦାବି

ନାଉଗାଁ ,(ସବ୍ୟୁ ):ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି , ନାଉଗାଁ ତରଫରୁ ଜିଲ୍ଲା ଓଷ୍ଟା ସଂଘ ର ଉପଦେଷ୍ଟା ନିରଞ୍ଜନ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଶିକ୍ଷା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମ୍ବଳିତ ୪ଦଫା ଦାବିକୁ ନେଇ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାଉଗାଁ ଙ୍କ ମାଧ୍ୟମରେ ଦାବିପତ୍ର ବ୍ଲକ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା । ସୁରେଶ ରାଉଳ, ଦିଲ୍ଲୀପ ସାହୁ,କୃଷ୍ଣ ଚନ୍ଦ୍ର ପରିଡା ,ନାଉଗାଁ ବ୍ଲକ ସମନ୍ୱୟ ସମିତିର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ ।

# ବନ୍ୟା ପାଣି ଯୋଗୁଁ ପାଲା ମଣ୍ଡପରେ ଚାଲିଛି ପିଲାଙ୍କ ପାଠପଢ଼ା
## ମଧ୍ୟାହ୍ନ ଭୋଜନ ବନ୍ଦ, ବିଇଓଙ୍କ ପ୍ରଧାନ ଶିକ୍ଷକ ଓ ସିଆରସିଙ୍କୁ ତାଗିଦ



ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ପଟୁଣିଆ ପଂଚାୟତର ଡିହନରସିଂହପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ୟା ପାଣି ଘେରରେ ରହିଛି । ଛାତ୍ରଛାତ୍ରୀମାନେ ଯେପରି ପାଠପଢ଼ାରୁ ବଂଚିତ ନ ହେବେ, ସେଥିପାଇଁ ବିଇଓ ଅଭୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ଥିବା ପାଲା ମଣ୍ଡପରେ ଦୁଇ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳୁଛି । ସେହିପରି ପ୍ରତ୍ୟେକ ଦିନ ମଧ୍ୟାହ୍ନ ଭୋଜନ ଦିଆଯିବା ନେଇ ବ୍ୟବସ୍ଥା ରହିଥିଲେ ସୁଦ୍ଧା ସିଆରସି ଓ ପ୍ରଧାନ ଶିକ୍ଷକଙ୍କ ମନମାନୀ ଯୋଗୁ ଶୁକ୍ରବାର ଦିନ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉନଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ଶିଶୁ ବାଟିକାରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୧ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ପ୍ରଧାନଶିକ୍ଷକ ବିଷ୍ଣୁ ପ୍ରସାଦ ସେଠୀ ଓ ସହକାରୀ ଶିକ୍ଷକ ସଦାନନ୍ଦ ହୋତା ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ରହିଛନ୍ତି। ଗୋଟିଏ କୋଠରୀରେ ଶ୍ରେଣୀ ସହ ଅଫିସ୍ କାର୍ଯ୍ୟ ମଧ୍ୟ ଚାଲିଛି । କିନ୍ତୁ ଗେଙ୍ଗୁଟି ନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଏହି ବିଦ୍ୟାଳୟ ବନ୍ୟା ପାଣି ଘେରକୁ ଆସିଯାଇଛି । ବିଦ୍ୟାଳୟ କୁ ଯିବା ପାଇଁ ସମ୍ମୁଖ ପରିସର ରାସ୍ତାରେ ଅଂଠୁଏ ଉଚ୍ଚର ପାଣି ରହିଛି । ଯାହା ଫଳରେ ପିଲା ମାନଙ୍କୁ ନିକଟସ୍ଥ ଏକ ପାଲା ମଣ୍ଡପ ରେ ପାଠ ପଢା ଯାଉଛି । ସେହିପରି ପାଲ ତଳେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ପିଲାମାନଙ୍କୁ ଦିଆଯାଉଛି । କିନ୍ତୁ ଶୁକ୍ରବାର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉ ନ ଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କ ରେ ପ୍ରଧାନ ଶିକ୍ଷକ ଙ୍କୁ ପଚାରିବାରୁ ସେ କିଛି ସନ୍ତୋଷ ଜନକ ଉତର ଦେଇ ନଥିଲେ। ଏ ସଂମ୍ପର୍କରେ ବିଇଓ ଖବର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଓ ସିଆସିଙ୍କୁ ତାଗିଦ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ପାଠପଢ଼ା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଅବହେଳା ଗ୍ରହଣଯୋଗ୍ୟ ନୁହେଁ । ଏହି ଭଳି ମନମାନୀ କରିଲେ ସେମାନଙ୍କ ଉପରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାଯିବ ବୋଲି ବିଇଓ ଶ୍ରୀ ବେହେରା କହିଛନ୍ତି।

# ଜେନାପୁର କଲେଜରେ ଇନୋଭେସନ ଷ୍ଟାର୍ଟଅପ କାର୍ଯ୍ୟକ୍ରମ




କୁଆଖିଆ,(ସବ୍ୟୁ) : ଜେନାପୁର କଲେଜରେ ଆଜି ଇନୋଭେସନ ଷ୍ଟାଟଅପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜେନାପୁର କଲେଜର ଇନୋଭେସନ ଷ୍ଟାଟଅପ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଇନ ଚାର୍ଜ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ରଥ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟକ୍ଷ ଚିତ୍ତ ରଞ୍ଜନ ଶତପଥୀ ଯୋଗ ଦେଇ ପିଲାମାନେ କିପରି ସ୍ୱାଓ୍ୱାବଲମ୍ବୀ ହେବେ ସେ ଉପରେ କହିଥିଲେ । ସଭା ରେ ରିଶୋର୍ସସମ୍ବଳଅତିଥି କାନ୍‌ହାଡ଼ାଇରୀ ଫାର୍ମ ର ବେଣୁଧର ବେହେରା ଯୋଗ ଦେଇ ପିଲାମାନେ କିପରି ଗୋପାଳନ କରି ନିଜ ସହ ପରିବାର ଗ୍ରାମର ବିକାଶ କରିପାରିବେ ସେ ଉପରେ କହିଥିଲେ । ସମ୍ମାନିତ ଅତିଥି ଅଧ୍ୟାପକ ଦାମୋଦର ପଣ୍ଡା ଯୋଗ ଦେଇ ପିଲାମାନଙ୍କପାଇଁ ଉଚ୍ଚ ଶିକ୍ଷା ବିଭାଗ ର ଏହି ଯୋଜନା ଭବିଷ୍ୟତରେ ସହାୟକ ହେବ ବୋଲି କହିଥିଲେ । ପ୍ରୋଗ୍ରାମ କୋ ଅର୍ଡିନେଟର ପ୍ରକାଶ ରଥ କୃତୀ ଛାତ୍ରଛାତ୍ରୀଙ୍କୁ ତାଙ୍କର ପ୍ରବନ୍ଧ ପାଇଁ ସାଟିଫିକେଟ ଅତିଥିଙ୍କ ଦ୍ୱାରା ବଣ୍ଟନ କରିଥିଲେ । ଅଧ୍ୟାପିକା ନନ୍ଦିତା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା,ଦେବସ୍ମିତା ଦାସ ପିଲାମାନଙ୍କୁ ଏହି ଯୋଜନାର ରୂପ ରେଖ କହିଥିଲେ । ଗ୍ରନ୍ଥାଗାରିକ ହରେକୃଷ୍ଣ ପାଲ,ପି ଇ ଟି ଶଙ୍କର୍ଷଣ ଦୋରା,ଡି ଇ ଓ ବିଶ୍ୱଜିତ ବେହେରା,ବିରଜା ଶଙ୍କର ରାଉତ,ସାଉଁଟି ଚରଣ ଦାସ, ଆଶିଷ ଦାସ, ସଞ୍ଜୟ ମହାନ୍ତି, ଅନୁସୟା ପାଳ ଙ୍କ ସହ ସମସ୍ତ କର୍ମଚାରୀ ଓ ସମସ୍ତଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଜଳସମ୍ପଦ ବିଭାଗର ମନମୁଖୀ କାର୍ଯ୍ୟ: ୬ଦିନ ଧରି ପାନୀୟ ଜଳ ଯୋଗାଣ ଠପ୍

ରଘୁନାଥପୁର,(ସବ୍ୟୁ):ମହାନଦୀ ଦକ୍ଷିଣ ଜଳସମ୍ପଦ ବିଭାଗ ଅନ୍ତର୍ଗତ କିଶନନଗର ଏସଡିଓ ତଥା ସୋମପୁର ଯନ୍ତ୍ରୀଙ୍କ ଅଧୀନରେ ଥିବା ୭ ନଂ ସି କେନାଲର ବିଳମ୍ବିତ ତଥା ମନମୁଖୀ ସଫେଇ କାର୍ଯ୍ୟ ଯୋଗୁଁ ବିଭିନ୍ନ ସ୍ଥାନରେ ପାଇପ ଲାଇନ ଫାଟି ପାନୀୟଜଳର ସମସ୍ୟା ଦେଖାଦେଇଛି ।ଠିକାଦାର ରାତିରେ ଜେସିବି ଦ୍ୱାରା କେନାଲ ସଫା କରିବା ସମୟରେ କଣ୍ଟିଆର ଠାରୁ ରଘୁନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାନୀୟଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପଲାଇନକୁ ଠିକାଦାର ଖୋଳି ନଷ୍ଟ କରିଦେଇଛନ୍ତି ।ଫଳରେ ବଜାର ତଥା ସ୍ଥାନୀୟ ଗ୍ରାମକୁ ଯାଇଥିବା ପାନୀୟଜଳ ଗତ ୬ ଦିନ ଧରି ଠପ ହୋଇଯାଇଛି ।ସାଧାରଣ ଲୋକେ ଅସୁବିଧାରେ ସମ୍ମୁଖୀନ ହେଉଥିବାବେଳେ ଠିକାଦାର କିମ୍ବା ଦାୟୀତ୍ୱରେ ଥିବା ସୋମପୁର ଯନ୍ତ୍ରୀଙ୍କ ଏଥିପ୍ରତି ଅନୁସୋଚନା ନାହିଁ ।ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ଏଥିରେ ହସ୍ତକ୍ଷେପ କରିବାରୁ ଜଳଯୋଗାଣ ସ୍ୱାଭାବିକ ହୋଇଛି ।ତେବେ ପଞ୍ଚାୟତ ଅଫିସ ନିକଟରେ ସୋଲାରସିଷ୍ଟମକୁ ସଂଯୋଗ କରୁଥିବା ପାଇପକୁ ଜେସିବି ତାଡି ପକାଇଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ ।ଅନ୍ୟପକ୍ଷେ ବଜାର ମଧ୍ୟଦେଇ ଯାଇଥିବା କେନାଲର ସଫେଇ କାର୍ଯ୍ୟ ଜୁଲାଇ ୧୫ ମଧ୍ୟରେ ଶେଷ କରିବାକୁ ନିୟମ ରହିଛି ।ଠିକାଦାର ନିଜ ମର୍ଜିରେ ଅଗଷ୍ଟ ପ୍ରଥମ ସପ୍ତାହରେ ଏହାକୁ ସଫେଇ କରୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଚାଷୀଙ୍କ କହିବା ଅନୁଯାୟୀ କେନାଲରେ ବର୍ଷାପାଣି ଜମି ରହିଥିବାବେଳେ ଏହାକୁ ସଫେଇ କରିବା ଦାରା କେନାଲ ଗର୍ଭରେ ଥିବା ଅଳିଆ ଆବର୍ଜନା ଠିକ ଭାବେ ସଫେଇ ହୋଇପାରି ନାହିଁ ।ଫଳରେ କେନାଲରେ ଆବଶ୍ୟକ ମୁତାବକ ଜଳ ଚାଷଜମିକୁ ମାଡ଼ିପାରୁ ନାହିଁ ।ସମ୍ପୃକ୍ତ ବିଭାଗର ଦାଇିହିନତା ତଥା ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଚାଷୀକୁଳ ସମସ୍ୟା ଭୋଗୁଥିବା ବେଳେ ପାଇପ ଲାଇନ ଜନିତ ହୋଇଥିବା କ୍ଷୟକ୍ଷତିକୁ କିଏ ଭରଣା କରିବ ବୋଲି ପ୍ରଶ୍ନ କରାଯାଇଛି ।ଏ ସମ୍ପର୍କରେ କିଶନନଗର ଏସଡିଓ ମାନସ ରଞ୍ଜନ ମହାପାତ୍ରଙ୍କୁ ପଚାରିବା ରେ ସେ ନିଜେ ଜାଇ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି ।

# ଯୁବ କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବନ୍ୟା ବିପନ୍ନଙ୍କ ଉଦେଶ୍ୟରେ ଦଶରଥପୁର ଯୁବ କଂଗ୍ରେସ ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିବା ଦେଖାଯାଇଛି । ବ୍ଲକସ୍ଥ କସପା, ତରପଦା, ମଲିକାପୁର, ନିଜାମପୁର, ଦୁଦୁରାଅଣ୍ଟା, କମାରଡିହ, କୟାଁ ଆଦି ପଞ୍ଚାୟତରେ ପ୍ରାୟ ୧୫ ଶହ ପରିବାରକୁ ମୁଡି, ବିସ୍କୁଟ, ପାଉଁରୁଟି, ପାଣି ବୋତଲ ଆଦି ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି । ଯୁବ କଂଗ୍ରେସ ନେତାଙ୍କ ଚନ୍ଦ୍ର ଶେଖର ସାହୁଙ୍କ ନେତୃତ୍ୱରେ ସରପଞ୍ଚ ଲିପିକା ମଲିକ, ଛାତ୍ର ନେତା ଅନନ୍ତ କୁମାର ଯେନା, ଦେବକାନ୍ତ ପତି, ଅମୀୟ ଦାସ ପ୍ରମୁଖ ଉପସ୍ଥିତ ରହି ବଣ୍ଟନରେ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ କ୍ଷୟକ୍ଷତି: ଯୁଗ୍ମ ତଦନ୍ତ ଆରମ୍ଭ

ନାଉଗାଁ,(ସବ୍ୟୁ) : ଲଘୁଚାପ ଜନିତ ଲଗାଣ ବର୍ଷାରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ତଳିଆ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ତଳିଆ ଅଂଚଳରେ ବର୍ଷା ଜଳ ନିଷ୍କାସନ ପ୍ରାୟତଃ ବାଉଁଶଯୋରୀ ଓ ଗୋବରୀ ନାଳ ଦେଇ ହୋଇଥାଏ । ଦେବୀନଦୀରେ ବନ୍ୟା ଆସିବା ଫଳରେ ବାଉଁଶଯୋରୀ ଓ ଗୋବରୀରେ ଥିବା ସୁଇସ ଗେଟଟିକୁ ବନ୍ଦ ରଖାଯାଇଥିଲା । । ଯାହାଫଳରେ ଉଦବୃତ ବର୍ଷା ଜଳ ନିଷ୍କାସିତ ହୋଇ ପାରିନଥିଲା । ତେଣୁ ଉକ୍ତ ବ୍ଲକରେ ଚାଷୀମାନେ ଧାନ ରୋଇବା ପାଇଁ ପକାଇ ଥିବା ଧାନ ତଳି ଘେରା ନଷ୍ଟ ହେବା ସହିତ ବିଭିନ୍ନ ପଂଚାୟତରେ ପନିପରିବା ନଷ୍ଟ ହୋଇଥିଲା । ଚାଷୀମାନେ ଶ୍ରମ ସହ ଅର୍ଥ ଖର୍ଚ୍ଚ କରି ଚାଷ କାର୍ଯ୍ୟ କରିଥିବା ବେଳେ ବିହନ ଓ ପନିପରିବା ସବୁ ନଷ୍ଟ ହୋଇଥିବାରୁ କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନ ନିକଟରେ ଦାବି କରିଥିଲେ । ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା- ୩୦୨୧ ତା ୪ ଅଗଷ୍ଟ ୨୦୨୬ର ନିର୍ଦ୍ଦେଶ ଅନୁସାରେ ରାଜ୍ୟ ବିପର୍ଯ୍ୟୟ ଆଇନାନୁଯାୟୀ ଏକ ଯୁଗ୍ମ ତଦନ୍ତ ଆରମ୍ଭ କରାଯାଇଛି ।ଏହି ଯୁଗ୍ମ ତଦନ୍ତରେ କୃଷି, ରାଜସ୍ୱ, ଉଦ୍ୟାନ ବିଭାଗର ଅଧିକାରୀମାନେ ସାମିଲ ହୋଇଛନ୍ତି । କୃଷି ବିଭାଗ ତରଫରୁ ପଂଚାୟତ ଦାୟିତ୍ୱରେ ଥିବା ଗ୍ରାମ୍ୟ କୃଷି ସେବକ, ରାଜସ୍ୱ ନିରୀକ୍ଷକ ଓ ଉଦ୍ୟାନ କର୍ମଚାରୀ ରହିଛନ୍ତି । ଗୁରୁବାର ଗଳଦାରୀ, ଘୋଡାଂଶ, ଶିଖର, ଡାବର, କୋରୁଅ ଆଦି ପଂଚାୟତ ବୁଲି ଦେଖିବା ସହିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଯୁଗ୍ମ ତଦନ୍ତରେ ଉଦ୍ୟାନ ବିଭାଗର ଅଧିଦର୍ଶକ ଦେବାଶୀଷ ମହାନ୍ତି, ରାଜସ୍ୱ ନିରୀକ୍ଷକ ରୂପାଲି ସାମନ୍ତରାୟ, ଗ୍ରାମ୍ୟ କୃଷି ସେବକ ବିଶ୍ୱଜିତ ପରିଡା, ସାଗରୀକା ସେଠୀ ଆଦି ସାମିଲ ହୋଇଥିଲେ । କ୍ଷୟକ୍ଷତି ଆକଳନର ରିପୋର୍ଟ ଆସିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ଅକ୍ଷୟ କୁମାର ବଡୁ ମତବ୍ୟକ୍ତ କରିଥିଲେ ।

# ବାଇକ ଦୁର୍ଘଟଣା ଖାଲରେ ପଡି ୩ ଆହତ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଅଢେଇବାଟିଆ ଛକ ନିକଟରେ ରାଜପଥ ଖାଲରେ ପଡି ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପାଣିକୋଇଲି ଠାରୁ ଆଲିଆ ମଧ୍ୟରେ ୨୦ ନମ୍ବର ଜାତୀୟ ରାଜପଥର ଦକ୍ଷିଣପାଶ୍ୱର୍ରେ ୪ କିମି ମଧ୍ୟରେ ଶତାଧିକ ବଡ ବଡ ଖାଲ ହୋଇଛି। ଲଗାଣ ବର୍ଷାରେ ଖାଲରେ ପାଣି ଜମି ରହିବାରୁ ଏହାର ଗଭୀରତା ଜଣାନପଡିବାରୁ ବାରମ୍ବାର ଦୁର୍ଘଟଣା ହେଉଛି। ଆଜି ଜହ୍ନା ଆଦିବାସୀ ସାହିର ତିନି ଜଣ ଯୁବକ କିର୍ତନ ମୁର୍ମୁ, ସିଂଗୁରେଇ ମାଝୀ ଓ ମାନସ ମୁର୍ମୁ ଏକ ବାଇକ ଯୋଗେ ଭଦ୍ରକ ଫୁଟବଲ ଖେଳିବାକୁ ଯାଉଥିଲେ। ହେଲେ ସେମାନେ ରାସ୍ତା ଖାଲରେ ପଡି ଭାରସାମ୍ୟ ହରାଇ ଛିଟିକି ପଡି ଡିଭାଇଡରରେ ପିଟି ହୋଇ ଆହତ ହୋଇଥିଲେ। ଖବର ପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ ବଳ ସଦଳବଳେ ପାହଂଚି ସେମାନଙ୍କୁ ଉଦ୍ଧାର କରି ପାଣିକୋଇଲିରେ ଏକ ଘରୋଇ ଚିକିସାଳୟରେ ପ୍ରାଥମିକ ଚିକିସା କରିଥିଲେ। ସେମାନଙ୍କ ମଧ୍ୟ ରୁ ଜଣେ ଗୁରୁତର ଥିବାରୁ ସେମାନଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିସାଳୟକୁ ପଠାଇଥିଲେ।

# ପ୍ରେସକ୍ଲବ ଚଣ୍ଡିଖୋଲର ଗୁରୁତ୍ୱପୂର୍ଣ୍ଣ ବୈଠକ
## ଗୋପବନ୍ଧୁ ସାମ୍ବାଦିକସ୍ୱାସ୍ଥ୍ୟ ବୀମା ଯୋଜନା ପୂର୍ବପରି ଚାଲୁ ରଖିବାକୁ ଦାବି



ଚଣ୍ଡିଖୋଲ,(ସବ୍ୟୁ) ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରବର୍ତ୍ତିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ରାଜ୍ୟ ସରକାର ଏବେ ଆୟୁଷ୍ମାନ ଭାରତ ଯୋଜନାରେ ମିଶ୍ରଣ କରିଦେବାକୁ କରୁଥିବା ମସୁଧାକୁ ଯାଜପୁର ଜିଲ୍ଲା ପ୍ରେସକ୍ଲବ ଚଣ୍ଡିଖୋଲ ପକ୍ଷରୁ ବିରୋଧ କରାଯାଇଛି । ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନେ ଦୀର୍ଘ ଦିନ ଧରି ଦାବି କରିଆସିବା ପରେ ଗତ ୨୦୧୮ ମସିହାରେ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଏହି ଯୋଜନା ପ୍ରଣୟନ କରିଥିଲେ । ଏହି ଯୋଜନାରେ ଏବେ ବାର୍ଷିକ ୫ ଲକ୍ଷ ଟଙ୍କାର ବିମା ରାଶି ସରକାର ଯୋଗାଇ ଦେଉଛନ୍ତି । ହେଲେ ରାଜ୍ୟ ସରକାର ଏବେ ଏହି ଯୋଜନାରୁ ଆୟୁଷ୍ମାନ ଭାରତ ଯୋଜନା ସହ ମିଶାଇ ଦେବାକୁ ମସୁଧା କରୁଥିବାରୁ ଶୁକ୍ରବାର ଦିନ ଆହୁତ ପ୍ରେସକ୍ଲବର ସାଧାରଣ ପରିଷଦ ବୈଠକରେ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ଏହି ଯୋଜନା ପ୍ରତ୍ୟାହୃତ ହେଲେ ସାମ୍ବାଦିକ ମାନେ ସେମାନଙ୍କ ସ୍ୱତନ୍ତ୍ରତା ହରାଇବେ ବୋଲି ଆଶଙ୍କାକରି ପୂର୍ବପରି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଚାଲୁ ରଖିବାକୁ ବୈଠକରେ ଦାବି କରାଯାଇଥିଲା । ପ୍ରେସକ୍ଲବ ସଭାପତି ବେଣୁଧର ପଣ୍ଡାଙ୍କ ଅଧ୍ୟତାରେ ଅନୁଷ୍ଠିତ ଏହି ସାଧାରଣ ପରିଷଦ ବୈଠକରେ ପ୍ରଥମେ ସମ୍ପାଦକ ହେମେଶକୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ପ୍ରେସକ୍ଲବ ଦିତୀୟ ତାଲା ଗୃହ ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ପରେ ଆସନ୍ତା ସ୍ୱାଧୀନତା ଦିବସ ପାଳନ ଓ ସଭ୍ୟପଦ ନବୀକରଣ ନେଇ ନିଷ୍ପତ୍ତି ହୋଇଥିଲା । କରାଯିବ ଏହାଉପରେ ଆଲୋଚନା ହୋଇଥିଲା ।ଏହି ବୈଠକରେ କାର୍ଯକାରୀ ସଭାପତି ଦିଲ୍ଲୀପକୁମାର ମହାନ୍ତି,ସଂଯୋଜକ ସଞ୍ଜୟ ସ୍ୱାଇଁ, ବରିଷ୍ଠ ସଭ୍ୟ ଶିବରାମ ସାହୁ,ଅଭିମନ୍ୟୁ ଧଳ,କୋଷାଧ୍ୟକ୍ଷ ପ୍ରଶନ୍ନ ବିଶ୍ୱାଳ,ମୋହନ ଖିଲାର, ପ୍ରତାପକେଶରୀ ରାଉତରାୟ, ମସିର ଆଲମ, ସେକ ସାବୀରୁଦ୍ଦିନ,ବସନ୍ତକୁମାର ପଲେଇ,ଦିଲ୍ଲୀପ ସାହୁ,ଅଜିତ ମିଶ୍ର,ଚିନ୍ମୟ ପୃଷ୍ଟି,ଡମ୍ବରୁଧର ଜେନା,ତ୍ରିଲୋଚନ ବେହେରା, ଅଜୟ ଦାସଙ୍କ ସହ ସମସ୍ତ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସଚେତନତା

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ପିଏମଶ୍ରୀ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟୁତ ବିଭାଗ (ଟିପିଏନଓଡିଏଲ)ପକ୍ଷରୁ ବିଦ୍ୟୁତ ସୁରକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଦ୍ୟୁତ ବିଭାଗର ଅଧିକାରୀ, କର୍ମଚାରୀ ମାନେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟୁତ ଅଧିକାରୀ ମାନେ ବିଦ୍ୟୁତର ସୁରକ୍ଷିତ ବ୍ୟବହାର, ବର୍ଷା ଦିନରେ ବିଦ୍ୟୁତ ଦୁର୍ଘଟଣାରୁ ରକ୍ଷା ପାଇବାର ଉପାୟ, ଛିଣ୍ଡା ବିଦ୍ୟୁତ ତାର ଠାରୁ ଦୂରେଇ ରହିବା, ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ନିକଟକୁ ନଯିବା ଏବଂ ବିଦ୍ୟୁତ ସମ୍ବନ୍ଧିୟ ବିପଦ ଦେଖିଲେ ତୁରନ୍ତ ବିଦ୍ୟୁତ ବିଭାଗକୁ ସୂଚନା ଦେବା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରି ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ଆହ୍ୱାନ କରାଯାଇଥିଲା। ଏଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟୁତ ଦୁର୍ଘଟଣା ରୋକିବା ସହ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କୀତ ବାର୍ତା ପହଂଚାଇବା ହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଦୁ୍ୟତ ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ପାଣିକୋଇଲି ବିଦ୍ୟୁତ ବିଭାଗର ସେକସନ ମ୍ୟାନେଜର କୃଷ୍ଣ ପାତ୍ର ସର୍କଲ ସେପଟି ଅଫିସର ସୌମିତ୍ର ପାତ୍ର , ଟ୍ରେନର ଦେବେନ୍ଦ୍ର ପୃଷ୍ଟି, ସେପଟି ଅଫିସର ସନ୍ତୋଷ ସେଠୀ. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରେଖା ସାହୁ, ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ପହୀ, ମାନିନୀ ଦାସଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଡାଟା ଏଣ୍ଟ୍ରି ଅପରେଟର ନେଉଥିଲେ ଲାଞ୍ଚ, ମାଡିବସିଲା ଭିଜିଲାନ୍ସ

ରଣପୁର, (ସବ୍ୟୁ) : ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ଲାଞ୍ଚଖୋର ମନୋବୃତ୍ତି ଏବେ ମାତ୍ରାରେ ବଢ଼ି ଯେ, ବିନା ହାତଗୁଞ୍ଜାରେ କିଛି କାର୍ଯ୍ୟ ହେଉ ନାହିଁ। ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗିରଫ ହେଲେ ମଧ୍ୟ ସରକାରୀ ଅଧିକାରୀ ସଚେତନ ହେଉନାହାନ୍ତି।

ନୟାଗଡ ଜିଲ୍ଲାଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ରଣପୁର ବ୍ଲକ ରାଜ ଜଙ୍କିଆ ଗ୍ରାମ ପଞ୍ଚାୟତ ଆକାଉଣ୍ଟ କମ ଡାଟା ଏଣ୍ଟ୍ରି ଅପରେଟର ପ୍ରଶାନ୍ତ ଭଞ୍ଜ ଶୁକ୍ରବାର ମଧ୍ୟାହ୍ନ ସମୟରେ ଗିରଫ ହୋଇଛନ୍ତି। ଶ୍ରୀ ଭଞ୍ଜ ରାଜଜଙ୍କିଆର ଅକ୍ଷୟ କୁମାର ମାଝୀଙ୍କ ଠାରୁ ଆବାସ ଯୋଜନାରେ ମନରେଗା ଅର୍ଥ ଓ ବୋନସ ଅର୍ଥ ୪୨ ହଜାର ଟଙ୍କା ପାଇଁ ୯ ହଜାର ଟଙ୍କା ଦାବି କରି ଲାଞ୍ଚ ନେଉଥିଲେ। ସେ ପୂର୍ବରୁ ପାଞ୍ଚ ହଜାର ଟଙ୍କା ନେଇଥିବା ବେଳେ ଆଉ ବାକି ୪ ହଜାର ଟଙ୍କା ନେଉଥିବା ବେଳେ ଜଙ୍କିଆ ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ ହାତରେ ଧରାପଡିଥିଲେ।



ସୂଚନାଯୋଗ୍ୟ, ଶ୍ରୀ ଭଞ୍ଜବାବୁ ଚମ୍ପାଗ ପଞ୍ଚାୟତ ଦାୟିତ୍ୱରେ ମଧ୍ୟ ଥିଲେ। ନିରୀକ୍ଷକ ବିରୁଆ ବାବୁ ଅଭିଯୁକ୍ତ ଭଞ୍ଜଙ୍କୁ ଗିରଫ କରି ଭୁବନେଶ୍ୱର ବିଭାଗୀୟ କାର୍ଯ୍ୟାଳୟକୁ ନେଇଥିବା ସୂଚନା ମିଳିଛି। ଲାଞ୍ଚ ଦେଉଥିବା ଅକ୍ଷୟ ମାଝୀ କୁହନ୍ତି, ପ୍ରଥମେ ପାଞ୍ଚ ହଜାର ନେଇଥିଲେ ମଧ୍ୟ ବିଲ ପାଇଁ ବାରମ୍ବାର ଦୌଡ଼ାଉଥିବାରୁ ସେ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ସୂଚନା ଅନୁଯାୟୀ ଭଞ୍ଜ ବାବୁ ମଧ୍ୟ ଚମ୍ପାଗ ଗ୍ରାମ ପଞ୍ଚାୟତରେ ଜଣିକ ଅଙ୍ଗନବାଡି କର୍ମୀ ଙ୍କ ନାମରେ ଥିବା ଏକ ଜବ କାର୍ଡରେ କିଛି ଟଙ୍କା ଉଠାଣ ରେ ମଧ୍ୟ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି, ଯାହାର ତଦନ୍ତ ମଧ୍ୟ ବିଚାରାଧୀନ ରହିଛି।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ନୀଳମାଧବ ମନ୍ଦିର ପରିଦର୍ଶନ

କଣ୍ଟିଲୋ, (ସବ୍ୟୁ) : ରାଜ୍ୟ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟ ଆଜି ନୀଳମାଧବ ମନ୍ଦିର ପରିଦର୍ଶନ କରିଛନ୍ତି। କମିଟି ଅଧ୍ୟକ୍ଷ ତଥା ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉକ୍ତ ଟିମରେ ନିଆଳି ବିଧାୟକ ଛବି ମଲ୍ଲିକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ଶେଠି ପ୍ରମୁଖ ନୀଳମାଧ ମନ୍ଦିର ରେ ପୂଜାର୍ଚ୍ଚନା କରିବା ସହିତ ନୀଳମାଧ ବିକାଶ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। ସେବାୟତ ମାନେ ମନ୍ଦିର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। କମିଟି ସଦସ୍ୟ ମଧ୍ୟ ମନ୍ଦିରର ବିକାଶ ଆବଶ୍ୟକତା ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ଦେବେ ବୋଲି କହିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ,ଖଣ୍ଡପଡା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ,ଓଡିଶା ସେତୁ ନିର୍ମାଣ ନିଗମ ମୁଖ୍ୟ ଯନ୍ତ୍ରୀ ଶ୍ରୀଧର ରାଉତ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଟିକିନା ରାଉତରାୟ, ଅଧିକ୍ଷଣ ଯନ୍ତ୍ରୀ ପ୍ରାଚୀ ତମସା, ଓବିସିସି, ନିର୍ବାହୀ ଯନ୍ତ୍ରୀ ଚୈତନ ମାଝୀ, ଓବିସିସି ଓ ବଂଶଲ ଇନଫ୍ରା ପ୍ରକଳ୍ପ ପରିଚାଳକ ଭକ୍ତହରି ଜେନା ପ୍ରମୁଖ ଉପସ୍ଥିତ ଥିଲାବେଳେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ରଶ୍ମିରଂଜନ ସାହୁ, ଅଧିକ୍ଷଣ ଯନ୍ତ୍ରୀ ସଂଜୀବ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧାଶ୍ୟାମ କାଲୋ ଓ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର, ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ହରି ଶଙ୍କର ବେହେରା ଓ ସହକାରୀ ନିର୍ବାହୀଯନ୍ତ୍ରୀ ରାମ ମୋହନ ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ,ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ନକରିବା ପାଇଁ ଦାବି

ନୟାଗଡ, (ସବ୍ୟୁ) : ନୟାଗଡ ପୋଷ୍ଟାଲ ଡିଭିଜନର ଅଧିନରେ ଜିଲ୍ଲାର ଶତାଧିକ ଗାଁରେ ଭାରତୀୟ ଡ଼ାକ ସେବା ଉପଲବ୍ଧ ହେଉଛି। ନୟାଗଡ଼ ଡାକ ବିଭାଗ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଗତ ୬ବର୍ଷ ହେଲା କାର୍ଯ୍ୟ କରୁଛି। ନୟାଗଡ଼ ପୋଷ୍ଟାଲ ଡିଭିଜନ ଆରମ୍ଭରୁ ଭୁବନେଶର ସର୍କଲ ଅନ୍ତର୍ଗତ ରହିଛି। ହେଲେ ଭାରତୀୟ ଡ଼ାକ ବିଭାଗ କୌଣସି କାରଣରୁ ନୟାଗଡ଼ ପୋଷ୍ଟାଲ ଡିଭିଜନର କାର୍ଯ୍ୟ ବ୍ରହ୍ମପୁର ସର୍କଲ ଅଧିନକୁ ସ୍ଥାନାନ୍ତର କରିବାର ଯୋଜନା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏଭଳି ନିଷ୍ପତ୍ତିକୁ କାର୍ଯ୍ୟକାରୀ ନ କରିବା ପାଇଁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସ୍ମାରକ ପତ୍ର ପ୍ରଦାନ କରିଛି।

ଶୁକ୍ରବାର ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ନୟାଗଡ ଡାକ ଅଧିକ୍ଷକ ମନୋଜ କୁମାର ପଟ୍ଟନାୟକଙ୍କୁ ଏନେଇ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥି ସହିତ ନୂଆଦିଲ୍ଲୀସ୍ଥିତ ବିଭାଗୀୟ ସଚିବଙ୍କ ପାଖକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ଜନତାଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ନୟାଗଡ଼ ଡ଼ାକ ଡିଭିଜନ କୁ ପୂର୍ବ ପରି ଭୁବନେଶ୍ୱର ସହ ଯୋଡ଼ି ରଖିବାକୁ ଜିଲ୍ଲା ସାମ୍ବାଦିକ ସଂଘ ପିଏମଜି ଭୁବନେଶ୍ୱର ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓଡ଼ିଶା, ପୁରୀ, କଟକ, ଏବଂ କନ୍ଧମାଳ ସାଂସଦଙ୍କ ସହିତ ଜିଲାର ଚାରି ବିଧାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ଜିଲ୍ଲା ସାମ୍ବାଦିକ ସଭାପତି ପ୍ରମୋଦ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ, ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଲୋକନାଥ ମିଶ୍ର, ବିଭୂତି ପଟ୍ଟନାୟକ, ବିକ୍ରମ ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ଗୋକୁଳ ଷଡଙ୍ଗୀ, ପୁରୁଷୋତ୍ତମ ମହାପାତ୍ର, ରଂଜନ ନାୟକ, ପ୍ରମୋଦ ନନ୍ଦ, ସୁଧାକର ମିଶ୍ର, ଶିଶିର କୁମାର ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପାଇକରାପୁର ଭୂତବଙ୍ଗଳାରେ ରକ୍ତପାତ
# ବାଉଁଶ ବାଡ଼ିରେ ପିଟି ହତ୍ୟା, ଜଣେ ଗିରଫ

ବାରଙ୍ଗ, (ସବ୍ୟୁ) : ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମରେ ଥିବା ଭୂତ ବଙ୍ଗଳା ନାମରେ ପରିଚିତ ପରିତ୍ୟକ୍ତ କୋଠାରେ ହତ୍ୟାକାଣ୍ଡ ଘଟିଛି । ଏହି ପରିତ୍ୟକ୍ତ ଘରେ ରହୁଥିବା ବାରଙ୍ଗ ଥାନା ଅଧୀନ ଗୁଆକୋଳି ମୁଣ୍ଡିଆ ଗ୍ରାମର ମହନୀ ଦାସଙ୍କୁ ବାଉଁଶ ବାଡ଼ିରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ମୃତକଙ୍କ ପତ୍ନୀ କବିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖ ଦିନ ପ୍ରାୟ ୧୧.୩୦ ସମୟରେ ତାଙ୍କ ସ୍ୱାମୀ ମହନୀ ଦାସ ପାଇକରାପୁର ସ୍ଥିତ ଉକ୍ତ ପରିତ୍ୟକ୍ତ କୋଠାରେ ରହୁଥିବା ବେଳେ ସେହି ଗ୍ରାମର ବ୍ରଜକିଶୋର ଭୋଇ ଓରଫ ବାପି ଭୋଇ ଓ ତାଙ୍କ ବାପା ଦିବାକର ଭୋଇ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଏକ ବାଉଁଶ ବାଡ଼ିରେ ମୁଣ୍ଡକୁ ଆଘାତ କରିଥିଲେ । ଫଳରେ ତାଙ୍କ ମୁଣ୍ଡରୁ ଗଭୀର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସମ ହସ୍ପିଟାଲ, ପରେ ଏମସ ଶେଷରେ କଟକ ବଡମେଡିକାଲକୁ ସ୍ଥାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏନେଇ ମୃତକଙ୍କ ପତ୍ନୀ କବିତା ୨ ତାରିଖରେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

କବିତାଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନା ଓଁଓଁଇ ସମିତା ମିଶ୍ର ୪୦୫/୨୬ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ବେଳେ ଜଣାପଡିଥିଲା ଯେ, ଭୂତ ବଙ୍ଗଳା ନାମରେ ପରିଚିତ ପରିତ୍ୟକ୍ତ କୋଠାଟିକୁ ଦିବାକର ଭୋଇ ଏବଂ ତାଙ୍କ ପୁଅ ବ୍ରଜକିଶୋର ଭୋଇ ଦେଖାଶୁଣା କରୁଥିଲେ । କିନ୍ତୁ ସେଠାରେ ମହନୀ ଦାସ ଆସି ରହିବାରୁ ତାଙ୍କୁ ପୂର୍ବ ଯୋଜନା ମୁତାବକ ଆକ୍ରମଣ କରାଯାଇଥିଲା ।ପୋଲିସ ଘଟଣାସ୍ଥଳରୁ ଗୋଟିଏ ବାଉଁଶ ବାଡ଼ି, ରକ୍ତ ନମୁନା ଓ ରକ୍ତ ଦାଗ ଲାଗିଥିବା ଗୋଲାପୀ ନୀଳ ଫୁଲ ପ୍ରିଣ୍ଟ ଚିରା ବେଡସିଟ ଜବତ କରିଛି ।ଏହି ଘଟଣାରେ ପୋଲିସ ପାଇକରାପୁର ଗ୍ରାମର ଅଭିଯୁକ୍ତ ବ୍ରଜକିଶୋର ଭୋଇ ଓରଫ ବାପି (୩୦)କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତ ଦିବାକର ଭୋଇ ଫେରାର ଥିବା ଜଣାପଡିଛି ।

## ଏନବିଡବ୍ଲୁରେ ବନ୍ଧା ହେଲେ ଯୁବକ

ବାରଙ୍ଗ, (ସବ୍ୟୁ) : ଦୀର୍ଘ ସମୟ ଧରି ଲାଗି ରହିଥିବା ଅଣ-ଜାମିନି ୱାରେଣ୍ଟ ବଳରେ ଶୁକ୍ରବାର ବାରଙ୍ଗ ଥାନା ପୋଲିସଗୋଡିସାହି ଗ୍ରାମର ଅଶୋକ ବେହେରା (୫୫)ଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ବାରଙ୍ଗ ପୋଲିସ ଉପଯୁକ୍ତ ଆଇନଗତ ପ୍ରକ୍ରିୟା ଅନୁସରଣ କରି ଅଶୋକଙ୍କୁ ଗିରଫ କରି କୋର୍ଟରେ ହାଜର କରିଛି ।

# ୩୨ହେକ୍ଟର ଜମିରେ ୮୦ ହଜାର ଚାରାରୋପଣ

ଅସ୍ତରଙ୍ଗ, (ସବ୍ୟୁ) : ପୁରୀ ବନ୍ୟ ପ୍ରାଣୀ ବନଖଣ୍ଡର ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସହନ ପ୍ରସ୍ତାବିତ୍ତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୨୦୨୪-୨୦୨୫ ଆର୍ଥିକ ବର୍ଷ ରେ ୩୨ ହେକ୍ଟର ଝାଉଁ ପ୍ଲାଣ୍ଟେସନ ରେ ୮୦ ହଜାର ଚାରା ରୋପଣ କରା ଯାଇଅଛି ବୋଲି ବନ ବିଭାଗ ଓ ସେଥିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସୂତ୍ରରୁ ଜଣା ପଡିଛି ।



ବାଲିବନ୍ତ ସହ ବିଭିନ୍ନ ଜାଗାରେ ପାଣି ଜମି ରହିବା, ଚାଣର ଭୂମି ଓ ଗୋଠ ରହି ଥିବାରୁ ସେହି ସ୍ଥାନରେ ଗଛ ଲାଗିଥିଲେ ମଧ୍ୟ ସେ ଗଛ ନ ବଢ଼ି ପାରି ଆସ୍ତେ ଆସ୍ତେ ବଢୁଥିବା ବେଳେ, ତା ସଙ୍ଗେ ଲାଗିଥିବା ହଯାର ହଜାର ଝାଉଁ ଗଛ ଆଠ ଫୁଟ ରୁ ଦଶ ଫୁଟ ହୋଇ ପାରିଛି ବୋଲି ସୁଧୀକେଶ୍ୱର ର ବିଜୟ ନାୟକ, ସହନର ଦୁଃଶାସନ ନାୟକ, ବଳଭଦ୍ରପୁର ର ଗୟାଧର ପରିଡା, ଗୁଣ୍ଡଳବା ଗ୍ରାମର ହରଷ ସ୍ୱାଇ ପ୍ରମୁଖ ଶ୍ରମିକ ପ୍ରକାଶ କରିଛନ୍ତି ।

ବର୍ଷା, ବାତ୍ୟା ଓ ଲୁଣା ମାଡର ସିକାର ହେଉଥିବା ଗ୍ରାମ ଗୁଡିକ ଯେପରି କ୍ଷୟ କ୍ଷେତି ନ ହୁସନ୍ତି, ବନ ବିଭାଗ ର ଏହିପରି ବୃକ୍ଷ ରୋପଣ କାର୍ଯ୍ୟକ୍ରମ କୁ ସାଧାରଣ ରେ ପ୍ରଂଶସା କରା ଯାଉଥିବା ବେଳେ, କିଛି ନେସ୍ଥ ସ୍ୱାର୍ଥ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ, ନୂତନ ଜଙ୍ଗଲ ସୃଷ୍ଟି ଓ ତାର ରକ୍ଷାଲାଗି ଅଞ୍ଚଳବାସି ଓ ବନ ବିଭାଗ ନେଇଥିବା ପଦକ୍ଷେପ ଉପରେ ବାରମ୍ବାର ଅପ ପ୍ରଚାର କରୁଥିବା ରୁ ସମୁଦ୍ର ତଟ ବାସି ଏହି ସବୁ ଖବରକୁ ଘୋର ନିନ୍ଦା କରିଛନ୍ତି ।

## ଅଜଣା ଯୁବକଙ୍କ ମୃତଦେହ ନଦୀଘାଟ ନିକଟରୁ ଉଦ୍ଧାର

କାକଟପୁର, (ସବ୍ୟୁ) : ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମପଞ୍ଚାୟତର ଭଣ୍ଡିସାହି ନଦୀ ଘାଟ ନିକଟରେ ଦେବୀ ନଦୀ କୂଳରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ ବୋଲି ଜଣାପଡ଼ିଛି।

ସ୍ଥାନୀୟ ଲୋକେ ନଦୀ କୂଳରେ ମୃତଦେହ ପଡ଼ିଥିବା ଦେଖି କାକଟପୁର ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ କାକଟପୁର ଥାନାରେ ଅପମୃତ୍ୟୁ ମାମଲା ନମ୍ବର ୧୯/୨୬ ରୁଜୁ କରାଯାଇଛି।ଶୁକ୍ରବାର ପୋଲିସ ମୃତଦେହର ଇନକ୍ୱେଷ୍ଟ କରିବା ସହ ପୋଷ୍ଟମର୍ଟମ ପରୀକ୍ଷା କରାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ପରିଚୟ ସ୍ଥିରୀକରଣ ପାଇଁ ମୃତଦେହକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମର୍ଗ ହାଉସରେ ୯୬ ଘଣ୍ଟା ପାଇଁ ସଂରକ୍ଷିତ ରଖାଯାଇଛି ବୋଲି କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି ।

# ସ୍କୁଟି ଚାଳକଙ୍କଠୁ ମନିପର୍ସ ଛଡାଇ ବନ୍ଧା ହେଲେ ଯୁବକ

ବାରଙ୍ଗ, (ସବ୍ୟୁ) : ତ୍ରିଶୁଳିଆ ବ୍ରିଜରେ ସ୍କୁଟି ଯୋଗେ ଆସୁଥିବା ଯୁବତୀକୁ ରୋକି ତାଙ୍କ ମନିପର୍ସ ନେବା ଉଦ୍ୟମ କରିବା ଅଭିଯୋଗ ରେ ବାରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି ।ସିଏ ହେଲେ ସଦର ଥାନା ଅଧୀନସ୍ଥ କାଜିପାଟଣା ଗ୍ରାମର ପ୍ରଭାଞ୍ଜନ ସାହୁ ଓରଫ ନାଲୁଆ (୩୬)ପ୍ରକାଶ ଯେ, ଗତ ରବିବାର ଦିନରେ ସିଡିଏ ସେକ୍ଟର ୭ରେ ରହୁଥିବା ସ୍ନେହଲତା ପ୍ରଧାନ ନାମକ ଯୁବତୀସ୍କୁଟି ଯୋଗେ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ ।ଏହି ସମୟର ଏକ ବାଇକ ଯୋଗେ ପଛପଟ ରୁ ଆସି ଜଣେ ଯୁବକ ତାଙ୍କୁ ଅଟକାଇଥିଲେ । ସ୍କୁଟି ରହିବା କ୍ଷଣି ଯୁବକ ଜଣଙ୍କ ତାଙ୍କ ପର୍ସ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ ।ସ୍ନେହଲତା ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସାମାନ୍ୟ ଧସ୍ତାଧସ୍ତି ହୋଇଥିଲା ।

ଏଥିରେ ଭାରସାମ୍ୟ ହରାଇ ସ୍ନେହଲତା ଗାଡ଼ିରୁ ପଡ଼ିଯାଇଥିଲେ ।ଯାହାଫଳରେ ତାଙ୍କ ହାତ ଏବଂ ଗୋଡ଼ରେ ଆଘାତ ଲାଗିଥିଲା । ଏହାପରେ ଯୁବକ ଜଣଙ୍କ ଘଟଣାସ୍ଥଳରୁ ପଳାଇ ଯାଇଥିଲେ ବୋଲି ସ୍ନେହଲତା ବାରଙ୍ଗ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଥିଲେ । ବାରଙ୍ଗ ଥାନା ଅଧିକାରୀ ବିକାଶ ପଲାଇ ଅଭିଯୋଗ ଆଧାରରେ ୩୭୮/୨୬କେସ ନମ୍ବରରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ସିସିଟିଭି ଫୁଟେଜ ଆଧାରରେ ଘଟଣାରେ ସମ୍ପୃକ୍ତ ଯୁବକ ପ୍ରଭାଞ୍ଜନ ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି । ଅପରାଧରେ ବ୍ୟବହୃତ ହୋଇଥିବା ମୋଟରସାଇକେଲକୁ ମଧ୍ୟ ଜବତ କରିଛନ୍ତି ।ଅନ୍ୟପଟେ ପ୍ରଭାଞ୍ଜନଙ୍କୁ ରିମାଣ୍ଡରେ ଆଣିବା ପାଇ ପୋଲିସ କୋର୍ଟରେ ଆବେଦନ କରିଛି ।

# ରତାମାଟି ଉପ୍ରା ବିଦ୍ୟାଳୟ ବରିଷ୍ଠ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ପଞ୍ଚାୟତ ସ୍ଥିତ ରତାମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଗୋପାଳ କୃଷ୍ଣ ଲେଙ୍କାଙ୍କ ଅବସରଗ୍ରହଣ ଉପଲକ୍ଷେ ଏକ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ରମେଶ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ । ଏଥିରେ ପ୍ରସନ୍ନ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଏବଂ ଲକ୍ଷ୍ମୀ ନାରାୟଣ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶ୍ରୀ ଲେଙ୍କାଙ୍କ ଦୀର୍ଘ ଶିକ୍ଷକତା ଜୀବନ, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାପରାୟଣତା ଓ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କର ନିଷ୍ଠାପୂର୍ଣ୍ଣ ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଟାଙ୍ଗି ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଅମ୍ଲାନ ପ୍ରହରାଜ, ଗୁଣନିଧି ରାଜଗୁରୁ ମହାପାତ୍ର, ଟାଙ୍ଗି ଉତ୍କଳ ଶିକ୍ଷକ ସଂଘର ସଭାପତି ସଲିଲ ସ୍ୱାଇଁ, ସମରେଶ ବେହେରା, ଅମର ଜୟସିଂ, ବିଜୟ କୁମାର ସେଠୀ, କାଙ୍ଗାଳି ଚରଣ ସ୍ୱାଇଁ, ଭବାନୀ ସାହୁ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଆଦର୍ଶ ବ୍ୟକ୍ତିତ୍ୱ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ ।

ଏହା ସହିତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ମାନସିଂହ, ଜ୍ଞାନରଂଜନ ମହାନ୍ତି, ସୁକାନ୍ତ କୁମାର ନାୟକ, ସୁନିତା ବାଳାଶ୍ରୀଚନ୍ଦନ, ଅଧିକାରୀ ସାହୁ ଓ ରତ୍ନାକର ବେହେରା ଆଦି ଶିକ୍ଷକବୃନ୍ଦ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ବିଭିନ୍ନ ଗୁଣାବଳୀର ସ୍ମରଣ କରିଥିଲେ ।ଏହି ଅବସରରେ ସୁଦର୍ଶନ ସାହୁ, ସୋମନାଥ ବେହେରା, ଶ୍ରୀମତୀ ସରୋଜିନୀ ଦେବୀ, ସଚ୍ଚିଦାନନ୍ଦ ପାଇକରାୟ, ଭାଗିରଥି ସାମନ୍ତରାୟ, ଦିଲ୍ଲୀପ କୁମାର ସାହୁ, ଅମୀୟ ସିଂ, ବିଶ୍ୱଜିତ ଭଞ୍ଜ, ଗୌରାଙ୍ଗ ଚରଣ ଶ୍ରୀଚନ୍ଦନଙ୍କ ସମେତ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ, ଗ୍ରାମବାସୀ ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।ସଭାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ବ୍ରହ୍ମା ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ଶେଷରେ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସାଇ ବିଦ୍ୟାପୀଠରେ ଡିପ୍ଲୋମା ଛାତ୍ରଛାତ୍ରୀମାନଙ୍କ ପ୍ରବେଶ ଉତ୍ସବ

ସାକ୍ଷୀଗୋପାଳ,(ସବ୍ୟୁ): ସ୍ଥାନୀୟ ଫୁଲ ଅଳସା ସ୍ଥିତ ସାଇ ବିଦ୍ୟାପୀଠ ପରିସରରେ ପ୍ରଥମ ବର୍ଷ ଡିପ୍ଲୋମା ଇଞ୍ଜିନିଅରିଂ ଛାତ୍ରଛାତ୍ରୀ ମାନଙ୍କର ପ୍ରବେଶ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଇଂ. ଆଶିଷ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୁରୀ ଫାର୍ମାସି ମହାବିଦ୍ୟାଳୟର କାର୍ଯ୍ୟକାରୀ କମିଟିର ବରିଷ୍ଠ ସଭ୍ୟ ଲୋକନାଥ ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅନୁଷ୍ଠାନିକ ଭାବରେ ଏହି ଉତ୍ସବକୁ ଉଦଘାଟନ କରି କହିଲେ କି ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହୋଇ ଅଧ୍ୟୟନ ଉପରେ କଠିନ ପରିଶ୍ରମ କଲେ ଭଲ ମଣିଷ ହୋଇପାରିବେ। ନାଲକୋର ଅବସରପ୍ରାପ୍ତ ଏଚ. ଆର. ନିର୍ଦ୍ଦେଶକ କାଶୀନାଥ ମିଶ୍ର ମୁଖ୍ୟ ବକ୍ତା ଭାବରେ କଠିନ ପରିଶ୍ରମ ଓ ନିଜର ଦକ୍ଷତା ବାଢ଼ାଇବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅଥିତି ଭାବରେ ପୁରୀ ଫାର୍ମାସି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ଅମୀୟକାନ୍ତ ମିଶ୍ର, ଏକାଡେମୀକ ଡାଇରେକ୍ଟର ଡ଼ଃ. ସନ୍ତୋଷ କୁମାର ମହାପାତ୍ର,, ପୁରୀ ଜିଲ୍ଲା ପତଞ୍ଜଳି ଯୋଗାସମିତିର ସଭାପତି ମହେଶ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଓ ଶୃଙ୍ଖଳିତ ହେବାପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ରୋଜା ପ୍ରିୟଦର୍ଶୀ ସାଇ ବିଦ୍ୟାପୀଠର ଆଭିମୁଖ୍ୟ ଓ ଛାତ୍ରଛାତ୍ରୀ ମାନଙ୍କପାଇଁ ମିଳୁଥିବା ସୁବିଧାସୁଯୋଗ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ସେନାପତି, ନମ୍ରତା ରଥ, ସୁବାରଶ୍ମି ପ୍ରିୟଦର୍ଶିନୀ, ମଧୁସ୍ମିତା ପାଇକରାୟ, ଅଧ୍ୟାପକ ସମ୍ବିତ ଦାଶ ସହିତ ଶ୍ରୀପଦା ପ୍ରିୟଦର୍ଶିନୀ ବାରିକ, ଲକ୍ଷ୍ମୀଧର ମହାପାତ୍ର, ପ୍ରମୋଦ କୁମାର ଦାଶ, ସତ୍ୟନାରାୟଣ ରଥ ଓ ପୂର୍ଣ୍ଣ ଚନ୍ଦ୍ର ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ଶେଷରେ ଅନୁଷ୍ଠାନର ସମ୍ପାଦକ ତଥା ସାଇ ଗ୍ଲୋବାଲ କିଡ଼ସ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ନିଶାମୁକ୍ତ ସଚେତନତା ଅଭିଯାନ

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲାସ୍ଥ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ ଏବଂ ଉପାଧ୍ୟକ୍ଷ ତଥା ଓଡ଼ିଆ ବିଭାଗର ମୁଖ୍ୟ ପ୍ରତାପ କିଶୋର ଛୋଟରାୟ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ ।




ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଧୀରେନ କୁମାର ଦାସ ମୁଖ୍ୟଅତିଥି ଏବଂ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଜନ୍ମେଞ୍ଜୟ ଚୌଧୁରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା, ନିଶାଦ୍ରବ୍ୟର କୁପ୍ରଭାବ ଏବଂ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ନିକଟସ୍ଥ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ଉପଶାଖାର ବ୍ରହ୍ମଚାରିଣୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଶା ସେବନ ଦ୍ୱାରା ମନୁଷ୍ୟ କିପରି ନିଜର ବ୍ୟକ୍ତିତ୍ୱ ଓ ମାନବିକତାକୁ ହରାଇ ବସେ, ସେ ସମ୍ପର୍କରେ ସଚେତନତାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନସ କୁମାର ଜୟସିଂହ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ସୁମନ୍ତ ଦେହେରୀ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ସଚଳା ସାମନ୍ତରାୟ, ଅଧ୍ୟାପିକା ଡ଼. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜ ସାମନ୍ତ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପିକା ସ୍ୱୟଂପ୍ରଜ୍ଞା ମାନ୍ଧାତା, ଅଧ୍ୟାପିକା ସବିତା ବେହେରା, ଅଧ୍ୟାପିକା ଅଞ୍ଜଳି ସାହୁ ସହ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତିର ଶପଥ ପାଠ କରାଇଥିଲେ ।

# ନାବାଳିକାକୁ ଅପହରଣ କରି ଯୁବକ ଗିରଫ

ବାରଙ୍ଗ, (ସବ୍ୟୁ) : ଜଣେ ନାବାଳିକା ଝିଅ ନିଖୋଜ ହେବା ଓ ତାକୁ ଅପହରଣ କରିଥିବା ଅଭିଯୋଗ ରେ ନନ୍ଦନ କାନନ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ସିଏ ହେଲେ ଚନ୍ଦକା ଥାନ ଅଧିନସ୍ଥ ପାଇକେରା ପୁର ଗ୍ରାମର ସିଲୁ ଭୋଇ(୨୪)।

ପ୍ରକାଶ ଯେ,ଗତ ୨୧ ଏପ୍ରିଲ ୨୦୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗ୍ରାମର ବାସିନ୍ଦା ତଥା ବର୍ତ୍ତମାନ କେନ୍ଦୁପାଟଣା କଲେଜ ଛକରେ ବସବାସ କରୁଥିବା କଳ୍ପନା ରଞ୍ଜିତ ନନ୍ଦନକାନନ ଥାନାରେ ତାଙ୍କ ନାବାଳିକା ଝିଅ ଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ଦାଖଲ କରିଥିଲେ। ଏହି ଅଭିଯୋଗ ଆଧାରରେ ନନ୍ଦନକାନନ ଥାନାରେ କେସ ନଂ୧୪୬/୨୫ ରୁଜୁ କରାଯାଇଥିଲା।ଶୁକ୍ରବାର ଦିନ ବିଶେଷ ସୂତ୍ରରୁ ସୂଚନା ପାଇ ନନ୍ଦନକାନନ ପୁଲିସ ସହିଦନଗର ଥାନା ଅଞ୍ଚଳରେ ଚଢ଼ାଉ କରି ନାବାଳିକା ଙ୍କୁ ପାଇକରାପୁର ଗ୍ରାମର ବାବୁଲି ଭୋଇଙ୍କ ପୁଅ ସିଲୁ ଭୋଇଙ୍କ ନିକଟରୁ ଉଦ୍ଧାର କରିଥିଲା।ଉଦ୍ଧାର ପରେ ନାବାଳିକା ଓ ସିଲୁ ଭୋଇଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ତଦନ୍ତରେ ମିଳିଥିବା ତଥ୍ୟ ଆଧାରରେ ନନ୍ଦନକାନନ ଥାନା କେସ ନଂ୧୪୬/୨୫ରେ ପୂର୍ବରୁ ଲାଗିଥିବା ଧାରାରେ ପରିବର୍ତ୍ତନ କରାଯାଇ ସିଲୁ ଭୋଇଙ୍କୁ ଗିରଫ କରାଯାଇଆଜି କୋର୍ଟ ଚାଲାଣ କରାଯାଇଥିବାର ଆଇଆଇସି ବିଭୂତି ଭୂଷଣ ମୁଦୁଲି କହିଛନ୍ତି।

# ବିକାଶ ପରିଷଦ ରୌପ୍ୟ ଜୟନ୍ତୀ: ଶିକ୍ଷକ ଅଭାବ ଓ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଦାବି


ଫୁଲନଖରା,(ସବ୍ୟୁ):ବୟାଳିଶମୌଜା ବିକାଶ ପରିଷଦ ପକ୍ଷରୁ ଧୂଳେଶ୍ୱର ଗ୍ରାମରେ ପରିଷଦର ବହୁ ପ୍ରତୀକ୍ଷିତ ରୌପ୍ୟ ଜୟନ୍ତୀ ଉତ୍ସବର ସଫଳ ଆୟୋଜନ ପରେ ଏହାର ଏକ ସମୀକ୍ଷା ବୈଠକ ପରିଷଦର ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରୌପ୍ୟ ଜୟନ୍ତୀ ଉତ୍ସବର ସଫଳତା, ଭବିଷ୍ୟତ କାର୍ଯ୍ୟଯୋଜନା ସହିତ ବୟାଳିଶମୌଜା ଅଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କର ବେଣ୍ଟକାରଠାରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହକୁ ଶତପ୍ରତିଶତ ସଫଳ କରିବାରେ ପରିଷଦର ସମସ୍ତ କର୍ମକର୍ତ୍ତା, ସଦସ୍ୟ ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସହଯୋଗ ଓ ନିଷ୍ଠା ପାଇଁ ହୃଦୟରୁ କୃତଜ୍ଞତା ଜଣାଇଥିଲେ । ସେ କହିଥିଲେ ଯେ, ସମସ୍ତଙ୍କ ମିଳିତ ପ୍ରୟାସ ଓ ସହଯୋଗ ଯୋଗୁଁ ଏହି ଐତିହାସିକ ଉତ୍ସବ ଅଭୂତପୂର୍ବ ସଫଳତା ହାସଲ କରିପାରିଛି ।

ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ସଭାରେ ରୌପ୍ୟ ଜୟନ୍ତୀ ଉତ୍ସବର ଆୟ-ବ୍ୟୟର ସମ୍ପୂର୍ଣ୍ଣ ହିସାବ ଉପସ୍ଥାପନ କରିବା ସହ ସମସ୍ତ ସଦସ୍ୟ ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଉତ୍ସବର ସଫଳ ଆୟୋଜନରେ ସମସ୍ତଙ୍କ ଭୂମିକାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ବୈଠକରେ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।

ବିଶେଷକରି ସୁଦର୍ଶନ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ ବିଭିନ୍ନ ବିଦ୍ୟାଳୟରେ ଦୀର୍ଘଦିନ ଧରି ଲାଗିରହିଥିବା ଶିକ୍ଷକ ଅଭାବ, ଭିତ୍ତିଭୂମିର ଅନୁନ୍ନତି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ସଦସ୍ୟମାନେ ଉଦ୍ବେଗ ପ୍ରକାଶ କରିଥିଲେ । ଏହି ସମସ୍ୟାଗୁଡ଼ିକର ସ୍ଥଳ ପରିଦର୍ଶନ ଓ ତଦାରଖ ପାଇଁ ଏକ **ସ୍ୱତନ୍ତ୍ର** କମିଟି ଗଠନ କରାଯିବା ସହ କମିଟିର ରିପୋର୍ଟ ଆଧାରରେ ଜିଲ୍ଲାପାଳଙ୍କ ନିକଟରେ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହିପରି ବେଣ୍ଟକାର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ଡାକ୍ତର, କର୍ମଚାରୀ, ଔଷଧ ଓ ଚିକିତ୍ସା ଭିତ୍ତିଭୂମିର ବିଭିନ୍ନ ଅଭାବ ନେଇ ମଧ୍ୟ ସଭାରେ ଗଭୀର ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରକୃତ ସ୍ଥିତିକୁ ତଦାରଖ କରି ଏହାର ଉନ୍ନତି ପାଇଁ ଜିଲ୍ଲାର ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିବାକୁ ସଭାରେ ସ୍ଥିର କରାଯାଇଥିଲା । ବୈଠକରେ ଉପସଭାପତି ଗୌତମ ଚରଣ ପରିଡ଼ା, ସୁରେଶ ଚନ୍ଦ୍ର ଦେବତା, ଭଜକୃଷ୍ଣ ଲେଙ୍କା, ପ୍ରମୋଦ କୁମାର ମହାପାତ୍ର, ଧୀରେନ୍ଦ୍ର ବେହେରା, ପ୍ରାଧ୍ୟାପକ ସେକ କଲ୍ଲୀମୁଲ୍ଲା, ଇଂ. ଅଶୋକ କୁମାର ବିଶ୍ୱାଳ, ଅଶୋକ କୁମାର ମହାନ୍ତି, ପ୍ରସନ୍ନ କୁମାର ଦଳାଇ, ତ୍ରିଲୋଚନ ଦଳାଇ, ବିଶ୍ୱଜିତ୍ ପାଣି, ଦେବପ୍ରସାଦ ତ୍ରିପାଠୀ, ସଞ୍ଜୀୟ ବେହେରା, ଅଶୋକ କୁମାର ତ୍ରିପାଠୀ, ଦୀପ୍ତି ରଞ୍ଜନ ଶତପଥୀ, ଶରତ ଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦେବତା, ସୁବାସ ଚନ୍ଦ୍ର ସାହୁ, ନିକୁଞ୍ଜ କୁମାର ସୱାଇଁ, ହେମନ୍ତ କୁମାର ପାତ୍ର, ସୁଶାନ୍ତ କୁମାର ନାୟକ, ସୁଜିତ କୁମାର ପତି, ସୁଶାନ୍ତ କୁମାର ସୱାଇଁ, ସୱାର୍ଥ ମୁକ୍ତି ସେଠୀ, ସ୍ମୃତିଧର ପତି ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ । ଶେଷରେ ଅଧ୍ୟାପକ ଗଣେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରି ସଭାର ସମାପ୍ତି ଘୋଷଣା କରିଥିଲେ ।

# ଆତଙ୍କ ସୃଷ୍ଟି କରିଥିବା ହନୁ ମାଙ୍କଡ଼କୁ କାବୁ କଲା ବନ ବିଭାଗ

ନିମାପଡ଼ା, (ସବ୍ୟୁ) : ଗତ ଏକ ସପ୍ତାହଧରି ନିମାପଡ଼ା ପରିଷଦ ଅନ୍ତର୍ଗତ ପାଟପୁରରେ ଆତଙ୍କ ସୃଷ୍ଟିକାରୀ ପାଗଳା ମାଙ୍କଡ଼କୁ ଆଜି ଧରିଛି ବନବିଭାଗ। ପାଗଳ ମାଙ୍କଡ଼ଆକ୍ରମଣରେ ୫ ଜଣ ବ୍ୟକ୍ତି ଆହତ ହେବାରୁ ଉଦବେଗ ପ୍ରକାଶ ପାଇଥିଲା। ଏ ସଂପର୍କରେ ବନ ବିଭାଗରେ ଅଭିଯୋଗ ହେବାରୁ ଆଜି ଗୋପ ୱାଇଲ ଲାଇଫ ରେଞ୍ଜର ସୁଦର୍ଶନ ଦେଉରୀଙ୍କ ନେତୃତ୍ୱରେ ନିମାପଡ଼ା ଜଙ୍ଗଲ ଅଧିକାରୀ ବଳଭଦ୍ର ନାୟକ ପ୍ରମୁଖ ୩ ଘଣ୍ଟା କାଳ ଅକ୍ଳାନ୍ତ



ପରିଶ୍ରମ କରି ମାଙ୍କଡ଼ ଧରିନପାରିବାରୁ ଟ୍ରାଙ୍କୁଲାଇଜ କରି ପାଗଳମାଙ୍କଡ଼କୁକାବୁ କରିଥିଲେ । ପାଗଳ ମାଙ୍କଡ଼କୁ ନେଇ କୋଣାର୍କ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ଜଙ୍ଗଲ ବିଭାଗ ସୁତ୍ରରୁ ପ୍ରକାଶ । ମାଙ୍କଡ କାବୁ ହେବା ପରେ ଲୋକଙ୍କ ମନରୁ ଭୟ ଦୂର ହୋଇଛି।

## ସମ୍ପାଦକୀୟ

# ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରାଯାଉଛି

ପ୍ରାକୃତିକ ବିପର୍ଯ୍ୟୟର ପୌନପୌନିକତା ଉପକୂଳ ଓଡ଼ିଶାର ମେରୁଦଣ୍ଡରେ ବାରମ୍ବାର ଆଘାତ ଦେଇ ଚାଲିଛି । ପ୍ରାକୃତିକ ଖଣିଜ ସମ୍ପଦରେ ଭରପୁର ଓଡ଼ିଶା ସେଥିପାଇଁ ଉପରକୁ ଉଠି ପାରି ନଥିଲା । ଅବଶ୍ୟ ଏଥିପାଇଁ ଓଡ଼ିଶାର ଲୋକେ ମଧ୍ୟ ଦାୟୀ । ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ଓଡ଼ିଶା ଉପରକୁ ଉଠିବା ଲାଗି ଅତୀତରେ ଓଡ଼ିଶାର ଅନେକ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଉଦ୍ୟମ କରିଥିଲେ । ତତ୍କାଳୀନ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ପରେ ଓଡ଼ିଶାକୁ କୃଷି ଓ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ କରିବାକୁ ଉଦ୍ୟମ କରିଥିଲେ । ସେ ଭାରତ ସରକାରଙ୍କର ଇସ୍ପାତ ପ୍ରାଧିକରଣ ସଂସ୍ଥାର ନିର୍ଦ୍ଦେଶକ ମଧ୍ୟ ଥିଲେ । ପରେ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଥିବା ବେଳେ ଓଡ଼ିଶାକୁ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ସମୃଦ୍ଧ କରିବାକୁ ଚାହିଁଥିଲେ । ତାଙ୍କ ପରେ ବିଜୁ ପଟ୍ଟନାୟକ ଶିଳ୍ପ କ୍ଷେତ୍ରରୁ ରାଜନୀତି କ୍ଷେତ୍ରକୁ ଆସିବାରୁ ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଉଠାଇବା ତାଙ୍କ ପକ୍ଷରେ ସମ୍ଭବପର ହୋଇନଥିଲା । ନବୀନ ପଟ୍ଟନାୟକ ଦୀର୍ଘ ଚବିଶ ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହିଥିଲେ ମଧ୍ୟ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବିଶେଷ ଆଗେଇ ପାରି ନଥିଲା ।

ଓଡ଼ିଆ ପିଲାମାନେ ପାଠଶାଠ ପଢ଼ି ଇଞ୍ଜିନିୟରିଂ ଓ ଆଇ ଟି କ୍ଷେତ୍ରରେ ଡିଗ୍ରୀ ହାସଲ କରି ମଧ୍ୟ ଓଡ଼ିଶା ବାହାରକୁ ଚାକିରି ପାଇଁ ଯାଉଥିଲେ । ଓଡ଼ିଶାରେ ସେମାନେ ଚାକିରି ପାଇବା କାଠିକର ପାଠ ହୋଇଗଲା ।

ଏହା ପରେ ପରିବର୍ତ୍ତନ ଆସିଲା । ସରକାର ବଦଳି ଗଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିରେ ଓଡ଼ିଶା ପଡ଼ିଲା । ନୂତନ ମୁଖ୍ୟମନ୍ତ୍ରୀ ଭାବେ ଖଣି ଓ ଶିଳ୍ପ ସମୃଦ୍ଧ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଞ୍ଚଳର ଟାଣୁଆ ନେତା ମୋହନଚରଣ ମାଝୀ ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ହେଲେ । ଓଡ଼ିଶାର ଭାଗ୍ୟରେ ପରିବର୍ତ୍ତନ ହେବ ଏବଂ କେନ୍ଦ୍ର ସରକାରଙ୍କ ସହାୟତାରେ ଓଡ଼ିଶା ଏକ ଶିଳ୍ପ ସମୃଦ୍ଧ ରାଜ୍ୟ ହେବ ବୋଲି ଆଶା କରାଯାଉଛି । ପଛରେ ପଡ଼ିଥିବା ଓଡ଼ିଶାକୁ ସେ ଉଠାଇବାକୁ ଚେଷ୍ଟା କରୁଛନ୍ତି । ଗତ ଅଗଷ୍ଟ ୬ (୨୦୨୬)ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣି ଦିଲ୍ଲୀ ଯାଇ ବଡ଼ ବଡ଼ ଶିଳ୍ପଦ୍ୟୋଗୀଙ୍କ ସହିତ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ସେ କଥାବାର୍ତ୍ତା କରୁଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ବିଷୟରେ ସୂଚନା ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାର ଶିଳ୍ପ ରୂପାନ୍ତରୀକରଣର ଏକ ନୂତନ ଯୁଗରେ ପ୍ରବେଶ କରିବାକୁ ଯାଉଛି । ପୁଞ୍ଜିନିବେଶର ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ମଧ୍ୟରେ ରାଜ୍ୟ ସରକାର ଅବିଳମ୍ବେ ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି ।

> **ଭାରତରେ ଇସ୍ପାତ ଓ ଷ୍ଟେନଲସ ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଗତ ୨୦୨୪–୨୫ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଲୁହାପଥର ଉତ୍ପାଦନର ୬୧ ପ୍ରତିଶତରୁ ଅଧିକ ଉତ୍ପାଦନ କେବଳ ଓଡ଼ିଶାରେ ।**

ଭାରତରେ ବିଜେପି ସରକାର ଓ ଓଡ଼ିଶାରେ ମଧ୍ୟ ବିଜେପି ସରକାର । ରାଜ୍ୟ ସରକାର ଏହାର ସୁଯୋଗ ନେବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ । ତେଣୁ ଏପରି ସୁଯୋଗକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଉ ହାତଛଡା କରୁନାହାନ୍ତି । ନୂଆଦିଲ୍ଲୀରେ ସେ ଯେଉଁ ଦିନେ ଦୁଇଦିନ ରହି ଦେଶର ପ୍ରମୁଖ ଶିଳ୍ପଦ୍ୟୋଗୀ ଓ ଶିଳ୍ପସଂସ୍ଥାଗୁଡ଼ିକ ସହ ସେ ଆଲୋଚନା କରିବେ । ନାଲକୋ, ଇଣ୍ଡିଆନ୍ ଅଏଲ କର୍ପୋରେସନ ପରି ସରକାରୀ ଉଦ୍ୟୋଗ ସମେତ ହେୟର ଇଣ୍ଡିଆ, ଜିନ୍ଦଲ ଷ୍ଟିଲ ପ୍ରଭୃତି ଶିଳ୍ପଦ୍ୟୋଗୀମାନଙ୍କ ସହ ପୁଞ୍ଜିନିବେଶ ବିଷୟରେ ଆଲୋଚନା ହେବ । ଏପରିକି ଅନେକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହେବ ବୋଲି ଜଣାପଡ଼ିଛି ।

ମହାରାଷ୍ଟ୍ର ଓ ଗୁଜରାଟ ରାଜ୍ୟଗୁଡ଼ିକ ପରି ଓଡ଼ିଶାକୁ ମଧ୍ୟ ଭାରତରେ ଶିଳ୍ପ ପ୍ରଧାନ ରାଜ୍ୟରେ ପରିଣତ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା 'ମୋ ସରକାରଙ୍କ ଲକ୍ଷ୍ୟ' ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।


ଭାରତରେ ଇସ୍ପାତ ଓ ଷ୍ଟେନଲସ ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଗତ ୨୦୨୪–୨୫ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଲୁହାପଥର ଉତ୍ପାଦନର ୬୧ ପ୍ରତିଶତରୁ ଅଧିକ ଉତ୍ପାଦନ ହୋଇଛି କେବଳ ଓଡ଼ିଶାରେ ।

ଅତୀତରେ ମୋହନଚରଣ ମାଝୀଙ୍କ ସରକାର 'ମେକ୍ ଇନ୍ ଇଣ୍ଡିଆ' କନକ୍ଲେଭ କରିଛନ୍ତି । ହାଇଦ୍ରାବାଦରେ ରୋଡ଼ଶୋ ମଧ୍ୟ କରିଛନ୍ତି । ନୂଆଦିଲ୍ଲୀରେ ମଧ୍ୟ ଶିଳ୍ପ ପାଇଁ ରୋଡ଼ଶୋ କରାଯିବାର କାର୍ଯ୍ୟକ୍ରମ ରହିଛି । ତେଣୁ ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ହେଲେ କେବଳ ସରକାରଙ୍କର ନୁହେଁ, ଶିଳ୍ପଦ୍ୟୋଗୀ ଓ ରାଜ୍ୟବାସୀଙ୍କର ସହଯୋଗର ମଧ୍ୟ ଆବଶ୍ୟକତା ରହିଛି ।

> **ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**
>
> **(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଳମ୍ବ କଣ ଆମର ସହଜାତ ପ୍ରବୃତ୍ତି !



**ଡ. ନିରଞ୍ଜନ ସାହୁ**

ବହୁ ପ୍ରାଚୀନ କାଳରୁ ଆମର ସଂସ୍କୃତ ସାହିତ୍ୟରେ କୁହାଯାଇଛି –'ବିଳମ୍ବେନ ଅଳମ୍'– ଅର୍ଥାତ୍ ବିଳମ୍ବ କରନାହିଁ । ବିଳମ୍ବ ନ କରିବାକୁ ଅନେକ ପରାମର୍ଶ ଦିଆଯାଇଛି ବିଭିନ୍ନ ସମୟରେ ବିଭିନ୍ନ ନେତୃମଣ୍ଡଳୀଦ୍ୱାରା, ତା ସତ୍ତ୍ୱେ ବିଳମ୍ବ କରିବା ରହିଯାଇଛି ଆମର ସ୍ୱଭାବରେ, ଏହା ପ୍ରତିଫଳିତ ହୋଇଛି ଆମର ବ୍ୟକ୍ତିଗତ ଓ ଜାତୀୟ ଜୀବନରେ ।

ଯେଉଁମାନେ ବିଳମ୍ବକୁ ସେମାନଙ୍କ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରିନେଇଛନ୍ତି ସେମାନେ ବି ପଛୁଆ ନୁହଁନ୍ତି । ତର୍କଶାସ୍ତ୍ରରେ ଅନୁସନ୍ଧାନ କରିବାକୁ, କଣସବୁ କଥା ଅଛି ସେମାନଙ୍କ ସପକ୍ଷରେ । ବିଳମ୍ବେନ କାର୍ଯ୍ୟସିଦ୍ଧି ଭଳିଆ କଥା ବି ଚାଲୁ ରହିଛି କେଉଁ କାଳରୁ ଯାହାର ନିର୍ଦ୍ଦିଷ୍ଟ ଐତିହାସିକ ଦଲିଲ ଖୋଜିବା ନିରର୍ଥକ । କିଛି କାମକୁ ସଅଳ କରିବାକୁ ପରାମର୍ଶ ଦିଆଯାଇଛି । ପୁଣି ଆଉ କିଛି କାମ କରିବାକୁ ଆଗେଇଲା ବେଳେ ଅଧିକ ସତର୍କ ପଦକ୍ଷେପ ନେବାକୁ ଉପଦେଶ ଦିଆଯାଇଛି । ଯେମିତି କୁହାଯାଇଛି, 'ଚାଷ ତରତର ବଣିଜ ମଠ', ଅର୍ଥାତ୍ ଆପଣ ଯାହା କରନ୍ତି ବା କରିବାକୁ ଚାହାନ୍ତି ତା' ସପକ୍ଷରେ କିଛି ନା କିଛି ଯୁକ୍ତି ଅଛି, କିଛି ଆପ୍ତ ବାକ୍ୟ ରହିଛି । ଯେମିତି ଆଇନ୍ ପୁସ୍ତକମାନଙ୍କରେ ଯେଉଁସବୁ ବିଚାରାଳୟର ଆଦେଶ ଲିପିବଦ୍ଧ ହୋଇଛି, ସେଥିରେ ଖୋଜିଲେ ଆପଣ ଯାହା ଚାହୁଁଛନ୍ତି ତାର ଉଦାହରଣ ମିଳିବ ତାର ଠିକ୍ ଓଲଟା କଥା ପାଇଁ ବି ଦୃଷ୍ଟାନ୍ତର ଅଭାବ ରହିବନି ।

ଆମେ ଅବଶ୍ୟ ସବୁବେଳେ ବିଳମ୍ବକୁ ବିରୋଧ କରନ୍ତି, ତା ନହେଲେ ଆମେ ସୁନାପିଲା ବୋଲି କେହି ମାନିବେନି । ଯିଏ ବିଳମ୍ବରେ କାମ ଆରମ୍ଭ କରେ, ତାକୁ ଆଳସ୍ୟପରାୟଣ କହି ଆମେ ତାଚ୍ଛଲ୍ୟ କରନ୍ତି– ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ପୁଣି ସେମାନଙ୍କ ପାଇଁ କହି ଯାଇଛନ୍ତି 'ଆରାମ ହାରାମ ହେ' – କିନ୍ତୁ ସତକଥା ହେଲା ଆମେ ତରବର ହୋଇ କାମ କଲେ ଭୁଲ୍‌ଭଟ୍‌କା ଅଧିକ ହୁଏ । ତାହା କଣ ଆମେ ଅସ୍ୱୀକାର କରିପାରିବା ? ଆମେ ଯେତେ ଯାହା ଚାହିଁଲେ ବି ବିଳମ୍ବ ଯେମିତି ସବୁଆଡ଼େ ଶୋଭାଯାତ୍ରା ମେଲାଇଛି– ଯେକୌଣସି ସରକାରୀ କାର୍ଯ୍ୟକ୍ରମକୁ ଯାଆନ୍ତୁ ଅନ୍ତତଃପକ୍ଷେ ଘଣ୍ଟେ ବିଳମ୍ବ ନହେଲେ ତାହା ଆରମ୍ଭ ହେବନି – ଆୟୋଜକମାନେ କୈଫିୟତ ଦେବେ ଯେ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମରେ ମାନ୍ୟବର ମନ୍ତ୍ରୀ ବ୍ୟସ୍ତ ଅଛନ୍ତି । ଯଦି ଏତେ ଗୁରୁତ୍ୱପୂର୍ଣ୍ଣ କାମ ତାଙ୍କର ଥିଲା ସେ ସଭାସମିତିକୁ ନ ଆସି ପାରିଥାନ୍ତେ–ସଭାସମିତିରେ ଯେଉଁ ବକ୍ତବ୍ୟ ରଖାଯାଉଛି, ସେଥିରେ କେତେଜଣ ପ୍ରଭାବିତ ହେଉଛନ୍ତି ଯେ ! ବକ୍ତବ୍ୟରେ କେଉଁ ନୂତନତା ଅଛି ଯେ ତାହା କିଛି ଉନ୍ମାଦନା ସୃଷ୍ଟି କରିବ, ଉତ୍ସାହ ଭରିଦେବ ଶ୍ରୋତୃମଣ୍ଡଳୀ ଭିତରେ ।

ଯେକୌଣସି ସରକାରୀ ଅଫିସକୁ ଯାଆନ୍ତୁ ଖବର ପାଇବେ ଯେ – ସାର୍ ଭାରି କାର୍ଯ୍ୟ ବ୍ୟସ୍ତ । ମାତ୍ର ଲୋକଙ୍କର ଅଭିଯୋଗର ସମୁଚିତ ସମାଧାନ ଯେମିତି ସବୁଠାରୁ ନ୍ୟୂନତମ ଗୁରୁତ୍ୱବହନ କରୁଥିବା କାର୍ଯ୍ୟ । ବିଳମ୍ବ ପାଲଟି ଯାଇଛି ଜୀବନର ଧାରା, ଟ୍ରେନ୍ ସବୁ ଠିକଣା ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚନ୍ତି ନାହିଁ । ବିଳମ୍ବ ପାଇଁ କେବେ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ– ବିଳମ୍ବ ଯେ ଏକ ବ୍ୟାଧି ଏବଂ ଏହାର ପ୍ରଭାବ ଆମର ସାମୁହିକ ଜୀବନକୁ ବିପର୍ଯ୍ୟସ୍ତ କରୁଛି ତାହା ବାସ୍ତବ ଗୁରୁତ୍ୱ ବହନ କରୁନାହିଁ । ମାତ୍ର ଏହାପାଇଁ ଆମେ କେତେ ଯେ କ୍ଷତି ସହନ୍ତି ତାହା ଜାଣିଲେ ଆପଣଙ୍କ ଲୋମ ଟାଙ୍କୁରି ଉଠିବ ।

କେବଳ ଆମ ରାଜ୍ୟ ନୁହେଁ, ସାରା ଭାରତରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହୋଇପାରେ ନାହିଁ । ବିଳମ୍ବର କାରଣ ବହୁବିଧ ଏବଂ ଜଟିଳ, ବେଳେବେଳେ ନିର୍ମାଣକାରୀ ସଂସ୍ଥାମାନେ କାର୍ଯ୍ୟାଦେଶ ପାଇଲା ପରେ ଏମିତି କଥାମାନ କର୍ତ୍ତୃପକ୍ଷଙ୍କ ନଜରକୁ ଆଣନ୍ତି ଯାହା ଫଳରେ ବିଳମ୍ବ ହୋଇଥାଏ ବହୁଗୁଣିତ ଏବଂ ସେଥିରେ ସରକାରୀ ସହଯୋଗ ରହିଥିବା ଅଭିଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଳମ୍ବ ହେତୁ ପ୍ରକଳ୍ପର ମୂଲ୍ୟ ଅତ୍ୟଧିକ ବୃଦ୍ଧିପାଏ, କ୍ଷତି ସହନ୍ତି ଜନତା, କ୍ଷତି ସହେ ଦେଶ–ଆଉ ହାତ ଚିକ୍କଣ ହୁଏ ଅନେକ ଅଦୃଶ୍ୟ ହିତାଧିକାରୀଙ୍କର । ପ୍ରକଳ୍ପ ଶେଷ ବେଳକୁ ଖର୍ଚ୍ଚ ମୂଳ ମୂଲ୍ୟାଙ୍କନର କାହିଁ କେତେଗୁଣ ବଢ଼ିଯାଇଥାଏ । ପ୍ରକଳ୍ପ ପାଇଁ କେତେ ଖର୍ଚ୍ଚ ହେଲା ଓ ତାହା ଫଳରେ କଣ ଲାଭ ମିଳିଲା, ଅନେକ କ୍ଷେତ୍ରରେ ତାର ବି ସଠିକ୍ ମୂଲ୍ୟାୟନ ହୁଏ ନାହିଁ । ସରଳ ବିଶ୍ୱାସୀ ନାଗରିକ ସହଜରେ ପ୍ରତାରିତ ହୁଅନ୍ତି । ଗୋଟିଏ ଛୋଟିଆ ଉଦାହରଣ...

> **ଏଠାରେ କହି ରଖୁଛି ୨୦୧୯ରେ କଟକରେ ଏସ.ସି.ବି ଭେଷଜ ମହାବିଦ୍ୟାଳୟକୁ ଏମ୍ସ୍‌ଠାରୁ ଅଧିକ ଏକ ଫଳପ୍ରଦ ଅନୁଷ୍ଠାନରେ ପରିଣତ କରିବା ପାଇଁ ଏକ ମହତାକାଂକ୍ଷୀ ଯୋଜନା ଆରମ୍ଭ ହେଲା । ସେତେବେଳେ ଏହାର ଖର୍ଚ୍ଚ ଅଟକଳ ଥିଲା ଏକ ହଜାର କୋଟି । ଏବେ ତାହା ବଢ଼ି ବଢ଼ି ପାଞ୍ଚ ହଜାର କୋଟିରେ ପହଞ୍ଚିଛି । ତେଣୁ ବିଳମ୍ବ କଲେ କେତେ ଲାଭ ମିଳିପାରେ ତାହା ପାଠକେ ଅନୁମାନ କରିପାରନ୍ତି । ମାତ୍ର ଯେ ଲାଭ କାହାର ? ଦେଶ ଓ ଦେଶବାସୀଙ୍କର କ୍ଷତି ହେଲେ ସିନା ମୁନାଫାଖୋରମାନେ ହେବେ ଅଧିକ ମାଲାମାଲ୍ ? ଏଥିରେ ତ ଜମି ଅଧିଗ୍ରହଣ ନଥିଲା ଜଙ୍ଗଲ ଜମିରୁ କିସମ ପରିବର୍ତ୍ତନ ସମସ୍ୟା ନଥିଲା ମାତ୍ର ବିଳମ୍ବ ହେଲା, ବିଳମ୍ବ ସତେ ଯେପରି ଏକ ଅଲିଖିତ ନିୟମ !**

ଏଠାରେ କହି ରଖୁଛି ୨୦୧୯ରେ କଟକରେ ଏସ.ସି.ବି ଭେଷଜ ମହାବିଦ୍ୟାଳୟକୁ ଏମ୍ସ୍‌ଠାରୁ ଅଧିକ ଏକ ଫଳପ୍ରଦ ଅନୁଷ୍ଠାନରେ ପରିଣତ କରିବା ପାଇଁ ଏକ ମହତାକାଂକ୍ଷୀ ଯୋଜନା ଆରମ୍ଭ ହେଲା । ସେତେବେଳେ ଏହାର ଖର୍ଚ୍ଚ ଅଟକଳ ଥିଲା ଏକ ହଜାର କୋଟି । ଏବେ ତାହା ବଢ଼ି ବଢ଼ି ପାଞ୍ଚ ହଜାର କୋଟିରେ ପହଞ୍ଚିଛି । ତେଣୁ ବିଳମ୍ବ କଲେ କେତେ ଲାଭ ମିଳିପାରେ ତାହା ପାଠକେ ଅନୁମାନ କରିପାରନ୍ତି । ମାତ୍ର ଯେ ଲାଭ କାହାର ? ଦେଶ ଓ ଦେଶବାସୀଙ୍କର କ୍ଷତି ହେଲେ ସିନା ମୁନାଫାଖୋରମାନେ ହେବେ ଅଧିକ ମାଲାମାଲ୍ ? ଏଥିରେ ତ ଜମି ଅଧିଗ୍ରହଣ ନଥିଲା ଜଙ୍ଗଲ ଜମିରୁ କିସମ ପରିବର୍ତ୍ତନ ସମସ୍ୟା ନଥିଲା ମାତ୍ର ବିଳମ୍ବ ହେଲା, ବିଳମ୍ବ ସତେ ଯେପରି ଏକ ଅଲିଖିତ ନିୟମ !

ନୀତିଗତ ଭାବରେ ମଧ୍ୟ ଅନେକ ମୌଳିକ କଥା ହୁଏତ ବିଳମ୍ବରେ ଆମେ ବୁଝୁ । ଧରିନିଅନ୍ତୁ ନାରୀଶିକ୍ଷା କଥା– ନାରୀଶିକ୍ଷା ଐତିହାସିକ କାରଣରୁ ଥିଲା ପଛରେ, ମାତ୍ର ଆମର ଉଚ୍ଚ ବିଦ୍ୟାଳୟରେ ଝିଅମାନଙ୍କର ସଂଖ୍ୟା ୧୯୬୦–୭୦ ଦଶକରେ ଥିଲା ଖୁବ୍ କମ୍ – ସ୍କୁଲ ଥିଲା, ଶିକ୍ଷକ ଥିଲେ ମାତ୍ର ସ୍କୁଲରେ ଛାତ୍ରୀମାନଙ୍କ ପାଇଁ ଶୌଚାଳୟ ନଥିଲା । ଏହା ଯେ ସେତେବେଳେ ହଜାର ହଜାର ଅଭିଭାବକଙ୍କୁ ତାଙ୍କର ଝିଅମାନଙ୍କୁ ସ୍କୁଲକୁ ପଠେଇବାକୁ ବାରଣ କରେଇଥିବ, ସେକଥା ଆମର ଯୋଜନା ପ୍ରସ୍ତୁତକାରୀମାନଙ୍କୁ ବୁଝିବାକୁ ହୁଏତ ବହୁତ ବିଳମ୍ବ ହୋଇଗଲା ।

ନ୍ୟାୟ ପାଳିକାରେ ସବୁଦିନ ଘଟୁଥିବା ଘଟଣା ଭିତରେ ପ୍ରମୁଖ ହେଉଛି ବିଳମ୍ବିତ ନ୍ୟାୟ – କେବଳ ସେତିକି ନୁହେଁ ଗୋଟିଏ କୋର୍ଟର ବିଚାର ଶେଷ ହେଲା ପରେ ତା ଉପର କୋର୍ଟ, ସେଠାରେ କାମ ସରିଲା ପରେ ତା ଉପର କୋର୍ଟ, ଯେମିତି ସୁପ୍ରିମ କୋର୍ଟର ଫୁଲ୍ ବେଞ୍ଚ ନ ବସିଲେ କୌଣସି ମାମଲାର ଶେଷ ହେବନି – ସେଇଭଳି ପରିସ୍ଥିତି । କେଶଖୋରମାନଙ୍କର ପୁଷମାସ, ଆଉ ପୀଡ଼ିତଙ୍କ କଥା କିଏ ବା ପଚାରେ ? ଯଦି ଆପଣଙ୍କ ଦୁର୍ଭାଗ୍ୟକୁ କୌଣସି ସିଭିଲ୍ କେଶ ଭିତରେ ଆପଣ ଛନ୍ଦିହୋଇ ଯାଇଛନ୍ତି, ତାହା ଯେ ଆପଣଙ୍କ ଜୀବନକାଳ ଭିତରେ ପରିସମାପ୍ତି ଘଟିବ, ସେକଥା କେହି ପ୍ରତିଶ୍ରୁତି ଦେଇପାରିବେ ନାହିଁ ।

ବିଳମ୍ବ ନ କରିବା ପାଇଁ ରାବଣ କୁଆଡ଼େ ତାର ମୃତ୍ୟୁର ଅବ୍ୟବହତ ପୂର୍ବରୁ ରାମଚନ୍ଦ୍ରଙ୍କ ପରାମର୍ଶ କ୍ରମେ ସେଠାରେ ଉପସ୍ଥିତ ଥିବା ଲକ୍ଷ୍ମଣଙ୍କୁ କହିଥିଲେ । ତାଙ୍କର କହିବାର ଥିଲା ଯେ କ୍ଷମତା ଥାଇ ମଧ୍ୟ ସେ ସ୍ୱର୍ଗକୁ ନିଶୁଣୀ ତିଆରି କରିବା ପରି ଏକ ମାମୁଲି କାମ କରିପାରି ନଥିଲେ । କ୍ଷୋଭର ସହିତ ସେ ଏ କଥା କହିଥିଲେ କୁଆଡ଼େ । ଅର୍ଥାତ୍ କେବଳ କ୍ଷମତା ଏବଂ ସାମର୍ଥ୍ୟ ବିଳମ୍ବର ଏକ ମାତ୍ର କାରଣ ନୁହେଁ । ଦୀଘସୂତ୍ରିତା ଏବଂ ମାନସିକ ଅସନ୍ତୁଳନଜନିତ ବ୍ୟାଧି, ଭାବନାନ୍ତରରେ ଆମେ ସୁଖକୁ ନ ଛାଡ଼ିବା ପାଇଁ ପ୍ରସ୍ତୁତ ନୋହୁଁ, ଏହା ପଛରେ ଥାଇପାରେ ବିଫଳତାର ଭୟ । କାଳେ ମୋର କାର୍ଯ୍ୟଟି ଆଦୃତ ନହେବ ସେଇ ସମ୍ଭାବନା ବି କାର୍ଯ୍ୟାରମ୍ଭରେ ବିଳମ୍ବ ଘଟାଏ, କାମ କରିବାର ଅନାଗ୍ରହର ବିଭିନ୍ନ କାରଣ ଖୋଜିଲେ ଆମ ଆଖିକୁ ଦିଶିଯିବ ନିଷ୍ପତ୍ତି ନେବାରେ ବିଳମ୍ବର କାରଣମାନେ ଯେମିତି ବହୁରୂପୀ । ଫୁଲଗଛ କାହିଁକି ମଲାର କାରଣ ଖୋଜୁ ଖୋଜୁ ଯାଇ ନିରୀହ ଜହ୍ନା ପାଖରେ ପହଞ୍ଚିଯାଏ ମଣିଷ । ଆଉ କାରଣ ଖୋଜା ଅକାରଣ ଲାଗେ । ଠିକ୍ ସେହିପରି ବିଳମ୍ବକୁ ଲଗାମ ଦେବାପାଇଁ ଆବଶ୍ୟକ ମାନସିକ ସ୍ଥିରତା ଓ ଦୃଢ଼ତା ।

ଆମେ ଯଦି ନିଷ୍ପତ୍ତି ବାରମ୍ବାର ପରିବର୍ତ୍ତନ କରିବା, ତାହାହେଲେ ବିଳମ୍ବ ହୋଇଯିବ ଲଗାମଛଡ଼ା । ଜୀବନକୁ ସରସ ସୁନ୍ଦର ଓ ଭାବପୂର୍ଣ୍ଣ କରିବାକୁ ହେଲେ ଦୃଢ଼ତାକୁ ଆପଣେଇବାକୁ ପଡ଼ିବ ଆଉ ବିଳମ୍ବର ସମ୍ଭାବ୍ୟ କାରଣମାନଙ୍କ ଉପରେ ରୋକ୍ ଲଗେଇବାକୁ ହେବ । ବିଳମ୍ବ କେବେ ବି ଏକ ସହଜାତ ପ୍ରବୃତ୍ତି ନୁହେଁ, ଦାୟିତ୍ୱ ନ ସମ୍ଭାଳିବାର ଏକ ପାର୍ଶ୍ୱ ପ୍ରତିକ୍ରିୟା ମାତ୍ର ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ, ମତାମତ ବ୍ୟକ୍ତିଗତ)**

# ଆମ ସ୍ୱାଧୀନତାର ଚୂଡ଼ାନ୍ତ ଆହ୍ୱାନ 'କର ବା ମର'



**ଡ. ମୃଣାଳ ଚାଟାର୍ଜୀ**

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ୯ ଅଗଷ୍ଟ ୧୯୪୨ ଏକ ଅବିସ୍ମରଣୀୟ ଦିନ । ଏହି ଦିନ ଆରମ୍ଭ ହୋଇଥିଲା 'ଅଗଷ୍ଟ କ୍ରାନ୍ତି' ବା 'ଭାରତ ଛାଡ଼' ଆନ୍ଦୋଳନ (Quit India Movement) । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ଭାରତୀୟ ଜନତାଙ୍କର ସବୁଠାରୁ ବ୍ୟାପକ, ତୀବ୍ର ଓ ନିର୍ଣ୍ଣାୟକ ଜନ ଆନ୍ଦୋଳନ ଥିଲା । ଏହା କେବଳ ଏକ ରାଜନୈତିକ ଆନ୍ଦୋଳନ ନୁହେଁ, ବରଂ ଏକ ଜାତିର ସ୍ୱାଭିମାନ, ଆତ୍ମବିଶ୍ୱାସ ଓ ସ୍ୱାଧୀନତାର ଅଦମ୍ୟ ଆକାଂକ୍ଷାର ପରିପ୍ରକାଶ ଥିଲା ।

**ଐତିହାସିକ ପ୍ରେକ୍ଷାପଟ**

୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପରେ ବ୍ରିଟିଶ ସରକାର ଭାରତୀୟ ନେତାମାନଙ୍କ ସହ କୌଣସି ଆଲୋଚନା ନ କରି ଭାରତକୁ ଯୁଦ୍ଧରେ ସାମିଲ କଲେ । ଏହାକୁ ନେଇ ସାରା ଦେଶରେ ଅସନ୍ତୋଷ ଦେଖାଦେଲା । ଭାରତୀୟମାନେ ପ୍ରଶ୍ନ କଲେ–ଯେଉଁ ଦେଶ ନିଜେ ପରାଧୀନ, ସେ ଅନ୍ୟର ସ୍ୱାଧୀନତା ପାଇଁ କାହିଁକି ଯୁଦ୍ଧ କରିବ ?

୧୯୪୨ ମସିହାରେ ବ୍ରିଟିଶ ସରକାର ସାର୍ ଷ୍ଟାଫୋର୍ଡ କ୍ରିପ୍ସଙ୍କୁ ଭାରତକୁ ପଠାଇଥିଲେ । ଉଦ୍ଦେଶ୍ୟ ଥିଲା ଭାରତୀୟ ନେତାମାନଙ୍କ ସହଯୋଗ ହାସଲ କରିବା । କିନ୍ତୁ କ୍ରିପ୍ସ ମିଶନ ଭାରତକୁ ତୁରନ୍ତ ସ୍ୱାଧୀନତା ଦେବାର ପ୍ରତିଶ୍ରୁତି ନ ଦେଇ କେବଳ ଯୁଦ୍ଧ ପରେ କିଛି ସାମ୍ବିଧାନିକ ସଂସ୍କାରର ଆଶ୍ୱାସନ ଦେଇଥିଲା । ଏହି ପ୍ରସ୍ତାବକୁ କଂଗ୍ରେସ ଓ ଅନ୍ୟ ରାଜନୈତିକ ଦଳମାନେ ପ୍ରତ୍ୟାଖ୍ୟାନ କଲେ ।

ଗାନ୍ଧୀଜୀ ଏହି ପ୍ରସ୍ତାବକୁ ବ୍ୟଙ୍ଗ କରି କହିଥିଲେ–ଏହା ଦେବାଳିଆ ହେବାକୁ ବସିଥିବା ଏକ ବ୍ୟାଙ୍କର ଏକ ଆଗୁଆ ତାରିଖର ଚେକ୍ । ଏହା ପରେ କଂଗ୍ରେସ ନେତୃତ୍ୱ ନିଷ୍ପତ୍ତି ନେଲା ଯେ, ସ୍ୱାଧୀନତା ପାଇଁ ଆଉ ଅପେକ୍ଷା କରାଯିବ ନାହିଁ ।

କର ବା ମର

୧୯୪୨ ଅଗଷ୍ଟ ୮ ତାରିଖରେ ବମ୍ବେ (ବର୍ତ୍ତମାନର ମୁମ୍ବାଇ)ର ଗୋୱାଲିଆ ଟ୍ୟାଙ୍କ ମଇଦାନରେ ଅଖିଳ ଭାରତ କଂଗ୍ରେସ କମିଟିର ଐତିହାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଠାରେ ଭାରତ ଛାଡ଼ (କୁଇଟ ଇଣ୍ଡିଆ) ପ୍ରସ୍ତାବ ଗୃହୀତ ହୋଇଥିଲା ।

ଗାନ୍ଧୀଜୀ ତାଙ୍କ ଐତିହାସିକ ଭାଷଣରେ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ–କର ବା ମର (Do or Die)ଛ ଅର୍ଥାତ୍ ଭାରତକୁ ସ୍ୱାଧୀନ କର, ନଚେତ୍ ସେହି ପ୍ରୟାସରେ ପ୍ରାଣ ଦିଅ । ଏହି ଆହ୍ୱାନ ଲକ୍ଷ ଲକ୍ଷ ଭାରତୀୟଙ୍କ ମନରେ ନୂଆ ଉତ୍ସାହ ସୃଷ୍ଟି କରିଥିଲା ।

**୯ ଅଗଷ୍ଟ: ଦମନ ଓ ବିଦ୍ରୋହ**

ଆନ୍ଦୋଳନ ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ବ୍ରିଟିଶ ସରକାର ଗାନ୍ଧିଜୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ ଓ ପ୍ରାୟ ସମସ୍ତ ପ୍ରମୁଖ କଂଗ୍ରେସ ନେତାଙ୍କୁ ଗିରଫ କରିନେଲା । ବ୍ରିଟିଶମାନଙ୍କ ଧାରଣା ଥିଲା, ନେତାମାନଙ୍କୁ ବନ୍ଦୀ କରିଦେଲେ ଆନ୍ଦୋଳନ ବନ୍ଦ ହୋଇଯିବ ।

କିନ୍ତୁ ଘଟିଲା ତାହାର ସମ୍ପୂର୍ଣ୍ଣ ବିପରୀତ । ନେତାମାନେ ବନ୍ଦୀ ହୋଇଥିଲେ ମଧ୍ୟ ଆନ୍ଦୋଳନ ସାରା ଦେଶରେ ସ୍ୱତଃସ୍ଫୂର୍ତ୍ତ ଭାବେ ବ୍ୟାପିଗଲା । ଛାତ୍ର, ଶ୍ରମିକ, କୃଷକ, ମହିଳା, ସରକାରୀ କର୍ମଚାରୀ–ସମସ୍ତେ ଏଥିରେ ସାମିଲ ହେଲେ । ବହୁ ସ୍ଥାନରେ ରେଳ ଚଳାଚଳ ବନ୍ଦ କରାଗଲା, ଟେଲିଫୋନ ଓ ଟେଲିଗ୍ରାଫ ଲାଇନ କାଟି ଦିଆଗଲା, ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଲା ଏବଂ ବ୍ରିଟିଶ ଶାସନକୁ ଅଚଳ କରିଦେବାର ଚେଷ୍ଟା କରାଗଲା ।

> **ନେତାମାନେ ବନ୍ଦୀ ହୋଇଥିଲେ ମଧ୍ୟ ଆନ୍ଦୋଳନ ସାରା ଦେଶରେ ସ୍ୱତଃସ୍ଫୂର୍ତ୍ତ ଭାବେ ବ୍ୟାପିଗଲା । ଛାତ୍ର, ଶ୍ରମିକ, କୃଷକ, ମହିଳା, ସରକାରୀ କର୍ମଚାରୀ–ସମସ୍ତେ ଏଥିରେ ସାମିଲ ହେଲେ । ବହୁ ସ୍ଥାନରେ ରେଳ ଚଳାଚଳ ବନ୍ଦ କରାଗଲା, ଟେଲିଫୋନ ଓ ଟେଲିଗ୍ରାଫ ଲାଇନ କାଟି ଦିଆଗଲା, ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ ହେଲା ଏବଂ ବ୍ରିଟିଶ ଶାସନକୁ ଅଚଳ କରିଦେବାର ଚେଷ୍ଟା କରାଗଲା ।**

ଏହି ଆନ୍ଦୋଳନରେ ଅନେକ ମହିଳାଙ୍କ ଭୂମିକା ସ୍ମରଣୀୟ । ବିଶେଷକରି ଅରୁଣା ଆସଫ ଅଲୀ ବମ୍ବେରେ ତ୍ରିରଙ୍ଗା ଉତ୍ତୋଳନ କରି ଆନ୍ଦୋଳନକୁ ନୂଆ ଦିଗ ଦେଇଥିଲେ । ଉଷା ମେହେତା ଗୁପ୍ତ ରେଡିଓ ପ୍ରସାରଣ ମାଧ୍ୟମରେ ସ୍ୱାଧୀନତାର ସନ୍ଦେଶ ପହଞ୍ଚାଇଥିଲେ ।

ଓଡ଼ିଶାରେ ଅଗଷ୍ଟ କ୍ରାନ୍ତି

ଅଗଷ୍ଟ କ୍ରାନ୍ତିର ପ୍ରଭାବ ଓଡ଼ିଶାରେ ମଧ୍ୟ ସ୍ପଷ୍ଟ ଭାବେ ଦେଖାଯାଇଥିଲା । କଟକ, ବାଲେଶ୍ୱର, ପୁରୀ, ଗଞ୍ଜାମ, ସମ୍ବଲପୁର ସମେତ ବିଭିନ୍ନ ଅଞ୍ଚଳରେ ଛାତ୍ରଛାତ୍ରୀ, ଯୁବକ ଓ ସାଧାରଣ ଲୋକେ ବିକ୍ଷୋଭ, ସଭା, ଶୋଭାଯାତ୍ରା ଓ ହରତାଳରେ ଭାଗ ନେଇଥିଲେ । ବ୍ରିଟିଶ ସରକାର ଅନେକ ନେତାଙ୍କୁ ଗିରଫ କରିଥିଲେ ଏବଂ କଠୋର ଦମନନୀତି ଗ୍ରହଣ କରିଥିଲେ । ତଥାପି ସ୍ୱାଧୀନତାର ଆକାଂକ୍ଷା ଆହୁରି ଦୃଢ଼ ହୋଇ ଉଠିଥିଲା ।

**ଆନ୍ଦୋଳନର ଗୁରୁତ୍ୱ**

ଅଗଷ୍ଟ କ୍ରାନ୍ତିକୁ ବ୍ରିଟିଶ ସରକାର ନିଷ୍ଠୁର ଭାବେ ଦମନ କରିଥିଲେ । ହଜାର ହଜାର ଲୋକ ଗିରଫ ହେଲେ, ଅନେକ ଜୀବନ ହରାଇଲେ, ଅସଂଖ୍ୟ ଲୋକ ଆହତ ହେଲେ । ଯଦିଓ ୧୯୪୫ରେ ଏ ଆନ୍ଦୋଳନ ବନ୍ଦ ହୋଇଥିଲା, ତଥାପି ଏହି ଆନ୍ଦୋଳନକୁ ବିଫଳ ବୋଲି କହି ହେବ ନାହିଁ । ଏହା ବ୍ରିଟିଶ ସରକାରଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଥିଲା ଯେ, ଭାରତକୁ ଆଉ ବଳପୂର୍ବକ ଶାସନ କରିବା ସମ୍ଭବ ନୁହେଁ ।

୧୯୪୨ ପରେ ବ୍ରିଟିଶ ଶାସନର ନୈତିକ ଭିତ୍ତି ଦୁର୍ବଳ ହେବାକୁ ଲାଗିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ଆର୍ଥିକ ଓ ସାମରିକ ଚାପ ସହ ଭାରତୀୟ ଜନତାଙ୍କ ଏହି ଅଦମ୍ୟ ପ୍ରତିରୋଧ ବ୍ରିଟେନକୁ ଶେଷ ପର୍ଯ୍ୟନ୍ତ ସ୍ୱାଧୀନତା ଦେବାକୁ ବାଧ୍ୟ କଲା । ଅଗଷ୍ଟ କ୍ରାନ୍ତିର ଆରମ୍ଭ ହେବାର ମାତ୍ର ପାଞ୍ଚ ବର୍ଷ ପରେ, ଏହାକୁ ପ୍ରତ୍ୟାହାର କରାଯିବାର ୨ ବର୍ଷ ପରେ ୧୫ ଅଗଷ୍ଟ ୧୯୪୭ରେ ଭାରତ ସ୍ୱାଧୀନ ହେଲା ।

**ଆଜିର ପ୍ରାସଙ୍ଗିକତା**

ଅଗଷ୍ଟ କ୍ରାନ୍ତି ଆମକୁ ସ୍ମରଣ କରାଏ ଯେ, ସ୍ୱାଧୀନତା କେବଳ ଏକ ରାଜନୈତିକ ଅଧିକାର ନୁହେଁ ଏହା ଆତ୍ମସମ୍ମାନ, ସାହସ ଓ ଜନଶକ୍ତିର ପ୍ରତୀକ । ୯ ଅଗଷ୍ଟ କେବଳ ଇତିହାସର ଏକ ତାରିଖ ନୁହେଁ, ବରଂ ସେହି ଦିନର ସ୍ମୃତି ଯେଉଁଦିନ ଏକ ପରାଧୀନ ଜାତି ଏକ ସ୍ୱରରେ ଘୋଷଣା କରିଥିଲା–ଏବେ ଆଉ ଦାସତ୍ୱ ନୁହେଁ ।

ଆଜି, ଯେତେବେଳେ ଆମେ ଗଣତନ୍ତ୍ର, ସମ୍ବିଧାନ ଓ ନାଗରିକ ଅଧିକାରର କଥା କହୁଛୁ, ସେତେବେଳେ ଅଗଷ୍ଟ କ୍ରାନ୍ତିର ମୂଳ ବାର୍ତ୍ତା–ସାହସ, ଐକ୍ୟ, ଆତ୍ମତ୍ୟାଗ ଓ ସ୍ୱାଧୀନତା ପ୍ରତି ଅଟଳ ବିଶ୍ୱାସ–ଆମ ପାଇଁ ସମାନ ଭାବେ ପ୍ରେରଣାଦାୟକ । ସ୍ୱାଧୀନତା ସଂଗ୍ରାମର ଏହି ମହାନ ଅଧ୍ୟାୟ ଆମକୁ ମନେ ପକାଇଦିଏ ଯେ, ଏକତାବଦ୍ଧ ଜନତାଙ୍କ ଇଚ୍ଛାଶକ୍ତିଠାରୁ ବଡ଼ ଶକ୍ତି ପୃଥିବୀରେ ଆଉ କିଛି ନାହିଁ ।

**ପ୍ରଫେସର ଅଫ୍ ପ୍ରାକ୍ଟିସ୍, ଓଡ଼ିଶା ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍), ଭୁବନେଶ୍ୱର, ଓଡ଼ିଶା**
**ମୋ–୯୪୩୭୦ ୨୬୧୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୭ ଏମ୍‌ଓୟୁ...

ଯୋଗଦେଇଥିଲେ । ଏହି ରୋଡ୍-ସୋ'ରେ ୪୧,୭୪୮ କୋଟି ଟଙ୍କାର ନିବେଶ ପ୍ରସ୍ତାବ ସହିତ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବ୍ୟାପକ ପରିମାଣର ନିବେଶ ପ୍ରସ୍ତାବ ଦ୍ୱାରା ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ ଇକୋସିଷ୍ଟମ ପ୍ରତି ଶିଳ୍ପଜଗତର ଭରସା ପ୍ରତିଫଳିତ ହୋଇଛି । ଏହା ଦ୍ୱାରା ୩୫,୨୫୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ।

ଏହା ବ୍ୟତୀତ, ଓଡ଼ିଶା ସରକାର ୧,୬୮୯ କୋଟି ଟଙ୍କାର ନିବେଶ ପାଇଁ ୧୨ଟି ନିବେଶ ଇଚ୍ଛାପତ୍ର ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ୮,୦୬୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସମୁଦାୟ ଆଜି ଗସ୍ତର ପ୍ରଥମ ଦିନରେ ଓଡ଼ିଶା ସରକାର ମୋଟ ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି, ଯାହା ଦ୍ୱାରା ୪୩,୩୧୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଶିଳ୍ପପତି ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ପ୍ରକ୍ରିୟାକରଣକୁ କେବଳ ଏକ ଶିଳ୍ପ କ୍ଷେତ୍ର ଭାବରେ ଦେଖୁନାହିଁ, ବରଂ ଏହାକୁ ଏକ ଅର୍ଥନୈତିକ ରୂପାନ୍ତର ଭାବରେ ଦେଖୁଛି ଯାହା କୃଷକ, ମତ୍ସ୍ୟଜୀବୀ, ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ ଏବଂ ଗ୍ରାମାଞ୍ଚଳର ଉଦ୍ୟୋଗଗୁଡ଼ିକୁ ସିଧାସଳଖ ଉପକୃତ କରିଥାଏ ।

ସେ କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦିତ ପ୍ରତ୍ୟେକ ପ୍ରମୁଖ କୃଷି ଏବଂ ସାମୁଦ୍ରିକ ସାମଗ୍ରୀ ଯେପରି ରାଜ୍ୟ ଭିତରେ ଅଧିକରୁ ଅଧିକ ପ୍ରକ୍ରିୟାକରଣ ହେବା ଆବଶ୍ୟକ । ଏହା ହେଉଛି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଉତ୍ପାଦକମାନଙ୍କ ପାଇଁ ଅଧିକ ଆୟ ସୃଷ୍ଟି କରିବା ସହିତ ଯୁବବର୍ଗଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁନିଶ୍ଚିତ କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପାଞ୍ଚଟି ଷ୍ଟ୍ରାଟେଜିକ୍ ପିଲାର୍ ସମ୍ପର୍କିତ ଏକ ଦୀର୍ଘମିଆଦୀ ରୋଡମ୍ୟାପ ମଧ୍ୟ ଉନ୍ମୋଚନ କରିଛନ୍ତି । ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟର ସୃଷ୍ଟି, ସମନ୍ୱିତ କୋଲ୍ଡ-ଚେନ୍ ଏବଂ ୱେରହାଉସିଂ ଭିତ୍ତିଭୂମିର ସମ୍ପ୍ରସାରଣ, ଖାଦ୍ୟର ଗୁଣବତ୍ତା ଏବଂ ପ୍ରମାଣପତ୍ର ପ୍ରଣାଳୀକୁ ସୁଦୃଢ଼ କରିବା, ସଂଗଠିତ ଶିଳ୍ପ ସହିତ କୃଷକ ଉତ୍ପାଦକ ସଂଗଠନ, ଏମ୍‌ଏସ୍‌ଏମ୍‌ଇଏସ୍ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ସହିତ ଯୋଡ଼ିବା ହେଉଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହାଦ୍ୱାରା ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଦକ୍ଷ ୱାର୍କଫୋର୍ସ'ର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ଆଗାମୀ ଦଶନ୍ଧି ମଧ୍ୟରେ ଓଡ଼ିଶାକୁ ମୂଲ୍ୟବର୍ଦ୍ଧିତ ଖାଦ୍ୟ ଉତ୍ପାଦନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବାରେ ସହାୟକ ହେବ । ଏହି ଫୁଡ୍-ପ୍ରୋ ଇଭେଣ୍ଟ ପରେ ମୁଖ୍ୟମନ୍ତ୍ରୀ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଅଗ୍ରଣୀ ଶିଳ୍ପପତିଙ୍କ ସହିତ ଏକାଧିକ ବୈଠକ କରିଥିଲେ । ସରକାରଙ୍କ ପ୍ରଥମ ଉତ୍ସର୍ଗୀକୃତ କ୍ଷେତ୍ରଭିତ୍ତିକ ଇନ୍‌ଭେଷ୍ଟମେଣ୍ଟ ରୋଡ୍-ସୋ' ଭାବରେ, 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ପ୍ରଭାବଶାଳୀ ପଦକ୍ଷେପ ଭାବରେ ପରିଗଣିତ ହୋଇଛି । ଏହାଦ୍ୱାରା କୃଷିକ୍ଷେତ୍ରରେ ସମୃଦ୍ଧି ଆସିବା ସହିତ କୃଷକ ମାନଙ୍କର ବ୍ୟାପକ ରୋଜଗାର ବୃଦ୍ଧିର ସମ୍ଭାବନା ସୃଷ୍ଟି ହୋଇଛି ।

## ଅଣନିଃଶ୍ୱାସୀ...

ପାଇଁ ଭର୍ତ୍ତି କରିଛନ୍ତି । ଛୋଟ କ୍ଲାସ ରୁମରେ ଅଧିକ ଛାତ୍ରଛାତ୍ରୀ ବସୁଥିବାରୁ ଅଣ ନିଶ୍ୱାସୀ ହୋଇପଡିଥିବା କୁହାଯାଉଛି । ଏପଟେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଛାତ୍ରୀ ମାନଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି ଯେ, ମାନସିକ ସ୍ତରର ଦୁର୍ବଳ ହୋଇ ଏଭଳି ହୋଇଥାଇପାରେ । ଘଟଣାକୁ ନେଇ ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରତିଜ୍ଞା ଦାସ କହିଛନ୍ତି ଯେ ଛୋଟ ଘରେ ଆମେ ବହୁତ ପିଲା ବସୁଥିବାରୁ ଗ୍ୟାସ ହୋଇଯାଉଛି । ଆମେ ନିଶ୍ୱାସ ନେଇପାରୁନାହୁଁ । କିଛି ପିଲା ଅକ୍ସିଜେନମାକ୍ସ ଲଗାଇ ପାଠ ପଢିବାକୁ ଆସୁଛନ୍ତି । ସେହିପରି ପ୍ରଧାନ ଶିକ୍ଷକ ଅରୁଣ ଓଝା ସମାନ କଥା କହିବା ସହିତ ଗୋଟିଏ ଘରେ ଏତେ ସଂଖ୍ୟକ ପିଲା ବସିବାରୁ ଏଭଳି ସମସ୍ୟା ହେଉଛି । ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ଚୁପ ବସିଛନ୍ତି । ଘଟଣାରେ ଅତିରିକ୍ତ ତହସିଲଦାର ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ଘଟଣାକୁ ନେଇ ମେଡିକାଲ ଅଫିସର ଡଃ ସୋହମ ମହାପାତ୍ର କହିଛନ୍ତି ପିଲାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି । ତେବେ ଶ୍ରେଣୀ ଗୃହ ଅଭାବରୁ ଶିକ୍ଷାଦାନ ବାଧା ହେଉଥିବା ବେଳେ କୋମଳମତି ଶିଶୁ ମାନଙ୍କର କୌଣସି କ୍ଷତି ହେଲେ ତାର ପାଇଁ କିଏ ଦାୟୀ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ମାଗଣା ଶିକ୍ଷା ଘୋଷଣା କରୁଥିବା ବେଳେ ଘର ଅଭାବ ଶିକ୍ଷାବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜନକେନ୍ଦ୍ରିକ...

ପ୍ରାଥମିକତା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ନୂତନତ୍ୱ ଓ ଐତିହ୍ୟ ପରସ୍ପରର ପରିପୂରକ ବୋଲି ମତବ୍ୟକ୍ତ କରି ପାରମ୍ପରିକ ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ସଂରକ୍ଷଣ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ । ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବା, ଏହାକୁ ଗଭୀର ଭାବରେ ଅଧ୍ୟୟନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଏହାର ମୂଲ୍ୟ ପ୍ରଦାନ କରିବା ଲାଗି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସମୃଦ୍ଧ ସଭ୍ୟତା ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି ।

ଶ୍ରୀ ଯୋଶୀ ଏକ ପ୍ରାଚୀନ ଶିକ୍ଷା କେନ୍ଦ୍ର ଭାବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଭାରତର ଦୀର୍ଘସ୍ଥାୟୀ ସଭ୍ୟତାଗତ ମୂଲ୍ୟବୋଧ "ଅତିଥି ଦେବୋ ଭବ" ଏବଂ "ବସୁଧୈବ କୁଟୁମ୍ବକମ" ଉପରେ ଆଲୋକପାତ କରିଥିଲେ । ବ୍ରିକ୍ସ ଦେଶଗୁଡ଼ିକ ସେମାନଙ୍କର ପରମ୍ପରା ଓ ଅଭିଜ୍ଞତାରେ ଭିନ୍ନ ହୋଇପାରନ୍ତି, କିନ୍ତୁ ସେମାନଙ୍କର ପ୍ରଗତି ପରସ୍ପର ସହିତ ଜଡିତ ବୋଲି ସେ କହିଥିଲେ । ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ସହଯୋଗକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ବୈଠକରେ ବ୍ରାଜିଲ, ରୁଷ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଇରାନ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସମେତ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ତ୍ରୟୋଦଶ ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ଘୋଷଣାନାମା ଗୃହୀତ ହେବା ସହିତ ଶିକ୍ଷାକୁ ବ୍ରିକ୍ସ ସହଯୋଗର ଏକ ପ୍ରମୁଖ ସ୍ତମ୍ଭ ଭାବରେ ପୁନଃପ୍ରତିଷ୍ଠା କରାଯାଇଥିଲା । ଏଥିସହିତ ଭାରତର ଅଧ୍ୟକ୍ଷତା ଅଧୀନରେ ଚିହ୍ନଟ ହୋଇଥିବା ପାଞ୍ଚଟି ପ୍ରାଥମିକତା କ୍ଷେତ୍ର ମଧ୍ୟରେ ଏକ ସହଭାଗୀ ରୂପରେଖ ନିର୍ଦ୍ଧାରଣ କରାଯାଇଥିଲା । ଏଥିରେ କେତେକ ପରିଣାମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମତଃ, ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା ଏବଂ (ଇସିସିଇ) ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ (ଏଫଏଲଏନ)କୁ ମଜବୁତ କରିବା ନେଇ ସଦସ୍ୟ ରାଷ୍ଟ୍ରମାନେ ସହମତ ହୋଇଥିଲେ । ଇସିସିଇର ସାର୍ବଜନୀନ ଏବଂ ସମାବେଶ ଉପଲବ୍ଧତାକୁ ପ୍ରୋତ୍ସାହନ ଦିଆଯିବ । ବିଦ୍ୟାଳୟଗୁଡ଼ିକର ପ୍ରସ୍ତୁତିକୁ ସୁଦୃଢ଼ କରାଯିବା ସହିତ ପ୍ରାରମ୍ଭିକ ଅଧ୍ୟୟନରେ ବୟସ ଅନୁକୂଳ ଡିଜିଟାଲ ସମାଧାନକୁ ପ୍ରୋତ୍ସାହିତ କରାଯିବ ।

ଦ୍ୱିତୀୟତଃ, ଦକ୍ଷତା ବିକାଶ ଏବଂ ଟିଭିଇଟିରେ ସହଯୋଗକୁ ସୁଦୃଢ଼ କରିବା ନେଇ ଘୋଷଣାନାମାରେ ସହମତ ହୋଇଥିଲା । ଆଗାମୀ ଦ୍ୱିବାର୍ଷିକ ପ୍ରଗତି ରିପୋର୍ଟ ଏବଂ ଦୀର୍ଘସ୍ଥାୟୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସହଯୋଗକୁ ଆଗକୁ ବଢାଇବାରେ ବ୍ରିକ୍ସ ଟିଭିଇଟି ସହଯୋଗ ମେଣ୍ଟର ଭୂମିକାକୁ ସ୍ୱୀକୃତି ଦିଆଯାଇଥିଲା । ଘୋଷଣାନାମାରେ ଆଗ୍ରହୀ ବ୍ରିକ୍ସ ସଦସ୍ୟମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଅଂଶଗ୍ରହଣ ସହ ଏକ ଅନ୍ତର୍ଜାତୀୟ ଦକ୍ଷତା ଶୂନ୍ୟସ୍ଥାନ ଅଧ୍ୟୟନ କରିବା ପାଇଁ ଭାରତର ପ୍ରୟାସକୁ ମଧ୍ୟ ସ୍ୱୀକାର କରାଯାଇଥିଲା ।

ତୃତୀୟତଃ, ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମକୁ ବଢ଼ାଇବା ନେଇ ସହମତି ହୋଇଥିଲା । ବୈଠକରେ ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀ ଉପରେ ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଲାଗି ବ୍ରିକ୍ସ ମାର୍ଗଦର୍ଶୀ ନୀତି ଉପରେ ଭାରତର ପଦକ୍ଷେପକୁ ସ୍ୱାଗତ କରାଯାଇଥିଲା । ଏଥିସହିତ ବ୍ରିକ୍ସ ନେଟୱାର୍କର ବିଶ୍ୱବିଦ୍ୟାଳୟ ପାରମ୍ପରିକ ଓ ସ୍ୱଦେଶୀ ଜ୍ଞାନ ପ୍ରଣାଳୀକୁ ଏକ ଅତିରିକ୍ତ ଅନ୍ତର୍ଜାତୀୟ ବିଷୟବସ୍ତୁ ଗୋଷ୍ଠୀ ଭାବରେ ସାମିଲ କରିବା ଉପରେ ବିଚାର କରିପାରିବେ ବୋଲି ପରାମର୍ଶ ଦିଆଯାଇଥିଲା ।

ଏଥିପୂର୍ବରୁ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗତ ୫ ତାରିଖରେ ଭୁବନେଶ୍ୱର ଠାରେ ବ୍ରିକ୍ସ ବରିଷ୍ଠ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା । ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ ।

## କୁଆଖାଇରେ...

ପହଞ୍ଚିବା ସହ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । ଇନ୍ଦ୍ରପାଲ ସାଇମନ୍ଦିର ସତ୍ୟଭାମାପୁର ପଞ୍ଚାୟତ ଅଧୀନରେ । ବାଲିଅନ୍ତା ଓ ଭୁବନେଶ୍ୱରରୁ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିବା ପରେ ୫ଟି ବୋଟ ୪ ଘଣ୍ଟା ସର୍ଚ୍ଚ ଅପରେସନ କରିବା ପରେ ରୁଦ୍ରନାରାୟଣଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ । ଚିକିତ୍ସା ପାଇଁ ଡାକ୍ତରଖାନା ପଠାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲେ । ସନ୍ଧାନ ମିଳି ନଥିବା ଦିବ୍ୟଜ୍ୟୋତିଙ୍କୁ ଆସନ୍ତାକାଲି ପୁଣି ଖୋଜଖବର ହେବ ବୋଲି ଅଗ୍ନିଶମ ବାହିନୀ ସୂତ୍ରରୁ ସୂଚନା ମିଳିଛି ।

## କରଡାପଲ୍ଲି...

ପାଣି ଟାଙ୍କିରୁ ପାଣି ଲୋକେ ପିଇବା ପାଇଁ ବ୍ୟବହାର କରୁଛନ୍ତି । ଏଥିରେ ଖାଲି ବ୍ଲିଚିଂ ପାଉଡର୍ ପକାଇ ଦେଇ ଚୁପ ହୋଇ ବସି ଯାଉଛନ୍ତି ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀ । କିନ୍ତୁ ଦୀର୍ଘ ଦିନ ହେଲା ପାଣିଟାଙ୍କିକୁ ସଫା କରା ଯାଇ ନ ଥିବାରୁ ଏଭଳି ଅପରିଷ୍କାର ପାଣି ଆସୁ ଥିବାର ଲୋକେ ଅଭିଯୋଗ କରିଛନ୍ତି । ବାଙ୍କୀ ବ୍ଲକର ପାନୀୟ ଜଳ ଯୋଗାଣ ବିଭାଗ ର ଯନ୍ତ୍ରୀ ପହଞ୍ଚି ପାଣି ର ନମୁନା ସଂଗ୍ରହ କରି ପରୀକ୍ଷା କରିବା ପାଇଁ ସାଧାରଣରେ ଦାବି ହେଉଛି । ଏ ସଂପର୍କରେ ବାଙ୍କୀ ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ରିତାଞ୍ଜଳି ପାତ୍ରଙ୍କୁ ପଚାରିବାରେ ସେ କହିଲେ କାଲି ଯାଇ ପାଣି ପରୀକ୍ଷା ପାଇଁ ପଠାଯିବ । ଗତ ଦୁଇ ମାସ ତଳେ ଟାଙ୍କି କିନ୍ତୁ ସଫା କରା ଯାଇଥିଲା ।

## ପାକ୍...

ଆସିଛନ୍ତି । ଗୁରୁବାର ସରିଫ ୩ ଦିନିଆ ଗସ୍ତରେ ଏଠାକୁ ଆସିଥିଲେ ଓ ତାଙ୍କସହ ପାକ୍ ସେନା ମୁଖ୍ୟ ଅସିମ୍ ମୁନିରଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆସିଥିଲା । ତେବେ ଇରାନ ସାଉଦିଆରବର ବିଭିନ୍ନ ସ୍ଥାନରେ ଆକ୍ରମଣ କରୁଛି । ଏହି ପ୍ରତିରକ୍ଷା ଚୁକ୍ତି ଏହାକୁ ମୁକାବିଲା କରିବ ବୋଲି ଆଶା ପ୍ରକାଶ କରାଯାଉଛି । ତୁର୍କୀ ଅନୁଯାୟୀ ଏହା ଏକ ଯୁଗ୍ମ ସାମରିକ କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ । ସମସ୍ତ ଦେଶ ମଧ୍ୟରେ ବୈଷୟିକ ଜ୍ଞାନର ଅଦଳବଦଳ ସହ ଗୁଇନ୍ଦା ତଥ୍ୟକୁ ମଧ୍ୟ ଆଦାନ ପ୍ରଦାନ କରାଯିବ । ତୁର୍କୀ ଓ ଇସ୍ରାଏଲ ଗାଜାକୁ ନେଇ ଯେଉଁ ଆଞ୍ଚଳିକ ବିବାଦରେ ମାତିଛନ୍ତି ତାହା ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି । ଇରାନ ଓ ଲେବାନନ ମଧ୍ୟରେ ଯୁଦ୍ଧକୁ ପ୍ରଭାବିତ କରିବ । ଏହି ରଣନୀତିକ ପ୍ରତିରକ୍ଷା ବୁଝାମଣା ଗତ ସେପ୍ଟେମ୍ବର ମାସରେ ପାକିସ୍ତାନ ଓ ସାଉଦି ଆରବ ସହ ସ୍ୱାକ୍ଷର ହୋଇଥିଲା । ଏବେ ଏଥିରେ ତୁର୍କୀ ସାମିଲ ହୋଇଛି ।

## ବାଧୁଛି...

ପ୍ରକ୍ରିୟା ସରିବାକୁ ପ୍ରାୟ ୩୦ ମିନିଟ୍ ସମୟ ଲାଗୁଛି । ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣା ଭୋଗୁଛନ୍ତି ହିତାଧିକାରୀ ।

ଯେଉଁଠି ଦିନକରେ ଗୋଟିଏ ୱାର୍ଡକୁ ଚାଉଳ ବଣ୍ଟନ କରାଯାଉଥିଲା, ଏବେ କିନ୍ତୁ ଦୈନିକ ୨୦ରୁ ୨୫ ଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି । ବିଡମ୍ବନାର ବିଷୟ ଯେ ପ୍ରତ୍ୟେକ ଦିନ ସର୍ଭର ଧିମା ହେବା କାରଣରୁ ହିତାଧିକାରୀଙ୍କ ବାୟୋମେଟ୍ରିକ ହୋଇପାରୁନି । ଫଳରେ ବାରମ୍ବାର ଡିଲର ପାଖକୁ ଆସି ଫେରୁଛନ୍ତି ହିତାଧିକାରୀ । ଏଭଳି ସମସ୍ୟା ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅବଗତ ଥିଲେ ମଧ୍ୟ କୌଣସି ସମାଧାନ ବାଟ କାଢୁ ନାହାନ୍ତି । ଯଦି ଏଭଳି ସମସ୍ୟା ଲାଗି ରହେ ତେବେ ରାସନ ଚାଉଳ ବଣ୍ଟନରେ ବହୁ ବିଳମ୍ବ ହେବା ସହ ଅନିୟମିତତା ଦେଖାଦେବ ବୋଲି ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

## ଆଜି...

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଦେଓଗଡ, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା ଓ ବଲାଙ୍ଗିର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ,ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲା ସ୍ଥାନେ ସ୍ଥାନେ ଘଡଘଡି ସହ ବର୍ଷା ହୋଇପାରେ ।

ଆସନ୍ତା ସ୍ୱାଧୀନତା ଦିବସରେ ରାଜ୍ୟରେ ପୁଣି ଅଜାଡ଼ିବ । ଆସନ୍ତା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ଅଧିକ ଘନୀଭୂତ ହୋଇ ୧୪ ତାରିଖ ବେଳକୁ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଫଳରେ ୧୨ କିମ୍ବା ୧୩ ତାରିଖରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ତେବେ ସ୍ୱାଧୀନତା ଦିବସ ଅର୍ଥାତ ଅଗଷ୍ଟ ୧୫ ବେଳକୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ଶୁକ୍ରବାର ସକାଳ ସାଢେ ୮ ଟା ସୁଦ୍ଧା କଳାହାଣ୍ଡିର ନର୍ଲାରେ ୧୩୧ ମିମି ବର୍ଷା ରେକର୍ଡ ହୋଇଥିବାରୁ ମଦନପୁର -ରାମପୁରରେ ୧୧୭ ମିମି, ବଲାଙ୍ଗିରର ବେଲଗାଁରେ ୧୧୫ ମିମି, କଟକର ଆଠଗଡରେ ୧୧୨ ମିମି, ମାହାଙ୍ଗାରେ ୧୦୪ ମିମି, ବଲାଙ୍ଗିର ସାଲେଭଟ୍ଟାରେ ୧୦୩ ମିମି, ବୌଦ୍ଧ ଓ ଖଇରାମାଳରେ ୯୯ ମିମି, ଢେଙ୍କାନାଳରେ ୯୮ ମିମି, କେସିଙ୍ଗାରେ ୯୮ ମିମି, ସଇଁତଳାରେ ୯୬ ମିମି, ନୟାଗଡରେ ୯୧ ମିମି, ଭୁବନେଶ୍ୱରରେ ୫୪ ମିମି, କଟକରେ ୩୩ ମିମି, ତାଳଚେରରେ ୮୦ ମିମି ବର୍ଷା ରେକର୍ଡ କରାଯାଇଛି ।

## ବିରୋଧୀ...

ସଂସଦ ଆସିବାକୁ ଭୟ କରୁଛନ୍ତି । ସେ ଆସିବା ଉଚିତ୍ ଓ ପ୍ରଶ୍ନର ଉତ୍ତର ରଖିବା ସହ ବିବୃତ୍ତି ଦେବା ଆବଶ୍ୟକ । ଯାହାକିଛି ଭୁଲ୍ ଘଟିଛି ତାହାପାଇଁ ଉତ୍ତରଦାୟୀ କିଏ ହେବ ବୋଲି ସେ କହିଥିଲେ । ଶ୍ରୀ ରିଜ୍‌ଜୁ କହିଛନ୍ତି ଯେ ଗୃହମନ୍ତ୍ରୀ ସର୍ବଦା ସଂସଦକୁ ସକାଳେ ଆସୁଛନ୍ତି । ମାତ୍ର ଗୃହକୁ ଯେତେବେଳେ ତାଙ୍କର କାର୍ଯ୍ୟ ଥିବ ସେତେବେଳେ ଉପସ୍ଥିତ ରହିବେ । ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଉଭୟ ରାଜ୍ୟସଭା ଓ ଲୋକସଭାକୁ ସୋମବାର ଯାଏ ମୁଲତବୀ କରାଯାଇଛି ।


### AFFIDAVIT

By virtue of an affidavit sworn before The Executive Magistrate BALASORE dated 18.07.26. I Deepak Kumar Bardhan,S/o-Atul Bardhan, At-Mahapatra sahi, P.o-motiganj,ps-town, dist-Balasore, Odisha, Pin -756003, declare that I have changed my son's name from ALOK RANJAN BARDHAN to ALOK KUMAR BARDHAN. Hanceforth he shall be known as ALOK KUMAR BARDHAN for all purpose.

Deepak Kumar Bardhan

### AFFIDAVIT

By virtue of an affidavit sworn in the Court of Executive Magistrate Bhadrak no 7016 / Dt. 10.06.2026. I Smt. Urmila Sahoo W/o- Manas Kumar Panigrahi changed my name from Truptimayee Panigrahi to Urmila Sahoo. Henceforth I will be known as Urmila Sahoo for all purpose.

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCSBPOT86 ତା.01.08.2026ରିଖ

କାର୍ଯ୍ୟର ନାମ : "ପୂର୍ବ ତଟ ରେଳପଥର କରପଦ୍ମା-କେନ୍ଦୁଝରଗଡ଼-ଅନୁଗୁଳ ସେକ୍ସନ ମଧ୍ୟରେ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍ କାର୍ଯ୍ୟ ସମ୍ବନ୍ଧୀୟ ଅନୁଗୁଳ (ANGL), କେରେଜାଙ୍ଗ (KPJG) ଏବଂ ଜରପଡ଼ା (JRPD) ଠାରେ ସଂକେତ ଏବଂ ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ, ମହତ୍ତ୍ୱପୂର୍ଣ୍ଣ (Critical) ସାମଗ୍ରୀଗୁଡ଼ିକର ଯୋଗାଣ ଏବଂ ସିଙ୍ଗଲ DP ଯୁକ୍ତ ମଲ୍ଟି ସେକ୍ସନ ଡିଜିଟାଲ୍ ଏକ୍ସଲ କାଉଣ୍ଟର (MSDAC) ସହିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ର ଯୋଗାଣ, ସଂସ୍ଥାପନ ଓ ପ୍ରବର୍ତ୍ତନ।"

ଆନୁମାନିକ ମୂଲ୍ୟ (ଟଙ୍କାରେ) : 67,42,67,109/-, EMD (ଟଙ୍କାରେ) : 1,34,85,400/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ଇ-ଟେଣ୍ଡର ବନ୍ଦ/ଖୋଲିବାର ତାରିଖ ଓ ସମୟ : ତା.24.08.2026 ରିଖ 1100 ଘଟିକାରେ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ : www.ireps.gov.in ରେ । ଯଦି ଇଣ୍ଟରନେଟରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ/ ନିର୍ମାଣ/ସମ୍ବଲପୁର

PR-163/CJ/26-27

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-26-27-06

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ ସଫେଇ କାର୍ଯ୍ୟକଳାପ ସମୂହ ।

ବିଜ୍ଞାପିତ ମୂଲ୍ୟ (₹): 62,31,699.20, EMD (₹): 1,24,600.00, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-348/R/26-27

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ETELCONBBST-386E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଏବଂ ସମ୍ବଲପୁର ମଣ୍ଡଳରେ NI ପୂର୍ବରୁ / NI ସମୟରେ ଅସ୍ଥାୟୀ ଆଲୋକୀକରଣ ବ୍ୟବସ୍ଥା ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 63,25,400.01, EMD (ଟଙ୍କାରେ) : ₹1,26,500/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.14.08.2026ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.08.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଥିପାଇଁ ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-164/CJ/26-27

### ଦ.ପୂ. ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ, ସିନିୟର ଡିଇଇ/ଟିଆରଡି ,ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ପ୍ରତିଟି ଆଇଟମ ବିପକ୍ଷରେ ସୂଚିତ ତାରିଖର ୧୫.୦୦ ଘଣ୍ଟା ପୂର୍ବରୁ ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ଟେଣ୍ଡର ନୋଟିସ୍ ନଂ:ଡିଆରଡି-କେଡିପିଡବ୍ଲ୍ୟୁ-୨୦୨୬-୨୭-୧୧, ତାରିଖ: ୦୬.୦୮.୨୦୨୬ । କାର୍ଯ୍ୟର ବିବରଣୀ: ଖଡ଼ଗପୁର ଡିଭିଜନ ଇଲେକ୍/ଟିଆରଡି କାର୍ଯ୍ୟ:ଏଚପିସିଏଲ /ବାଲେଶ୍ୱର (ସିଓଆଇଡି) ସାଇଡିଂର ବିଦ୍ୟୁତୀକରଣ ।ଟେଣ୍ଡର ମୂଲ୍ୟ : ଟ.୨,୩୫,୩୫,୮୬୧.୬୧/- । ଇଏମଡି :ଟ. ୪,୨୦,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ : ନାହିଁ । ଖୋଲିବାର ତାରିଖ: ୩୧.୦୮.୨୦୨୬ ।ସମାପ୍ତି ଅବଧି: ୧୨ (ବାର) ମାସ । ଦାଖଲ ତାରିଖ: ୩୧.୦୮.୨୦୨୬ ତାରିଖ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା,ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।ଟିପ୍ପଣୀ: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-582)

### GOVERNMENT OF ODISHA
### OFFICE OF THE DISTRICT PROJECT COORDINATOR SARVASIKHYA AVIYAN, SAMBALPUR

27001/127/2627

E-procurement Notice

BID IDENTIFICATION No: SSA/SBP/CIVIL/01/ 2026-27

E-mail -dpcsambIpur.opepa@nic.in Phone/Fax-0663-2410834

No. 337/CW/Date : 04.08.26

1. The District Project Coordinator, SSA, Sambalpur on behalf of Governor of Odisha. invites Percentage Rate bids in Single cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 01 (ONE)
3. Tender Cost : Rs.6,000/-
4. Class of Contractor : " B" Class & "C" Class
5. Date and time Available in Web site & receipt of Bids : 12:00Hrs of 10.08.2026 to 17:00 Hrs of 21.08.2026.
6. Date of Opening of Tender : 25.08.2026 at 11:30 Hrs.
7. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only.
8. Any Corrigendum / Addendum will be displayed in the website www.tendersodisha.gov.in only.

District Project Coordinator SSA.Sambalpur

OIPR : 27001/27119/1/26-27/0001

### OFFICE OF THE PANCHYATA SAMITI ATHMALLIK

19001/180/2627

No. 2751 Dt. 29.07.2026

e-Procurement

Bid Identification No. BDOATH-01/2026-27

Bid documents consisting of work, estimated cost, cost of tender paper, EMD time of completion Class of Contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| Name of the works | : | Civil works |
| No. of works | : | 04 nos. |
| Estimated Cost | : | Rs. 14,70,024/- to 50,29,578/- |
| Date & Time of availability of Bid Documents in the portal | : | From 10.00A.M of dt.27.07.2026 to 10.08.2026 Up to 5.00 P.M |
| Last Date of receive of Bid through Online | : | On or before 10.08.2026 up to 5.00 P.M |
| Submission of original Document (DD/EMD/AFFIDAVIT) | : | On or before 12.08.2026 upto 10.30 A.M |
| Date of opening of bid on | : | At 11.00 A.M. on 12.08.2026 |

Sd/- Block Development Officer Athmallik

OIPR : 19001/19091/1/26-27/0001

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, SAMBALPUR (R&B) DIVISION NO.II, SAMBALPUR

E-mail-eesbprnbdivision2@gmail.com Phone-0663-2410104

BID IDENTIFICATION No. SE/RandB/SBPII/03/2026-27

34001/600/2627

No. 3472 / Dated. 6/8/2026

E-procurement notice

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Single cover System in ONLINE MODE. | | |
| 2. | No. of works | : | 12 (Twelve) Nos Buildings Works |
| 3. | Tender Cost | : | Rs. 10,000/- & Rs. 6,000/- Each paper |
| 4. | Class of Contractor | : | 'B', 'C' & 'D' Class |
| 5. | Availability of bid document in the website | : | 11:00 Hours 14.08.2026 to 17:00 Hours of 30.08.2026 |
| 6. | Date of Opening of Tenders | : | 11:30 Hours on dated 31.08.2026 |
| 7. | The Bidders have to participate in ONLINE bidding only. Further details can be seen from the Website www.tendersodisha.gov.in only. Any Corrigendum / Addendum/Cancellation of tender will be displayed in the website said only. | | |

Sd/- Superintending Engineer Sambalpur (R&B) Division No.II

OIPR : 34001/34136/1/26-27/0002

### MUNICIPAL OFFICE: JAJPUR
### SHORT TENDER CALL NOTICE

13001/1454/2627

No : 2903 / Date : 06.08.2026

Jajpur Municipality invites sealed tender call notice to be drawn in Municipal Agreement Form No. W -III is invited from Registered Contractors of Government / Semi-Government / Jajpur Municipality Contractors against the work mentioned in the table given below. The Tender Paper along with valid Contractor Registration certificate, GS.T.PAN card tender paper cost, 1% E-M-D shall be received by the undersigned from 11.00AM of Dt.07.08.2026 to Dt. 14.08.2026 up to 12.00 PM and will be opened at 03.00PM on Dt.14.08.2026 in the Office of the undersigned. The Tender paper will be sold with paper cost Rs.600/- only from 11.00AM of Dt.07.08.2026 to 11.00AM of Dt.14.08.2026 during the above stated Office hours on working days. Valid Contractor Licence is to be enclosed with Tender Paper to the Office of undersigned.

The authority reserves the right to reject any or all Tenders without assigning any reason there of and is not bound to accept the lowest tender.

| Sl No. | Name of the work | Estimated Cost | Class of Contractor | Time of Completion | Cost of Bid document (Non-refundable) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Civil repair and maintenance of Aahaar Kendra of Jajpur Municipality 2026-2027 | 105635 | "D" & "C" Minicipal Contractor | 30 days | 600/- |

Sd/- Executive Officer Jajpur Municipality

OIPR : 13001/13171/1/26-27/0005

### Government of Odisha "e" procurement Notice
### OFFICE OF THE EXECUTIVE ENGINEER, RURAL WORKS ELECTRICAL DIVISION, SAMBALPUR.

34001/602/2627

E-mail - eerwelectricaldivn.sambalpur@gmail.com

Bid Identification No. EE /RWELECT/SBP/19/2026-27

1. Name of the work : 1 ."PROVISION OF AUDIO AND VIDEO SYSTEM FOR CONFERENCE HALL AT RW CIRCLE OFFICE KEONJHAR FOR THE YEAR 2026-27_BUILDING"
2."PROVISION OF AUDIO AND VIDEO SYSTEM FOR CONFERENCE HALL FOR RW DIVISION AT KAMAKHYANAGAR FOR THE YEAR 2026-27_BUILDING"
3. "PROVISION OF AUDIO AND VIDEO CONFERENCING SYSTEM TO CONFERENCE HALL OF RW DIVISION PATNAGARH AT RAMPUR FOR THE YEAR 2026-27_BUILDING"
4. "PROVISION OF DG AND PANEL FOR RW CIRCLE OFFICE SUNDARGARH FOR THE YEAR 2026-27_BUILDING"
2. Estimated Cost : 1. Rs.16,80,627/-; 2. Rs.16,94,766/-; 3. Rs.16,94,880/-; 4. Rs.9,58,089/-
3. Availability of bid document in the website. : 11.30 Hours of of 14.08.2026 to 17:00 Hours 29.08.2026
4. Date of Opening of Tenders : 11:30 Hours on dt. 31.08.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer R.W Electrical Division Sambalpur

OIPR : 34001/34175/1/26-27/0009

25001/896/2627

e-mail : rwdmohana@gmail.com

### GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISION :MOHANA
### NATIONAL COMPETITIVE BIDDING THROUGH e-Procurement

Identification No. Online Tender 08/MOHANA/2026-27

1. Name of the work : Building work
2. Toal No. of Works : 01 (One) No.
3. Estimate Cost : Rs. 78.75 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details :

| Procurement Officer | Bid Identification No | No. of Works | Availability of tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Mohana | Online Tender 08/MOHANA /2026-27 | 01 (One) No. of Building work | 18.08.2026 from 11.00 AM | 03.09.2026 upto 5.00 PM | 01.09.2026 upto 5.00 P.M. | 05.09.2026 at 11.00 AM | Will be intimated later |

Further details can be seen from the Website www.tenderodisha.gov.in

Sd/- Executive Engineer R.W. Division, Mohana

OIPR : 25001/25148/1/26-27/0011

### OFFICE OF THE PRINCIPAL
### P.S.DEGREE COLLEGE MURIBAHAL

At/Po- Muribahal Dist. Balangir (Odisha) Pin-767037

Email-degreecollegemuribahal@gmail.com

Letter No. Date :

TENDER CALL NOTICE

Sealed tenders are invited in two-Bid System (Technical and Financial)from Manufacturers/Suppliers/Registered Firm under GST Act with valid authorised certificate for the supply of 5 nos. of Copmputer(i5 14th Generation All in one Desktop, RAM 16GB,SSD-512 GB,FHD Web cam, UHD Graphics on site OEM warranty-5 year), 5 nos of UPS (600VA)3 year warranty and 1 nos of multi-Functional Printer-(inkjet(A3),Colour, Reverse Duplex Automatic documents feeders (RADF/DADF),USB Port,Ethernet port and Wi-Fi). The estimate cost of the tender is Rs.375000/-(Three Lakh Seventy five only)

The detail term and conditions along with the list of items and specifications may refer to vide Letter No.16576 Dated 23.03.2026, Govt of Odisha,Higher Education Department. The eligible bidder may submit their tender paper by registered-post on or before 25.08.2026.

The undersigned reserves the right to accept/reject any or all tenders without assigning any reasons.

Sd/- Principal

### OFFICE OF THE DISTRICT REGISTRAR, GAJAPATI, PARALAKHEMUNDI.

Dist- Gajapati (Odisha), Pin- 761200

24001/380/2627

TENDER NOTICE

Bid Reference No. 634 Dated. 3/8/26

Bids in sealed cover are invited under two-bid system from reputed and experienced manpower service provider for providing 02 nos. of Peons & 01 nos. of Night-Watchmen-cum-Sweeper (Total 03 nos.) for different Sub-Registrar Offices of Gajapati District, the details of the bidding process are as follows ;

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 3/8/26 |
| 2 | Bid Due Date and Time | 17/8/26 |
| 3 | Opening of Technical Bid | 19/8/26 & 11.00 A.M. |
| 4 | Opening and Financial Bid | 19/8/26 & 03.00 P.M. |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover super-scribed "Bid for Outsourcing of 02 nos. of Peons & 01 nos. of Night Watchmen-cum-Sweeper (Total 03 nos.) for different Sub-Registrar Offices of Gajapati District must reach the undersigned on or before the date 17.08..2026, by 01.00 P.M. by Speed Post/Registered Post only or can be dropped in the Tender Box kept at office of the A.D.M-cum-DR, Gajapati, Paralakhemundi.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website https://gajapati.odisha.gov.in.

Complete address for submission of bid :

To
The A.D.M-cum-District Registrar,
Collectorate, Gajapati, Paralakhemundi
PIN Code: 761200

Sd/- Additional District Magistrate, Gajapati, Paralakhemundi

OIPR : 24001/24359/1/26-27/0008


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୭୬୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଜାତୀୟ ହସ୍ତତନ୍ତ ଦିବସରେ 'ଦ ୱେୟାର ସ୍ୱଦେଶୀ ଶୋ'

## ଉନ୍ମୋଚିତ ହେବ ଓଡ଼ିଶା ଫ୍ୟାଶନ ୱିକ୍ ସିଜନ-୪ ପୋଷ୍ଟର

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଓଡ଼ିଶାର ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅଦ୍ୱିତୀୟ କଳାକୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଫାୱେଲ୍ ପ୍ରଡକ୍ଟ ଆଣ୍ଡ ସର୍ଭିସେସ୍ (ଓପିସି) ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶା ଫ୍ୟାଶନ ୱିକ୍ ଆୟୋଜନ କରୁଛି 'ଦ ୱେୟାରସ୍ୱଦେଶୀ ଶୋ' । ଏହି ଅବସରରେ ସମ୍ବଲପୁରର ହ୍ୟାଣ୍ଡଲୁମ୍ ର ବିଶିଷ୍ଟ ଡିଜାଇନର ମଞ୍ଜୁଶ୍ରୀ ମେହେର, ଡିଜାଇନର ନଭ୍ୟା ବେହେରାଙ୍କ ସ୍ୱତନ୍ତ୍ର ହସ୍ତତନ୍ତ ପୋଷାକ ସଂଗ୍ରହକୁ ନେଇ ଏକ ଆକର୍ଷଣୀୟ ଫ୍ୟାଶନ ଶୋ' ଆୟୋଜିତ ହେବ । ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ଆଧୁନିକ ଫ୍ୟାଶନ ସହ ଯୋଡ଼ି ଏହି ସଂଗ୍ରହକୁ ଉପସ୍ଥାପନ କରାଯିବ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ସ୍ୱରୂପ ଶିଶୁ ଓ ବରିଷ୍ଠ ମଡେଲମାନେ ଏକାସାଙ୍ଗରେ ରାମ୍ପରେ ହସ୍ତତନ୍ତ ପରିଧାନ ପ୍ରଦର୍ଶନ କରିବେ । ଏହା ମାଧ୍ୟମରେ ହସ୍ତତନ୍ତ କେବଳ ଏକ ପୋଷାକ ନୁହେଁ, ବରଂ ପିଢ଼ି ପିଢ଼ିକୁ ଯୋଡ଼ି ରଖିଥିବା ଏକ ସାଂସ୍କୃତିକ ଐତିହ୍ୟ ବୋଲି ବାର୍ତ୍ତା ଦିଆଯିବ । ଫ୍ୟାଶନ ଶୋ' ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ




ଓଡ଼ିଶା ଫ୍ୟାଶନ ୱିକ୍ ସିଜନ-୪ର ଅଫିସିଆଲ୍ ପୋଷ୍ଟର ଉନ୍ମୋଚନ କରାଯିବ । ସେହି ସହ ସିଜନ-୪ର ତାରିଖ ଓ ଭେନ୍ୟୁ ସମ୍ପର୍କରେ ମଧ୍ୟ ଘୋଷଣା କରାଯିବ । ଆୟୋଜକ ସଂଯୋଗ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଫ୍ୟାଶନ ୱିକ୍ ର ପ୍ରତିଷ୍ଠାତା, ନିର୍ଦ୍ଦେଶକ ଓ ଫାୱେଲ୍ ପ୍ରଡକ୍ଟ ଆଣ୍ଡ ସର୍ଭିସେସ୍ର ପ୍ରତିନିଧିମାନଙ୍କ ସହ ସମାଜସେବୀ ଝାନ୍ସୀ ରାଣୀ ଦାସ, ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ୨୦୨୫ ତଥା ମିସେସ୍ ଫ୍ୟାଶନ ଆଇକନ୍ ସଙ୍ଗୀତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଆୟୋଜକ ସଂଯୋଗ ପଟ୍ଟନାୟକଙ୍କ କହିବା ଅନୁଯାୟୀ, 'ଦ ୱେୟାରସ୍ୱଦେଶୀ ଶୋ' କେବଳ ଏକ ଫ୍ୟାଶନ ପ୍ରଦର୍ଶନୀ ନୁହେଁ, ବରଂ ଭାରତୀୟ ହସ୍ତତନ୍ତ ଶିଳ୍ପର ପ୍ରଚାର, ସଂରକ୍ଷଣ ଓ ପ୍ରସାର ସହିତ ବୁଣାକାର, ଡିଜାଇନର ଏବଂ ଉଦୀୟମାନ ପ୍ରତିଭାମାନଙ୍କୁ ଏକ ସଶକ୍ତ ମଞ୍ଚ ଯୋଗାଇବାର ଏକ ପ୍ରୟାସ ।

### ମହିଳା ଥାନାରୁ ଚମ୍ପଟ ଆସାମୀ ବେଙ୍ଗାଲୁରୁରୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମହିଳା ଥାନାରୁ ଚମ୍ପଟ ହୋଇଥିବା ଦୁଷ୍କର୍ମ ଅଭିଯୁକ୍ତ ରୁଦ୍ରପ୍ରସାଦ ସ୍ୱାଇଁକୁ ପୋଲିସ ଭଦ୍ରକରୁ ଗିରଫ କରିଥିଲା । ଗତ ୩୧ ତାରିଖ ଦିନ ତାକୁ ଜଳଖିଆ ଖାଇବାକୁ ଦେବାକୁ ସେଣ୍ଟ୍ରି ପ୍ରସ୍ତୁତ ହେଉଥିବା ବେଳେ ସେ ଖସି ପଳାଇଥିଲା । ଏସମ୍ପର୍କରେ କ୍ୟାପିଟାଲ ଥାନାରେ ମହିଳା ଥାନା ପକ୍ଷରୁ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା । ତଦନ୍ତକାରୀ ସ୍ୱତନ୍ତ୍ର ଟିମ୍ ଫେରାର ଅଭିଯୁକ୍ତ ରୁଦ୍ରପ୍ରସାଦକୁ ପିଛା କରି ଦିନକ ପରେ ବେଙ୍ଗାଲୁରୁରୁ ଗିରଫ କରି ଟ୍ରେନ୍ ଯୋଗେ ଭୁବନେଶ୍ୱରରେ ପହଞ୍ଚି ଥିଲା । ରୁଦ୍ର ପ୍ରସାଦକୁ ପଚରା ଉଚରା କରି ବୟାନ ରେକର୍ଡ଼ କରାଯିବା ପରେ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଓଡ଼ିଶା ସରକାର- ହିନ୍ଦୁସ୍ତାନ କୋକା-କୋଲା ମଧ୍ୟରେ

## ଖୋର୍ଦ୍ଧାରେ ଉତ୍ପାଦନ କାରଖାନା ସମ୍ପ୍ରସାରଣ ପାଇଁ ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ଶିଳ୍ପ ଓ ଉତ୍ପାଦନ କ୍ଷେତ୍ରରେ ଆଉ ଏକ ବଡ଼ ପୁଞ୍ଜିନିବେଶର ଦ୍ୱାର ଖୋଲିଛି। ଖୋର୍ଦ୍ଧାସ୍ଥିତ ଉତ୍ପାଦନ କାରଖାନାର ସମ୍ପ୍ରସାରଣ ପାଇଁ ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ (ଏଚସିସିବି) ସହ ଓଡ଼ିଶା ସରକାର ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ଫୁଡ୍ ପ୍ରୋ-୨୦୨୬ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ ହସ୍ତାନ୍ତର ହୋଇଛି। ଏହି ଅବସରରେ ଏଚସିସିବି ପକ୍ଷରୁ ମୁଖ୍ୟ ଆର୍ଥିକ ଅଧିକାରୀ ହର୍ଷ ଭୁଟାନୀ ଏବଂ ମୁଖ୍ୟ ପବ୍ଲିକ୍ ଆଫେୟାର୍ସ, କମ୍ୟୁନିକେସନ୍ସ ଓ ସସ୍ଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ



ଶର୍ମା, ଇଡକୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ଶିଳ୍ପ ନିର୍ଦ୍ଦେଶିକା ତଥା ଇପିକଲର ପରିଚାଳନା ନିର୍ଦ୍ଦେଶିକା (ଅତିରିକ୍ତ ଦାୟିତ୍ୱ) ଅବୋଲି ସୁନୀଲ ନାରଭାଣେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଖୋର୍ଦ୍ଧାରେ ଏଚସିସିବିର ଉତ୍ପାଦନ କାରଖାନାର ପ୍ରସ୍ତାବିତ ସମ୍ପ୍ରସାରଣ ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ ଓ ପାନୀୟ ଶିଳ୍ପକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏହା ରାଜ୍ୟରେ ବୃହତ୍ ଉତ୍ପାଦନ ଭିତିକ ପୁଞ୍ଜିନିବେଶକୁ ଆକର୍ଷିତ କରିବା ସହ ଶିଳ୍ପ ବିକାଶ ଓ ଦୀର୍ଘମିଆଦୀ ଆର୍ଥିକ ଅଭିବୃଦ୍ଧିକୁ ଗତି ଦେବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ଓଡ଼ିଶାରେ ଏଚସିସିବିର ଦୀର୍ଘଦିନର ଉପସ୍ଥିତି ରହିଛି। ଖୋର୍ଦ୍ଧାସ୍ଥିତ ଏହାର ଉତ୍ପାଦନ ୟୁନିଟ୍ ମାଧ୍ୟମରେ କମ୍ପାନୀ ରାଜ୍ୟରେ ନିଜର ବ୍ୟବସାୟିକ ଓ ଉତ୍ପାଦନ ଭିତିକ ପଦଚିହ୍ନକୁ ସୁଦୃଢ଼ କରିଆସୁଛି। ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ରାଜ୍ୟରେ କମ୍ପାନୀର ଉତ୍ପାଦନ କ୍ଷମତା ଓ ଉପସ୍ଥିତି ଆହୁରି ବଢ଼ିବା ସହ ବଢ଼ୁଥିବା ଉପଭୋକ୍ତା ଚାହିଦା ପୂରଣରେ ଏହା ସହାୟକ ହେବ। ରାଜ୍ୟରେ ଅଧିକ ଶିଳ୍ପ ଓ ବୃହତ୍ ପୁଞ୍ଜିନିବେଶ ଆକର୍ଷଣ କରି ଓଡ଼ିଶାକୁ ଦେଶର ଏକ ଅଗ୍ରଣୀ ଉତ୍ପାଦନ ଓ ଶିଳ୍ପ ନିବେଶ ଗନ୍ତବ୍ୟସ୍ଥଳୀରେ ପରିଣତ କରିବା ଦିଗରେ ଏହି ଏମ୍ଓୟୁକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

### 'ଓଡ଼ିଶା ସଂଖ୍ୟାଲଘୁ ଜନମଞ୍ଚ'ର ବିଶେଷ ସମ୍ମିଳନୀ

## ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଓ ଏକତା ପାଇଁ ୩୦ ଜିଲ୍ଲାରେ ହେବ ପଦଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ରାଜଧାନୀ ଭୁବନେଶ୍ୱରଠାରେ 'ଓଡ଼ିଶା ସଂଖ୍ୟାଲଘୁ ଜନମଞ୍ଚ' ପକ୍ଷରୁ ଏକ ବିଶେଷ ସଂଖ୍ୟାଲଘୁ ପ୍ରତିନିଧି ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମହାନ ଦାର୍ଶନିକ କାର୍ଲ ମାର୍କସଙ୍କ ଶୋଷଣମୁକ୍ତ




ସମାଜ ଓ ସାମାଜିକ ନ୍ୟାୟର ଆଦର୍ଶରେ ଅନୁପ୍ରାଣିତ ହୋଇଆୟୋଜିତ ଏହି ସମ୍ମିଳନୀରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସୁରକ୍ଷା, ମୌଳିକ ଅଧିକାର ରକ୍ଷା ଏବଂ ସେମାନଙ୍କର ବିକାଶମୂଳକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ଓ ମନ୍ଥନ କରାଯାଇଛି। ସଂଖ୍ୟାଲଘୁ ଏକତା ଓ ଅଧିକାର ଉପରେ ଗୁରୁତ୍ୱ ସମ୍ମିଳନୀରେ ବର୍ତ୍ତମାନର ଗଣତାନ୍ତ୍ରିକ ପରିବେଶରେ ସଂଖ୍ୟାଲଘୁମାନଙ୍କ ଅଧିକାର ସୁରକ୍ଷିତ ରଖିବା ପାଇଁ ସଂଗଠିତ ଏକତାର ଆବଶ୍ୟକତା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମଞ୍ଚର ମୁଖ୍ୟ ତଥା ରାଜ୍ୟ ସଭାପତି ରବୀନ ଚନ୍ଦ୍ର ତାକ୍ରୀ ସଂଖ୍ୟାଲଘୁ ସମ୍ପ୍ରଦାୟର ସମସ୍ୟାଗୁଡ଼ିକୁ ସରକାର ଓ ସମାଜ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ 'ପଦଯାତ୍ରା' କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ପ୍ରମୁଖ ନେତୃବୃନ୍ଦ ଓ ସାମାଜିକ କର୍ମୀ ପ୍ରମୁଖ ବକ୍ତା ଓ ନେତା: ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ରାଜଧାନୀ କଲେଜର ପ୍ରଫେସର ବିଜୟାନନ୍ଦ ପରିଚ୍ଛା, ପ୍ରମୁଖ ମୁସଲିମ୍ ନେତା ଶ୍ରୀ ତନଭୀର, ବରିଷ୍ଠ କଂଗ୍ରେସ ନେତା ଆଜାଦ, ଖ୍ରୀଷ୍ଟିଆନ୍ ମୋର୍ଚ୍ଚା ପ୍ରଭାରୀ ଜୁଗଲ କିଶୋର ରଞ୍ଜିତ, ସଂଖ୍ୟାଲଘୁ ନେତା ଡ. ପ୍ରଣବ ମୁଖାର୍ଜୀ, ଡ. ଦିବ୍ୟ ପରିଚ୍ଛା ଓ ଡ. ଅନ୍ତର୍ଯ୍ୟାମୀ ଦିଗାଲ। ଫୁଲବାଣୀ ଓ ଜି. ଉଦୟଗିରି ବ୍ଲକର ସଂଖ୍ୟାଲଘୁ ନେତା ନମଥୀୟା ନାୟକ (ଆର. ସି. ଚର୍ଚ୍ଚ, ରାମମନ୍ଦିର), ରାଇକିଆ ବ୍ଲକର ନେତା ବିଦ୍ୟା ରତନ ମଣି ଦିଗାଲ (ବୁଟି ଭାଇ) ପ୍ରମୁଖ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ସଂଖ୍ୟାଲଘୁ ସମ୍ପ୍ରଦାୟର ସଂଗଠିତ ଏକତା ଓ ସାମାଜିକ ପ୍ରଗତି ପାଇଁ ସଙ୍କଳ୍ପ ନେଇଥିଲେ।

### ଏଲଆଇସିର ତ୍ରୈମାସିକ ଫଳାଫଳକୁ ଅନୁମୋଦନ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଜୀବନ ବୀମା ନିଗମର ନିର୍ଦ୍ଦେଶକ ମଣ୍ଡଳୀ ଜୁନ ୩୦ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସ୍ୱତନ୍ତ୍ର ଏବଂ ସମନ୍ୱିତ ଆର୍ଥିକ ଫଳାଫଳକୁ ଅନୁମୋଦନ ଏବଂ ଗ୍ରହଣ କରିଛି । ଆଲୋଚ୍ୟ ତ୍ରୈମାସିକ ପାଇଁ କର ପରବର୍ତ୍ତୀ ଲାଭ ୧୩,୪୯୨ କୋଟି ଥିଲା, ଯାହାକି ଜୁନ ୩୦, ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୧୦,୯୮୬ କୋଟି ତୁଳନାରେ ୨୨.୮୧% ବୃଦ୍ଧି ପାଇଛି । ପ୍ରଥମ ବର୍ଷ ପ୍ରିମିୟମ୍ ଆୟ ଦ୍ୱାରା ମାପ କରାଯାଇଥିବା ବଜାର ଅଂଶ ଦୃଷ୍ଟିରୁ, ଭାରତୀୟ ଜୀବନ ବୀମା ବ୍ୟବସାୟରେ ୬୦.୧୦% ର ସାମଗ୍ରିକ ବଜାର ଅଂଶ ସହିତ ବଜାର ନେତା ଭାବରେ ଜାରି ରହିଛି । ତ୍ରୈମାସିକ ପାଇଁ, ନିଗମର ବ୍ୟକ୍ତିଗତ ବ୍ୟବସାୟରେ ୩୮.୮୯% ଏବଂ ଗୋଷ୍ଠୀ ବ୍ୟବସାୟରେ ୭୦.୯୦% ବଜାର ଅଂଶ ଥିଲା ।' ମୋଟ ପ୍ରିମିୟମ୍ ଆୟ ୧,୨୭,୨୫୦ କୋଟି ଥିଲା ଯେଉଁଥିରେ ୩୦ ଜୁନ୍ ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୧,୧୯,୨୦୦ କୋଟି ତୁଳନାରେ ୬.୭୫% ବୃଦ୍ଧି ଘଟିଛି । ସେହିପରି ମୋଟ ବ୍ୟକ୍ତିଗତ ବ୍ୟବସାୟ ପ୍ରିମିୟମ୍ ୭୫,୪୧୬ କୋଟିକୁ ବୃଦ୍ଧି ପାଇଛି ।ଯେଉଁଥିରେ ପୂର୍ବ ବର୍ଷର ସମାନ ଅବଧିରେ ୭୧,୪୭୪ କୋଟି ଥିଲା, ଯାହା ୫.୫୨% ବୃଦ୍ଧି ଦର୍ଶାଉଛି ।' ଗୋଷ୍ଠୀ ବ୍ୟବସାୟର ମୋଟ ପ୍ରିମିୟମ୍ ଆୟ ୫୧,୮୩୪ କୋଟି ଥିଲା, ଯାହା ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୪୭,୭୨୬ କୋଟି ତୁଳନାରେ ୮.୬୧% ବୃଦ୍ଧି ଦର୍ଶାଉଛି ।

### (ବିଲ୍ଡ) ପ୍ରୋଗ୍ରାମ୍ ୨୦୨୫-୨୬ର ପଞ୍ଚମ ସଂସ୍କରଣର ବିଜେତାମାନଙ୍କ ନାମ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱର ଅଗ୍ରଣୀ ଏରୋସ୍ପେସ୍ କମ୍ପାନୀ ବୋଇଂ ୟୁନିଭର୍ସିଟି ଇନୋଭେସନ୍ ଲିଡରଶିପ୍ ଡେଭେଲପମେଣ୍ଟ (ବିଲ୍ଡ) ପ୍ରୋଗ୍ରାମ୍



୨୦୨୫-୨୬ର ପଞ୍ଚମ ସଂସ୍କରଣର ବିଜେତାମାନଙ୍କ ନାମ ଘୋଷଣା କରିଛି। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ଷ୍ଟାର୍ଟଅପ୍ ଉଦ୍ୟୋଗୀମାନଙ୍କୁ ନେଇ ଗଠିତ ସାତଟି ଦଳ ଏହି ପ୍ରତିଯୋଗିତାରେ ବିଜେତା ହୋଇଛନ୍ତି। ଚୟନିତ ବିଜେତା ଦଳଗୁଡ଼ିକ ହେଲେ ଏରୋସର୍ଟ୍ ଟେକ୍ନୋଲୋଜିସ୍, ଆଲକାମୀ କାର୍ବନ, ଡାୟାସୋଲ୍ ପ୍ରାଇଭେଟ୍ ଲିମିଟେଡ୍, ଅର୍ଥସ୍ମିଣ୍ଟ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍, ଓରିଜୟ ମେଡଟେକ୍ ପ୍ରାଇଭେଟ୍ ଲିମିଟେଡ୍, ଷ୍ଟେଲ୍ଏକ୍ସ ଡାଇନାମିକ୍ସ ଏବଂ ସ୍ୱର୍ଣ୍ଣ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍। ଆସନ୍ତା କିଛି ମାସ ଧରି ବୋଇଂ ଓ ଏହାର ଇନ୍କ୍ୟୁବେଟର ସହଯୋଗୀମାନେ ଏହି ଦଳଗୁଡ଼ିକୁ ମାର୍ଗଦର୍ଶନ, ପରାମର୍ଶ ଏବଂ ପ୍ରାୟୋଗ ଜନିତ ସହାୟତା ଯୋଗାଇ ସେମାନଙ୍କ ନବସୃଜନମୂଳକ ଚିନ୍ତାଧାରାକୁ ବଜାରଯୋଗ୍ୟ ଓ ବ୍ୟବସାୟିକ ସଫଳ ସମାଧାନରେ ପରିଣତ କରିବେ। ପ୍ରତ୍ୟେକ ବିଜେତା ଦଳକୁ ସେମାନଙ୍କ ପ୍ରକଳ୍ପର ବିକାଶ ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ।

ବୋଇଂ ଇଣ୍ଡିଆ ଓ ଦକ୍ଷିଣ ଏସିଆର ସଭାପତି ସଲିଲ ଗୁପ୍ତେ କହିଛନ୍ତି, "ଭାରତର ଷ୍ଟାର୍ଟଅପ୍ ପରିବେଶ ଆଜି ଉଦ୍ୟୋଗୀ, ଇନ୍କ୍ୟୁବେଟର, ନିବେଶକ ଏବଂ ଶିକ୍ଷାନୁଷ୍ଠାନଙ୍କ ଏକ ସଶକ୍ତ ଓ ବିବିଧ ନେଟୱର୍କରେ ପରିଣତ ହୋଇଛି। ବିଲ୍ଡ ଏହି ସମସ୍ତଙ୍କୁ ଏକାଠି ଆଣି ନୂତନ ଚିନ୍ତାଧାରାକୁ କେବଳ ପ୍ରତିଯୋଗିତାରେ ସୀମିତ ନ ରଖି ବାସ୍ତବ ବ୍ୟବସାୟିକ ସୁଯୋଗ ସହ ଯୋଡ଼ିବାରେ ସହାୟକ ହୋଇଛି।

### ଅରୁନ୍ଧତୀ ବାନ୍ଧକଳା ଏବଂ ଅରୁନ୍ଧତୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ 'ଜାତୀୟ ହସ୍ତତନ୍ତ ଦିବସ

ଭୁବନେଶ୍ୱର (ସବ୍ୟୁ): ଉତ୍କଳୀୟ କଳା ଓ ସଂସ୍କୃତିର ଅନ୍ୟତମ ଅନନ୍ୟ ପରିଚୟ ହେଉଛି ଆମର ହସ୍ତତନ୍ତକୁ ବାନ୍ଧକଳା ଯେଉଁ ବୁଣାକାର ଶିଳ୍ପୀ ଓ ସେମାନଙ୍କ ପରିବାରବର୍ଗ ନିଜର ନିଷ୍ଠା, ସୃଜନଶୀଳତା ଏବଂ ନିଷ୍ଠାପର ପରିଶ୍ରମ ବଳରେ ପିଢ଼ି ପରେ ପିଢ଼ି ଏହି ଅମୂଲ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିଛନ୍ତି, ସେହି ମହାନ ବାନ୍ଧକଳା ଏବଂ 'ଅରୁନ୍ଧତୀ ଫାଉଣ୍ଡେସନ୍ର



ମିଳିତ ଆନୁକୂଲ୍ୟରେ ସୋନପୁର ମାଟିରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ତଥା ବୁଣାକାର ସମ୍ପ୍ରଦାୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହତ କାର୍ଯ୍ୟକ୍ରମକୁ ସୋନପୁର ଜିଲ୍ଲାର ସମ୍ମାନୀୟ ଜିଲ୍ଲାପାଳ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୩୦୦ ରୁ ଉର୍ଦ୍ଧ୍ୱ ବୁଣାକାର ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିନା ମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଶିକ୍ଷାକୁ ପ୍ରୋତ୍ସାହନ ଦେଇ ୨୦୨୫-୨୬ ବର୍ଷର ମାଟ୍ରିକ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ବୁଣାକାର ପରିବାରର ୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ନଗଦ ୫,୦୦୦ ଟଙ୍କାର ଅର୍ଥରାଶି ସମେତ ଅନେକ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଶେଷରେ ସମସ୍ତଙ୍କ ପାଇଁ ସୁସ୍ୱାଦୁ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା ।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ବିବାଦ ପ୍ରସଙ୍ଗ

## ଉଭୟ ପକ୍ଷ ସମାଧାନ ପାଇଁ ରାଜି ଅଛନ୍ତି: କୁଳପତି

କଟକ, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷକ ଏବଂ କଟକ ସଦର ବିଧାୟକଙ୍କ ମଧ୍ୟ ଚାଲିଥିବା ବିବାଦକୁ ନେଇ ମୁହଁ ଖୋଲିଛନ୍ତି କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର। ଉଭୟ ପକ୍ଷ ଏହି ବିବାଦର ସମାଧାନ ପାଇଁ ରାଜି ଥିବା ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ପୂର୍ବଭଳି ଶୈକ୍ଷିକ ବାତାବରଣ ରହିଛି। ଶିକ୍ଷକମାନେ କ୍ଲାସ କରୁଛନ୍ତି। ହଷ୍ଟେଲ ପରିଚାଳନାରେ ବି କୌଣସି ସମସ୍ୟା ନାହିଁ। ପୂର୍ବରୁ ଏକ ବୈଠକ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା। ଖୁବଶୀଘ୍ର ଏହି ବିବାଦ ସମାଧାନ କରିବାକୁ ପ୍ରଚେଷ୍ଟା ଜାରି ରହିଛି। ଏପରିକି କୁଳାଧିପତିଙ୍କ କାର୍ଯ୍ୟାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ବିବାଦକୁ ନେଇ ତାଙ୍କ ସହ ଆଲୋଚନା ହୋଇଥିବା କୁଳପତି ପ୍ରଫେସର ଦାସ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ସେଠୀ ସିନେଟ୍ର ସଦସ୍ୟ କି ନୁହେଁ ବୋଲି ଗଣମାଧ୍ୟମର ପ୍ରତିନିଧି ପ୍ରଶ୍ନ କରିଥିଲେ ମଧ୍ୟ କୁଳପତି ସତର୍କ ସହିତ ଏ ପ୍ରସଙ୍ଗରେ ଉତ୍ତର ରଖିଥିଲେ। ସେ କହିଥିଲେ ଯେ, ଏବେ ସୁଦ୍ଧା ସିନେଟ୍ ଗଠନ ପ୍ରକ୍ରିୟାର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ; କିନ୍ତୁ କଟକ ସଦର ବିଧାୟକଙ୍କ ସହିତ ସିନେଟର ସଦସ୍ୟମାନେ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି ବୋଲି ଶ୍ରୀ ଦାସ ମହାପାତ୍ର ମତ ରଖିଥିଲେ।

### ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

## ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ) : ଏମ୍ଏସ୍ଏମ୍ଇଗୁଡ଼ିକ ଭାରତୀୟ ଅର୍ଥନୀତିର ପ୍ରମୁଖ ମେରୁଦଣ୍ଡ, ଯାହା ନିଯୁକ୍ତି, ନବସୃଜନ ଓ ରୋଜଗାର ସୃଷ୍ଟି ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦିଅନ୍ତି। ସେମାନଙ୍କ ନିରନ୍ତର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଓ ବିଭିନ୍ନ ଆର୍ଥିକ ସଂସ୍ଥାଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରକାରର ଯୋଜନା ଆରମ୍ଭ କରାଯାଇଛି। ଏହି କ୍ରମରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ତା. ୦୭-୦୮-୨୦୨୬ରିଖରେ ଅନୁଷ୍ଠିତ ହୋଇଯାଇଛି। ଏମ୍ଏସ୍ଏମ୍ଇ ଉଦ୍ୟୋଗଗୁଡ଼ିକୁ ସମୟୋପଚିତ ଋଣ, ଆର୍ଥିକ ସହାୟତା ଓ କ୍ଷେତ୍ର ଉପଯୋଗୀ ସମାଧାନ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ସହ ବିସ୍ତାରିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା ଏମ୍ଏସ୍ଏମ୍ଇ କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ କଟକ ମଧୁପାଟଣାର ଇଣ୍ଡଷ୍ଟ୍ରିଆଲ୍




ଇଷ୍ଟେଟ୍ସ୍ଥିତ ଓଏଏସ୍ଏମ୍ଇଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍ଏସ୍ଏମ୍ଇର ସହାୟକ ନିର୍ଦ୍ଦେଶକ ଜଗଦୀଶ ସାହୁ, ଓଏଏସ୍ଏମ୍ଇର ଅଧ୍ୟକ୍ଷ ଗୌରୀ ଶଙ୍କର ଦାସ୍, ଓଏଏସ୍ଏମ୍ଇର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସୁକାନ୍ତ କୁମାର ମଲ୍ଲିକ, ସମ୍ପଦ ବିଭାଗର ମହାପ୍ରବନ୍ଧକ ଶଶିଧର କେ., ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଏମ୍ଏସ୍ଏମ୍ଇ ଉଦ୍ୟୋଗୀ ଏବଂ ସମ୍ଭାବ୍ୟ ଗ୍ରାହକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ହିତାଧିକାରୀଙ୍କୁ ୧୦୨.୨୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସେଣ୍ଟ୍ରାଲ୍ ବ୍ୟାଙ୍କ ଏମ୍ଏସ୍ଏମ୍ଇଗୁଡ଼ିକୁ ସଶକ୍ତ କରିବା ସହ ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ସୁଧାର ଆଣିବାରେ ନିଜର ଦୃଢ଼ ପ୍ରତିବଦ୍ଧତାକୁ ବଜାୟ ରଖିଛି।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମ୍ବଲପୁର-ବଲାଙ୍ଗୀର ସେକ୍ସନ ନିରୀକ୍ଷଣ

ଭୁବନେଶ୍ୱର (ସବ୍ୟୁ): ପୂର୍ବତଟ ରେଳପଥ ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ ଶୁକ୍ରବାର ସମ୍ବଲପୁର-ବଲାଙ୍ଗୀର ସେକ୍ସନକୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି



। ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନର ବିଭିନ୍ନ ଷ୍ଟେସନରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ଫୁଙ୍କୱାଲ ବିଭିନ୍ନ ଷ୍ଟେସନରେ ଟ୍ରାଫିକ ସୁବିଧା କାର୍ଯ୍ୟ, ଯାତ୍ରୀଙ୍କ ସୁବିଧା ତଥା ଭିତ୍ତିଭୂମି ବିକାଶ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲାର ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ମହାପ୍ରବନ୍ଧକ ବିଶେଷ ଭାବରେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ଧ୍ୟାନ ଦେଇଥିଲେ, ଯାହା ନେଟୱାର୍କରେ ଯାତ୍ରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ଲକ୍ଷ୍ୟ ରଖିଛି । ମହାପ୍ରବନ୍ଧକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଠିକ୍ ସମୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣରେ ଉନ୍ନତି ଆଣିବାରେ ସେମାନଙ୍କର ମହତ୍ୱକୁ ଦର୍ଶାଇଛନ୍ତି । ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଭୀମଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟ ହଷ୍ଟେଲରେ ଯୌନ ନିର୍ଯାତନା

## ସୁପରିଟେଣ୍ଡେଣ୍ଟ, ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଧାରଣା

ଭୁବନେଶ୍ୱର, (ସବ୍ୟୁ) : ଭୀମଭୋଇ ଦୃଷ୍ଟି ବାଧିତ ବିଦ୍ୟାଳୟ ହଷ୍ଟେଲରେ ସୁପରିଣ୍ଟେଣ୍ଡେଣ୍ଟ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହେବାପରେ କାର୍ଯ୍ୟାନୁଷ୍ଠାନ ହେବାରେ ବିଳମ୍ବ ହେଲା । ଏଥିପାଇଁ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପ୍ରଧାନ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ତିନିଦିନ ହେବ ଧାରଣାରେ ବସିଛନ୍ତି ଛାତ୍ରଛାତ୍ରୀ । ତିନିଦିନ ହେବ ପାଠପଢ଼ା ବର୍ଜନ କରି ସ୍କୁଲ ହତା ମଧ୍ୟରେ ଧାରଣାରେ ବସିଛନ୍ତି ନ୍ୟାୟ ଦାବିରେ । ସେମାନଙ୍କ ସ୍ଲୋଗାନ ରହିଛି "ୱି ୱାଣ୍ଟ ଜଷ୍ଟିସ୍' । ହଷ୍ଟେଲରେ ଛାତ୍ରଛାତ୍ରୀଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଅସଦାଚରଣ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ । ଏ ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି । ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେ କହିଛନ୍ତି ବୋଲି ପ୍ରଧାନଶିକ୍ଷୟିତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ଆସାମ ବନ୍ୟା ରିଲିଫ୍ ନିମନ୍ତେ ବେଦାନ୍ତ ଚେୟାରମ୍ୟାନ୍ଙ୍କ

## ୭ କୋଟି ଟଙ୍କାର ଅବଦାନକୁ ଆସାମ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, (ସବ୍ୟୁ): ଆସାମରେ ଭୟାବହ ବନ୍ୟାରେ ପ୍ରଭାବିତ ଲୋକଙ୍କ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ବେଦାନ୍ତର ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପକ୍ଷରୁ ପ୍ରଦାନ କରାଯାଇଥିବା ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ଆସାମର ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମ "ଏକ୍ସ'ରେ କରିଥିବା ଏକ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, "ଶ୍ରୀ @AnilAgarwal_Ved ଦୀର୍ଘ ଦିନ ଧରି ଆସାମର ବିକାଶ ଯାତ୍ରାର ଜଣେ ଦୃଢ଼ ସମର୍ଥକ ରହିଆସିଛନ୍ତି ଏବଂ ବେଦାନ୍ତ ଗ୍ରୁପ୍ ଆମ ରାଜ୍ୟରେ ଉଲ୍ଲେଖନୀୟ ନିବେଶ କରିଛି। ଏହି ଭୟାବହ ବନ୍ୟା ସମୟରେ ବେଦାନ୍ତ ପୁଣି ଥରେ ଆଗକୁ ଆସି ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ପାଇଁ ୭ କୋଟି ଟଙ୍କାର



ସହାୟତା ପ୍ରଦାନ କରିଛି। ଆସାମର ଲୋକଙ୍କ ସହ ଏଭଳି ଦୁଃସମୟରେ ଠିଆ ହୋଇଥିବାରୁ ଆମେ ଅନିଲ ଅଗ୍ରୱାଲ ଓ ବେଦାନ୍ତ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞ ଏବଂ ସମାଜକୁ ଫେରାଇ ଦେବାରେ ତାଙ୍କର ଦୃଢ଼ ବିଶ୍ୱାସ ଏହି ଉଦାର ପଦକ୍ଷେପ ଏକ ପ୍ରତିଫଳନ। ଏହି ୭ କୋଟି ଟଙ୍କାର ଆର୍ଥିକ ସହାୟତାକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଯଥା ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ପାନୀୟ ଜଳ ଓ ଚିକିତ୍ସା ସେବା ଯୋଗାଇବା ସହ ଦୀର୍ଘମିଆଦି ପୁନର୍ବାସ କାର୍ଯ୍ୟରେ ବ୍ୟବହାର କରାଯିବ। ତୈଳ ଓ ଗ୍ୟାସ କ୍ଷେତ୍ରରେ ନିଜର କାର୍ଯ୍ୟକଳାପ ମାଧ୍ୟମରେ ବେଦାନ୍ତ ଗ୍ରୁପ୍ର ଆସାମରେ ଦୀର୍ଘ ଦିନର ଉପସ୍ଥିତି ରହିଛି।

## ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କଲେ ଅର୍ଥମନ୍ତ୍ରୀ

# ୟୁପିଆଇ ପେମେଣ୍ଟ ଉପରେ ପଡିବନି ଶୁଳ୍କ




**ନୂଆଦିଲ୍ଲୀ:** ୟୁପିଆଇ କାରବାର ଉପରେ ଶୁଳ୍କ ଲଗାଇବା ସଂକ୍ରାନ୍ତ ବିଲ୍ ଲୋକସଭାରେ ଗୃହୀତ ହେବା ପରେ ଲୋକଙ୍କୁ ପେମେଣ୍ଟ ବେଳେ ଶୁଳ୍କ ଦେବାକୁ ପଡ଼ିବ ନେଇ ଚର୍ଚ୍ଚା ହେଉଛି। କଂଗ୍ରେସ ନେତା ଜୟରାମ ରମେଶ ମଧ ସେଭଳି ଆଶଙ୍କା ପ୍ରକଟ କରିଛନ୍ତି। ତେବେ ଏଭଳି ଆଶଙ୍କାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଯେଉଁ ମର୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍ଡିଆର୍) ବିଷୟରେ ଚର୍ଚ୍ଚା ହେଉଛି ତାହା ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ, ଗ୍ରାହକଙ୍କୁ ନୁହେଁ।ଜୟରାମ ରମେଶଙ୍କ ସୋସିଆଲ ମିଡିଆ ପୋଷ୍ଟ ଉପରେ ଉତ୍ତର ଦେଇ ସୀତାରମଣ କହିଛନ୍ତି ଯେ ଏମ୍ଡିଆର୍ ଶୁଳ୍କ କେବଳ ବ୍ୟବସାୟୀଙ୍କ ଉପରେ ଲାଗିଥାଏ। ବ୍ୟବହାରକାରୀ କିମ୍ବା ଗ୍ରାହକଙ୍କ ଉପରେ ଲଗାଯାଏ ନାହିଁ। ଡିଜିଟାଲ ପେମେଣ୍ଟ ଭିତ୍ତିଭୂମି, ନବସୃଜନ ଓ ନିରାପତ୍ତାରେ ବ୍ୟାଙ୍କ ଓ ଫିନ୍ଟେକ୍ ସଂସ୍ଥାଗୁଡ଼ିକ ନିବେଶ କରିବା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଡ଼ କରିବାରେ ତାହା ସହାୟକ ହେବ। ସେହି ନିବେଶର ଲାଭ ସମସ୍ତ ୟୁପିଆଇ ବ୍ୟବହାରକାରୀମାନଙ୍କୁ ମିଳିବ। ତେଣୁ କିଛି ପ୍ରଚାର କରିବା ପୂର୍ବରୁ ଏକଥା ଜାଣିନିଅନ୍ତୁ ବୋଲି ରମେଶଙ୍କୁ ସୀତାରମଣ କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ । ଏହି ବିଲ୍ ସଂସଦରେ ପାସ୍ ହେବା ପରେ ଶୁଳ୍କ ସମ୍ପର୍କରେ ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ବିଚାର କରିବ। ରମେଶ ନିଜ ପୋଷ୍ଟରେ ଲେଖିଥିଲେ ଯେ ବର୍ତ୍ତମାନ ପର୍ଯ୍ୟନ୍ତ ୟୁପିଆଇ ନେଣଦେଣକୁ ସମ୍ପୂର୍ଣ୍ଣ ନିଃଶୁଳ୍କ ରଖିଥିଲା, ସେହି ବୈଧାନିକ ଗ୍ୟାରେଣ୍ଟିକୁ ଶେଷ କରିବାକୁ ମୋଦୀ ସରକାର ଟିକସ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍, ୨୦୨୫ ଆଣିଛନ୍ତି। ଏହା ଦ୍ୱାରା ଏମ୍ଡିଆର୍ ଶୁଳ୍କ ଲଗାଇବା ବାଟ ଖୋଲିବ ଯାହା ଫଳରେ ସବୁ ପ୍ରକାର ଡିଜିଟାଲ୍ କାରବାର ଉପରେ ସେହି ଶୁଳ୍କ ଲଗାଯାଇପାରିବ।

## ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ରାଷ୍ଟ୍ରପତି




ନୂଆଦିଲ୍ଲୀ:ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁ ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗଦେଇ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତର ସମୃଦ୍ଧ ଏବଂ ବିବିଧ ହସ୍ତତନ୍ତ ବୟନ ପରମ୍ପରାକୁ ପାଳନ କରୁଥିବା ଚାରୋଟି ସ୍ମାରକୀ ଡାକଟିକଟ ମଧ ଉନ୍ମୋଚନ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ ଯେ ହସ୍ତତନ୍ତ ଶତାବ୍ଦୀ ଧରି ଭାରତର ସଭ୍ୟତାର ବିବର୍ତ୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଆସିଛି । ଏହା ଆମ ଜାତିର ଅସାଧାରଣ ବିବିଧତାକୁ ପ୍ରତିଫଳିତ କରେ ଏବଂ ଆମର ଆଞ୍ଚଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରିଆସିଛି । ହସ୍ତତନ୍ତ କ୍ଷେତ୍ର ନିଯୁକ୍ତି, ମହିଳା ସଶକ୍ତିକରଣ, କଳା ଏବଂ ସଂସ୍କୃତି ଏବଂ ପ୍ରକୃତି ପ୍ରତି ପ୍ରେମକୁ ପ୍ରୋତ୍ସାହିତ କରେ । ହସ୍ତତନ୍ତକୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସ୍ୱାବଲମ୍ବନର ଭାବନା ସହିତ ମଧ ଯୋଡି କରାଯାଇଛି ।

ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବରେ ୭ ଅଗଷ୍ଟ, ୧୯୦୫ ରେ ଆରମ୍ଭ ହୋଇଥିଲା । ବଙ୍ଗ ବିଭାଜନର ପ୍ରତିବାଦରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସ୍ୱଦେଶୀ ସାମଗ୍ରୀ, ଘରୋଇ ଶିଳ୍ପ ଏବଂ ବିଶେଷକରି ଦେଶର ହସ୍ତତନ୍ତ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ଐତିହାସିକ ଘଟଣା ପ୍ରତି ସମ୍ମାନ ଜଣାଇ ଭାରତ ସରକାର ୨୦୧୫ ମସିହାରୁ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରିଆସୁଛନ୍ତି । ସେ ଜାତୀୟ ହସ୍ତତନ୍ତ ଦିବସରେ ହସ୍ତତନ୍ତ କ୍ଷେତ୍ର ସହିତ ଜଡିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମ ଦେଶର ସାଂସ୍କୃତିକ ଏକତାକୁ ପରିଭାଷିତ କରୁଥିବା ବିବିଧତାର ଏକ ଉତ୍ସବ । ଏହା ସରକାରଙ୍କ ଏବଂ ବୟନ ସମ୍ପ୍ରଦାୟର ସହଯୋଗ ପ୍ରୟାସକୁ ସ୍ୱୀକାର କରିବାର ଏକ ଅବସର ଯାହା ଭାରତର ହସ୍ତତନ୍ତ କ୍ଷେତ୍ର ପାଇଁ ଏକ ପ୍ରିମିୟମ୍ ଗୁଣାତ୍ମକ ପ୍ରତିଛବି ପ୍ରତିଷ୍ଠା କରୁଛି । ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ହେଉଛି ହସ୍ତତନ୍ତ ବୁଣାକାରମାନଙ୍କ ପାଇଁ ଦେଶର ସର୍ବୋଚ୍ଚ ସମ୍ମାନ, ଯାହା ଭାରତର ବୟନ ପରମ୍ପରାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ଅସାଧାରଣ କାରିଗରୀ, ଜୀବନବ୍ୟାପୀ ସମର୍ପଣ ଏବଂ ନିରନ୍ତର ଅବଦାନକୁ ସ୍ୱୀକୃତି ଦିଏଛ ଜାତୀୟ ହସ୍ତତନ୍ତ ପୁରସ୍କାର ହସ୍ତତନ୍ତ ବୁଣାକାର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସମ୍ମାନିତ କରେ ଯେଉଁମାନେ ପାରମ୍ପରିକ କୌଶଳକୁ ସଂରକ୍ଷଣ କରି ଏବଂ ଆଧୁନିକ କୌଶଳକୁ ଗ୍ରହଣ କରି ଉତ୍କୃଷ୍ଟ ସୃଜନଶୀଳତା, ଗୁଣବତ୍ତା, ନବସୃଜନ ଏବଂ ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି ।

## ଏନଟିପିସି କାର୍ଯ୍ୟ ତ୍ୱରାନ୍ୱୀତ

**ନୂଆଦିଲ୍ଲୀ:** ଅନୁଗୋଳ ଜିଲ୍ଲାରେ ଚାଲିଥିବା ଏନଟିପିସି ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ଅଣତାରକା ପ୍ରଶ୍ନର ଉତ୍ତର ଦେଇଛନ୍ତି କେନ୍ଦ୍ର ବିଦ୍ୟୁତ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ. ବର୍ତ୍ତମାନ ଏହି ପ୍ରକଳ୍ପର ୫୧.୪% କାର୍ଯ୍ୟ ଶେଷ ହୋଇଛି। ୨୦୨୮-୨୯ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ସାଇଟ୍ ଦେଇ ଯାଇଥିବା ରାସ୍ତା ବନ୍ଦ କରିବାରେ ବିଳମ୍ବ, ରାଜ୍ୟ ସରକାରଙ୍କ ଦ୍ୱାରା ଜମି ହସ୍ତାନ୍ତର, ରେଳ ସାଇଡିଂ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଏବଂ ଜରୁରୀ ନିର୍ମାଣ ସାମଗ୍ରୀର ଅଭାବ ଯୋଗୁଁ କାର୍ଯ୍ୟରେ ବିଳମ୍ବ ଘଟିଥିବା କୁହାଯାଇଛି. ପୂର୍ବତନ କ୍ୱଗଉଇ କର୍ମଚାରୀଙ୍କୁ ପୂର୍ବରୁ ଏନଟିପିସିରେ ସାମିଲ କରାଯାଇଛି। ନୂତନ ପ୍ରକଳ୍ପ ପାଇଁ ସ୍ଥାନୀୟ ଶ୍ରମିକଙ୍କ ଦକ୍ଷତା, ଅଭିଜ୍ଞତା ଓ ପ୍ରକଳ୍ପ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଠିକା ସଂସ୍ଥାଗୁଡ଼ିକ ନିଯୁକ୍ତିରେ ଅଗ୍ରାଧିକାର ଦେଉଛନ୍ତି ବୋଲି ସେ କହିଛନ୍ତି।

## ଛାଡପତ୍ର ଆବେଦନ ପ୍ରତ୍ୟାହାର କଲେ ବିଜୟଙ୍କ ପତ୍ନୀ

**ଚେନ୍ନାଇ:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ପତ୍ନୀ ସଙ୍ଗୀତା ସୋର୍ଣ୍ଣାଲିଙ୍ଗମ୍ ଶୁକ୍ରବାର ଚେନ୍ନାଇ ନିକଟସ୍ଥ ଚେଙ୍ଗଲପଟ୍ଟୁ ପାରିବାରିକ ଅଦାଲତରେ ଦାୟର କରିଥିବା ନିଜର ବିବାହ ବିଚ୍ଛେଦ ଆବେଦନକୁ ପ୍ରତ୍ୟାହାର କରିନେଇଛନ୍ତି। ମାମଲାର ଶୁଣାଣି ସମୟରେ ସଙ୍ଗୀତା ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇ ଏହି ମାମଲାକୁ ଆଗକୁ ବଢ଼ାଇବାକୁ ଚାହୁଁ ନଥିବା କୋର୍ଟଙ୍କୁ ଜଣାଇଥିଲେ। ଏହାପରେ ଅଦାଲତ ଆବେଦନଟିକୁ ପ୍ରତ୍ୟାହାର ଗ୍ରହଣ କରି ମାମଲାକୁ ଖାରଜ କରିଛନ୍ତି।ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ମାସରେ ସଙ୍ଗୀତା ଏହି ବିବାହ ବିଚ୍ଛେଦ ଆବେଦନ ଦାଖଲ କରିଥିଲେ।

## ଟେକ୍ନୋଲୋଜି ମାଧ୍ୟମରେ ସେଭିଙ୍ଗ୍ସ କଷ୍ଟ୍-ଟୁ-ପ୍ରିମିୟମ ରେସିଓ ହ୍ରାସ

**ମୁମ୍ବାଇ:** ଟେକ୍ନୋଲୋଜି ଓ ଅଟୋମେଶନ କ୍ଷେତ୍ରରେ ନିରନ୍ତର ନିବେଶ ଏବଂ ବିଭିନ୍ନ ମୂଲ୍ୟ ଅପ୍ଟିମାଇଜେସନ ପଦକ୍ଷେପ ଯୋଗୁଁ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହାର ସେଭିଙ୍ଗ୍ସ ବ୍ୟବସାୟର କଷ୍ଟ୍-ଟୁ-ପ୍ରିମିୟମ ରେସିଓକୁ ୧୩.୬ ପ୍ରତିଶତକୁ ହ୍ରାସ କରିବାରେ ସଫଳ ହୋଇଛି । କମ୍ପାନୀର ବ୍ୟବସାୟ ବୃଦ୍ଧି ଜାରି ରହିଥିବା ସେ‰ ଏହା ଗତ ବର୍ଷ ତୁଳନାରେ ୫୦ ବେସିସ୍ ପଏଣ୍ଟ କମ୍ ହୋଇଛି ।କମ୍ପାନୀ ସୂଚନା ଅନୁଯାୟୀ, ୨୦୨୬-୨୭ର ପ୍ରଥମ ତ୍ରୈମାସିକରେ ପ୍ରାୟ ୫୮ ପ୍ରତିଶତ ବୀମା ପଲିସି ଡିଜିଟାଲ କେୱାଇସି ମାଧ୍ୟମରେ ଜାରି କରାଯାଇଥିବା ବେଳେ ପ୍ରାୟ ୫୪ ପ୍ରତିଶତ ସେଭିଙ୍ଗ୍ସ ପଲିସି ସେହିଦିନ ହିଁ ଜାରି କରାଯାଇଛିଛ ସେହିପରି, ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲ କ୍ଲେମ୍ ରେଜିଷ୍ଟ୍ରେସନ, ଚାଟ୍ "ଆସ୍କ ଖୁସ୍ବଣି', ହ୍ୱାଟ୍ସଆପ୍ ସେବା ଏବଂ ଏଆଇ ଆଧାରିତ ପ୍ରି-କ୍ଲେମ୍ ଆସେସମେଣ୍ଟ ବ୍ୟବସ୍ଥା ମାଧ୍ୟମରେ ଦାବି ପ୍ରକ୍ରିୟାକୁ ଅଧିକ ଦ୍ରୁତ ଓ ସରଳ କରାଯାଇଛି ।

## ୟେମେନ୍ ଓ ସାଉଦି ଆରବରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ

**ସାନା:** ଇରାନ ସମର୍ଥିତ ହୁତି ବିଦ୍ରୋହୀ ଗୁରୁବାର ୟେମେନ୍ ଓ ସାଉଦି ଆରବ ଉପରେ ବଡ଼ଧରଣର ଆକ୍ରମଣ କରିଛନ୍ତି। ୟେମେନ୍ରେ ଗତ ଚାରି ବର୍ଷ ହେଲା ଚାଲିଥିବା ଗୃହଯୁଦ୍ଧ ମଧ୍ୟରେ ହୁତି ବିଦ୍ରୋହୀ ସବୁଠୁ ଭୟଙ୍କର ଆକ୍ରମଣ କରିଥିବାବେଳେ ୟେମେନ୍ ସେନାର ୫୮ର ସୈନିକଙ୍କର ମୃତ୍ୟୁ ହୋଇଛି। ୟେମେନରେ ସାମରିକ ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ଏଥିରେ ୫୮ ଜଣ ସୈନିକ ପ୍ରାଣ ହରାଇଥିଲେ ଓ ୧୨ରୁ ଅଧିକ ସୈନିକ ଆହତ ହୋଇଥିଲେ। ୟେମେନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଏହି ଆକ୍ରମଣର ସଠିକ୍ ସମୟରେ ଓ ସଠିକ୍ ସ୍ଥାନରେ ଜବାବ ଦିଆଯିବ ।ସାଉଦି ଆରବର ନଜରାନରେ ହୋଇଥିବା ଆକ୍ରମଣରେ ୧୧ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଏଥିରେ ୭ ଜଣ ସାଉଦି ନାଗରିକ, ଜଣେ ୟେମେନୀ, ଦୁଇଜଣ ମିଶରୀୟ, ଜଣେ ପାକିସ୍ତାନୀ ନାଗରିକ ଅଛନ୍ତି। ଆହତଙ୍କ ମଧ୍ୟରେ ଜଣେ ୪ ବର୍ଷର ଶିଶୁ ଅଛନ୍ତି। ଆକ୍ରମଣ ପରେ ନଜରାନର ଅନେକ ସ୍ଥାନରେ ନିଆଁ ଲାଗିଯାଇଥିଲା, ଯାହାକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ଓ ରିଲିଫ୍ ଦଳକୁ ନିୟୋଜିତ କରାଯାଇଥିଲା। ୨୦୨୨ ପରେ ୟେମେନରେ ଏହା ସବୁଠୁ ବଡ଼ ଆକ୍ରମଣ ଥିଲା । ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣର ପ୍ରତିଶୋଧ ଭାବେ ହୁତି ବିଦ୍ରୋହୀ ବଡ଼ଧରଣର ଆକ୍ରମଣ କରିଛନ୍ତି। ୟେମେନ୍ ସରକାର ଓ ସାଉଦି ଆରବ ଉଭୟ ଆମେରିକାର ପ୍ରମୁଖ ସହଯୋଗୀ ହୋଇଥିବାରୁ ହୁତି ବିଦ୍ରୋହୀଙ୍କ ଟାର୍ଗେଟରେ ରହିଛି।

# ସ୍କ୍ୱାଡ୍ରନ୍ ଲିଡର ଭାବନା କଣ୍ଠ ଟପ୍ ଗନ ପାଇଲଟ



**ନୂଆଦିଲ୍ଲୀ:** ଭାରତୀୟ ବାୟୁସେନାର ଇତିହାସରେ ସ୍କ୍ୱାଡ୍ରନ୍ ଲିଡର ଭାବନା କାନ୍ତ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ସେ ବାୟୁସେନାର ପ୍ରଥମ ମହିଳା 'ଟପ୍ ଗନ୍' ପାଇଲଟ୍ ହେବାର ଗୌରବ ହାସଲ କରିଛନ୍ତି। ବାୟୁସେନାର ସବୁଠାରୁ କଠିନ 'ଏୟାର୍-ଟୁ-ଏୟାର୍' ଯୁଦ୍ଧ ପ୍ରଶିକ୍ଷଣ ପାଠ୍ୟକ୍ରମ ସଫଳତାର ସହ ସମ୍ପୂର୍ଣ୍ଣ କରି ସର୍ବୋଚ୍ଚ ପ୍ରଦର୍ଶନ କରିବା ପରେ ସେ ଏହି ସମ୍ମାନ ହାସଲ କରିଛନ୍ତି। ଏହା ଭାରତୀୟ ବାୟୁସେନାରେ ମହିଳା ଯୁଦ୍ଧ ବିମାନ ଚାଳକଙ୍କ ଅଗ୍ରଗତିରେ ଏକ ବଡ଼ ସଫଳତା ବୋଲି କୁହାଯାଉଛି।'ଟପ୍ ଗନ୍' ମାନ୍ୟତା ସେହି ପାଇଲଟ୍ଙ୍କୁ ଦିଆଯାଏ, ଯିଏ ଉନ୍ନତ ଆକାଶଯୁଦ୍ଧ କୌଶଳ, ଅସ୍ତ୍ର ପ୍ରୟୋଗ, ରଣନୈତିକ ପରିକଳ୍ପନା ଏବଂ ଯୁଦ୍ଧ ପରିସ୍ଥିତିରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥାନ୍ତି। ଭାବନା କାନ୍ତ ଏହି କଠିନ ପ୍ରଶିକ୍ଷଣରେ ସର୍ବାଧିକ ଦକ୍ଷତା ପ୍ରଦର୍ଶନ କରି ଏହି ମାନ୍ୟତା ଅର୍ଜନ କରିଛନ୍ତି। ଏହା କେବଳ ତାଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ବାୟୁସେନାରେ ମହିଳାଙ୍କ ବଢ଼ୁଥିବା ଭୂମିକାର ଏକ ପ୍ରତୀକ ବୋଲି ବାୟୁସେନା କହିଛି।ଭାବନା କାନ୍ତ ୨୦୧୬ରେ ଅବନୀ ଚତୁର୍ବେଦୀ ଓ ମୋହନା ସିଂହଙ୍କ ସହ ଭାରତୀୟ ବାୟୁସେନାର ପ୍ରଥମ ମହିଳା ଫାଇଟର ପାଇଲଟ୍ ବ୍ୟାଚ୍ରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ମିଗ୍-୨୧ ବାଇସନ୍ ଯୁଦ୍ଧ ବିମାନ ଉଡ଼ାଇବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟତା ହାସଲ କରିଥିଲେ। ବିହାରର ଦରଭଙ୍ଗାରେ ଜନ୍ମିତ ଭାବନା ବେଙ୍ଗାଲୁରୁର ଏକ ଇଞ୍ଜିନିୟରିଂ କଲେଜରୁ ଡିଗ୍ରି ହାସଲ କରିବା ପରେ ବାୟୁସେନାରେ ଯୋଗ ଦେଇଥିଲେ। କଠିନ ପ୍ରଶିକ୍ଷଣ ଓ ନିରନ୍ତର ପରିଶ୍ରମ ବଳରେ ସେ ଭାରତୀୟ ବାୟୁସେନାର ଅନ୍ୟତମ ଦକ୍ଷ ଫାଇଟର ପାଇଲଟ୍ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଭାବନାଙ୍କ ଏହି କୃତିତ୍ୱ ଭବିଷ୍ୟତରେ ଅଧିକ ସଂଖ୍ୟକ ମହିଳାଙ୍କୁ ସଶସ୍ତ୍ର ବାହିନୀରେ ଯୋଗଦେବା ପାଇଁ ପ୍ରେରଣା ଯୋଗାଇବ ବୋଲି ବାୟୁସେନାର ବରିଷ୍ଠ ଅଧିକାରୀମାନେ ମତ ପ୍ରକାଶ କରିଛନ୍ତି।

## ଅନଲାଇନ ଅର୍ଡର ହେବ ମଦ

**ଚେନ୍ନାଇ:** ତାମିଲନାଡୁରେ ମଦ ବିକ୍ରି ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣି ବିଜୟଙ୍କ ନେତୃତ୍ୱାଧୀନ ସରକାର ଶୁକ୍ରବାରଠାରୁ "ଟାସମାକ୍" ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ଅର୍ଡର ଓ କ୍ୟାସଲେସ୍ ପେମେଣ୍ଟ ସୁବିଧା ଆରମ୍ଭ କରିଛନ୍ତି। ସରକାରୀ ମଦ ଦୋକାନଗୁଡ଼ିକରେ ଗ୍ରାହକଙ୍କଠାରୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗର ସମାଧାନ ପାଇଁ ଏହି ପଦକ୍ଷେପ ନିଆଯାଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ଗ୍ରାହକମାନେ ୱେବସାଇଟରେ ଅର୍ଡର ଓ ଅନଲାଇନ୍ ପେମେଣ୍ଟ କରିବା ପରେ ନିର୍ଦ୍ଦିଷ୍ଟ ଟାସମାକ୍ ଆଉଟଲେଟରୁ ମଦ ସଂଗ୍ରହ କରିପାରିବେ। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ମାଡ୍ରାଜ ହାଇକୋର୍ଟ ଅଧିକ ଟଙ୍କା ଆଦାୟ ସମସ୍ୟା ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯଦି କର୍ମଚାରୀମାନେ ଅଧିକ ଟଙ୍କା ଦାବି କରନ୍ତି, ତେବେ ଗ୍ରାହକମାନେ ପୁଲିସରେ ଅଭିଯୋଗ କରିପାରିବେ ଏବଂ ଆବଶ୍ୟକ ସ୍ଥଳେ ମଦ ଦୋକାନଗୁଡ଼ିକରେ ପୁଲିସ୍ ମୁତୟନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅନ୍ୟ ରାଜ୍ୟ ଭଳି ତାମିଲନାଡୁରେ ମଦ ବିକ୍ରି ସମୟରେ ଗ୍ରାହକଙ୍କୁ ବିଲ୍ ପ୍ରଦାନ କାହିଁକି କରାଯାଇପାରିବ ନାହିଁ ବୋଲି ବିଚାରପତି ଜଷ୍ଟିସ୍ ଜି.କେ. ଇଲାନ୍ଥିରାଇୟନ୍ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ସରକାର ମହାନଗର ନିଗମ ଓ ପୌରାଞ୍ଚଳଗୁଡ଼ିକରେ ଟାସମାକ୍ ଦୋକାନଗୁଡ଼ିକର ଘରୋଇକରଣ କରିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

## ଇଣ୍ଡିଆ ଡିଜିଟାଲ ପ୍ରୋକ୍ୟୋରମେଣ୍ଟ ରିପୋର୍ଟ-୨୦୨୬' ଉନ୍ମୋଚିତ

**ନୂଆଦିଲ୍ଲୀ:** ଇଣ୍ଡିଆ ଏସ୍ଏମ୍ଇ ଫୋରମ୍ (ଆଇଏସ୍ଏଫ୍) ପକ୍ଷରୁ "ଡିଜିଟାଲ ଭାରତ: ଇଣ୍ଡିଆ ଡିଜିଟାଲ ପ୍ରୋକ୍ୟୋରମେଣ୍ଟ ରିପୋର୍ଟ-୨୦୨୬' ଉନ୍ମୋଚନ କରାଯାଇଛି । ଏମ୍ଏସ୍ଏମ୍ଇ କ୍ରୟ ଆଚରଣ ଏବଂ ଡିଜିଟାଲ ଗ୍ରହଣୀୟତା ଉପରେ ଦେଶର ସବୁଠାରୁ ବ୍ୟାପକ ଅଧ୍ୟୟନ ମଧ୍ୟରୁ ଏହା ଅନ୍ୟତମ ବୋଲି କୁହାଯାଇଛି । କେନ୍ଦ୍ର ଏମ୍ଏସ୍ଏମ୍ଇ ତଥା ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରାଣ୍ଡଲାଜେ ଏହି ରିପୋର୍ଟକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଡିପିଆଇଆଇଟିର ଅତିରିକ୍ତ ସଚିବ ଅତୀଶ କୁମାର ସିଂହ, ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ କେଶଭେନ୍ଦ୍ର କୁମାରଙ୍କ ସମେତ ଶିଳ୍ପ ନେତା ଓ ଉଦ୍ୟୋଗୀମାନେ ଉପସ୍ଥିତ ଥିଲେ । ସରକାରୀ ଉଦ୍ୟମ ପଞ୍ଜିକରଣ ତଥ୍ୟ ଆଧାରରେ ବିକଶିତ "ଏମ୍ଏସ୍ଏମ୍ଇ ପ୍ରୋକ୍ୟୋରମେଣ୍ଟ ଇକୋନୋମି ମଡେଲ୍' ବ୍ୟବହାର କରି ପ୍ରସ୍ତୁତ ଏହି ରିପୋର୍ଟରେ ଦେଶର ୫୧୫.୩ ଲକ୍ଷ ଉଦ୍ୟମ-ପଞ୍ଜିକୃତ ଏମ୍ଏସ୍ଏମ୍ଇକୁ ଅନ୍ତର୍ଭୁକ୍ତ କରାଯାଇଛି । ରିପୋର୍ଟ ଅନୁଯାୟୀ, ଭାରତର ଏମ୍ଏସ୍ଏମ୍ଇ କ୍ରୟ ଅର୍ଥନୀତିର ଆକାର ପ୍ରାୟ ୧୨୪.୯ ଟ୍ରିଲିୟନ୍ ଟଙ୍କା, ଯାହା ଏହାକୁ ଦେଶର ସର୍ବବୃହତ ବ୍ୟବସାୟିକ ବ୍ୟୟ ବର୍ଗ ମଧ୍ୟରେ ସ୍ଥାନ ଦେଇଛି । ଏହି ଅବସରରେ ସୁଶ୍ରୀ ଶୋଭା କରାଣ୍ଡଲାଜେ କହିଥିଲେ ଯେ, ଏମ୍ଏସ୍ଏମ୍ଇ ଭାରତର ଆତ୍ମନିର୍ଭର ଓ ବିକଶିତ ଅର୍ଥନୀତି ଗଠନର ମୂଳ ଆଧାର । ଡିଜିଟାଲ ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି ସହିତ କ୍ରୟ ବ୍ୟବସ୍ଥାକୁ ମଧ ଅଧିକ ରଣନୈତିକ ଓ ଦକ୍ଷ କରିବା ଆବଶ୍ୟକଛ ଡିଜିଟାଲ କ୍ରୟ ବ୍ୟବସ୍ଥା ଏମ୍ଏସ୍ଏମ୍ଇଗୁଡ଼ିକୁ ଖର୍ଚ୍ଚ ହ୍ରାସ, ଦକ୍ଷତା ବୃଦ୍ଧି, ବ୍ୟାପକ ବଜାରରେ ପ୍ରବେଶ ଏବଂ ସୁଦୃଢ଼ ଯୋଗାଣ ଶୃଙ୍ଖଳ ଗଠନରେ ସହାୟକ ହେବ ବୋଲି ସେ କହିଥିଲେ ।

## ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା, ଓଡ଼ିଶୀ ଓ ଛଉ ନୃତ୍ୟ

**ନୂଆଦିଲ୍ଲୀ:** ଶ୍ରୀକ୍ଷେତ୍ର ପୁରୀରବିଶ୍ୱପ୍ରସିଦ୍ଧ ରଥଯାତ୍ରା, କଟକରବାଲିଯାତ୍ରା, ଓଡ଼ିଶୀ ନୃତ୍ୟ ଓ ମୟୂରଭଞ୍ଜର ଛଉ ନୃତ୍ୟକୁ କେନ୍ଦ୍ରସରକାର ଅବିସ୍ମରଣୀୟ ଜାତୀୟସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହା ପ୍ରକାଶ କରିଛନ୍ତି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନୀତ ହେବା ପାଇଁ ସ୍ୱତନ୍ତ୍ର ପ୍ରକ୍ରିୟା ରହିଛି। କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପାରମ୍ପରିକ ପ୍ରଥା ଓ ଐତିହ୍ୟ ପୂର୍ଣ୍ଣସଂସ୍କୃତି ଆଧାରରେ ଏଥିପାଇଁ ଚୟନ କରିଥାନ୍ତି। ଏଯାବତ୍ ଓଡ଼ିଶାର ଏହି ଚାରୋଟି ପରମ୍ପରା ଏବଂ ସାଂସ୍କୃତିକ ବିଭବ ଜାତୀୟ ଅବିସ୍ମରଣୀୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଛି। ଏଗୁଡ଼ିକ ଯେଭଳି ୟୁନେସ୍କୋର ୨୦୦୩ କନ୍ଭେନସନ୍ ଆଧାରରେ ଆନ୍ତର୍ଜାତିକ ସ୍ତରରେମାନ୍ୟତା ପାଇବେସେ ଦିଗରେ ଉଦ୍ୟମ ଚାଲିଛି। ସାଂସ୍କୃତିକ ଐତିହ୍ୟରେ ଗୁରୁ-ଶିଷ୍ୟ ପରମ୍ପରାକୁ ଗୁରୁତ୍ୱ ଦେଇ ବିଭିନ୍ନ ସାଂସ୍କୃତିକ ସଂଗଠନକୁ ତାଲିମ, କର୍ମଶାଳା, ସାଂସ୍କୃତିକ ମେଳା ଆଦି ପାଇଁ ସହାୟତା ଦିଆଯାଉଛି। ଓଡ଼ିଶାର ଛଉ, ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ଆଦି ଜନରାଜ୍ୟ ଦିବସ ଓ ରାଷ୍ଟ୍ରୀୟଏକତା ଦିବସଭଳିଜାତୀୟ ଦିବସ ମାନଙ୍କରେ ସ୍ଥାନ ପାଉଛି ଏବଂ ୟୁନେସ୍କୋର ବିଭିନ୍ନ କାର୍ଯ୍ୟକ୍ରମର ମଧ ଏହି ଅବିସ୍ମରଣୀୟ ସାଂସ୍କୃତିକ ଐତିହ୍ୟର ଝଲକ ବିଦେଶ ମାଟିରେ ଆୟୋଜିତ ହେଉଛି। ଏହା ଫଳରେ ଆନ୍ତର୍ଜାତିକ ସ୍ତରରେଏହିସାଂସ୍କୃତିକ ଐତିହ୍ୟଗୁଡ଼ିକର ଖ୍ୟାତି ବଢ଼ିବ। ସାଂସଦ ଶ୍ରୀରାୟ ଏକ ବିବୃତିରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିକହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ପୁରୀରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ତୁରନ୍ତ ସ୍ଥାନୀତ କରିବା ପାଇଁରାଜ୍ୟ ସରକାରଯେଉଁ ପ୍ରସ୍ତାବ ଦେଇଛନ୍ତି କେନ୍ଦ୍ରସରକାର ତାହା ଉପରେ ଅଗ୍ରାଧିକାରଭିତ୍ତିରେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ। ଏହା ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତି ଦେଶ ବିଦେଶର ଲୋକଙ୍କ ପାଖରେ ପହଞ୍ଚିପାରିବ। ଓଡ଼ିଆଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଥିବାବେଳେଓଡ଼ିଶୀସଂଗୀତ ଓ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ଶ୍ରୀରାୟ ଦାବି କରିଛନ୍ତି। ଓଡ଼ିଶୀ ସଂଗୀତ ଓ ଓଡ଼ିଶୀ ନୃତ୍ୟ ଏବେ କେବଳ ଭାରତରେ ନୁହେଁ, ବିଦେଶରେ ମଧ ବିଶେଷ ଭାବେ ଆଦୃତ ହେଉଛି। ଓଡ଼ିଆଭାଷା ସହିତ ଓଡ଼ିଶୀ ନୃତ୍ୟ ଓ ସଂଗୀତ ଉପରେ ଅଧିକ ଗବେଷଣା ସଂଗେସଂଗେ ଏଗୁଡ଼ିକର ସମୃଦ୍ଧି ପାଇଁ କେନ୍ଦ୍ରସରକାର ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ପ୍ରଦାନ କରିବା ପାଇଁସେ ନିବେଦନ କରିଛନ୍ତି।

## ଡାକ୍ତର ସାଜି ରହୁଥିବା ବେଳେ ଅଭିଯୁକ୍ତକୁ ଧରିଲା ପୋଲିସ

**ନୂଆଦିଲ୍ଲୀ:** ପ୍ରାୟ ୨୭ ବର୍ଷ ଧରି ଫେରାର ରହିବା ପରେ ହତ୍ୟା ମାମଲାର ଜଣେ ଅଭିଯୁକ୍ତକୁ ଦିଲ୍ଲୀ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମଧ୍ୟପ୍ରଦେଶର ଗୁନା ଜିଲ୍ଲାରେ ନିଜକୁ ଡାକ୍ତର କହି ଲୋକଙ୍କର ଚିକିତ୍ସା କରୁଥିଲା। ବର୍ଷ ବର୍ଷ ଧରି ପରିଚୟ ବଦଳାଇ ଲୋକଙ୍କୁ ଫାଙ୍କି ଦେଇ ରହୁଥିବା ଏହି ଅଭିଯୁକ୍ତକୁ ଦିଲ୍ଲୀ ପୁଲିସର ଅପରାଧ ଶାଖା ଏକ ସ୍ୱତନ୍ତ୍ର ଅଭିଯାନରେ ଗିରଫ କରିଛି।ପୁଲିସ ସୂଚନା ଅନୁସାରେ, ଗିରଫ ଅଭିଯୁକ୍ତର ନାମ ରାଜେଶ କୁମାର। ୧୯୯୯ରେ ଦିଲ୍ଲୀରେ ଘଟିଥିବା ଏକ ହତ୍ୟା ମାମଲାରେ ସେ ଅଭିଯୁକ୍ତ ଥିଲା। ମାମଲା ରୁଜୁ ହେବା ପରେ ସେ ଫେରାର ହୋଇଯାଇଥିଲା। ଦୀର୍ଘ ଦିନ ଧରି ତା' ବିରୋଧରେ ଗିରଫ ପରୱାନା ଜାରି ରହିଥିଲା ଏବଂ ଅଦାଲତ ତାକୁ ପଳାତକ ଘୋଷଣା କରିଥିଲେ। ତେବେ ସେ ନିଜର ପରିଚୟ ବଦଳାଇ ମଧ୍ୟପ୍ରଦେଶରେ ନୂଆ ଜୀବନ ଆରମ୍ଭ କରିଥିଲା।ତଦନ୍ତରେ ଜଣାପଡ଼ିଛି, ଅଭିଯୁକ୍ତ ଜଣକ ଏକ ନକଲି ଡାକ୍ତରୀ ପରିଚୟ ସୃଷ୍ଟି କରି ଗୁନା ଜିଲ୍ଲାରେ ଦୀର୍ଘ ବର୍ଷ ଧରି ଏକ କ୍ଲିନିକ୍ ଚଳାଉଥିଲା। ସ୍ଥାନୀୟ ଲୋକଙ୍କ ଚିକିତ୍ସା କରିବା ସହ ସେ ନିଜକୁ ଜଣେ ଯୋଗ୍ୟ ଡାକ୍ତର ବୋଲି ପରିଚୟ ଦେଉଥିଲା। ଏହି ସମୟରେ ସେ ବିବାହ କରିଥିଲା ଏବଂ ପରିବାର ଗଠନ କରି ସାଧାରଣ ଜୀବନ ବିତାଉଥିଲା। ତା' ପଡ଼ୋଶୀ କିମ୍ବା ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେହି ତା' ପ୍ରକୃତ ପରିଚୟ ସମ୍ପର୍କରେ ଜାଣିନଥିଲେ। ଦିଲ୍ଲୀ ପୁଲିସର ଅପରାଧ ଶାଖା ନିକଟରେ ପୁରୁଣା ପଳାତକ ଅପରାଧୀମାନଙ୍କୁ ଧରିବା ପାଇଁ ଚଳାଇଥିବା ଅଭିଯାନ ସମୟରେ ଅଭିଯୁକ୍ତ ସମ୍ପର୍କରେ ଗୁପ୍ତ ସୂଚନା ପାଇଥିଲା। ଏହାପରେ ତା' ଗତିବିଧି ଉପରେ ନଜର ରଖାଯାଇଥିଲା। ପରିଚୟ ନିଶ୍ଚିତ ହେବା ପରେ ପୁଲିସ ଗୁନାରେ ଚଢ଼ଉ କରି ତାକୁ ଗିରଫ କରିଥିଲା। ପଚରାଉଚରା ବେଳେ ସେ ନିଜର ପ୍ରକୃତ ପରିଚୟ ସ୍ୱୀକାର କରିଥିବା ପୁଲିସ କହିଛି। ଦୀର୍ଘ ୨୭ ବର୍ଷ ପରେ ଏହି ପଳାତକ ଅଭିଯୁକ୍ତ ଗିରଫ ହେବାକୁ ଦିଲ୍ଲୀ ପୁଲିସ ଏକ ବଡ଼ ସଫଳତା ବୋଲି କହିଛି।

# ୩୭ ବର୍ଷ ପରେ ଖୋଲିଲା ହସ୍ପିଟାଲରେ ବଦଳର ରହସ୍ୟ



**ବେଜିଂ:** ଚୀନରେ ୩୭ ବର୍ଷ ପୂର୍ବେ ଜନ୍ମ ସମୟରେ ଭୁଲବଶତଃ ପରସ୍ପର ସହ ବଦଳି ଯାଇଥିବା ଦୁଇ ମହିଳାଙ୍କ ଘଟଣା ଏବେ ସାମ୍ନାକୁ ଆସିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଦୁହେଁ ନିଜ ଜୈବିକ ପରିବାରଠାରୁ ଅଲଗା ହୋଇ ବଢ଼ିଥିଲେ ମଧ ସେମାନଙ୍କ ପାଳକ ପରିବାରର ଘର ପରସ୍ପରଠାରୁ ମାତ୍ର ୪ କିଲୋମିଟର ଦୂରରେ ଥିଲା। ଏତେ ନିକଟରେ ରହିଥିଲେ ସୁଦ୍ଧା ପ୍ରାୟ ଚାରି ଦଶନ୍ଧି ଧରି ସେମାନେ ପ୍ରକୃତ ସତ୍ୟ ସମ୍ପର୍କରେ କିଛି ଜାଣିପାରି ନ ଥିଲେ ।ଗଣମାଧ୍ୟମ ରିପୋର୍ଟ ଅନୁସାରେ, ୧୯୮୮ରେ ଚୀନର ଏକ ହସ୍ପିଟାଲରେ ଏହି ଦୁଇ ଶିଶୁକନ୍ୟାଙ୍କ ଜନ୍ମ ହୋଇଥିଲା। ସେତେବେଳେ ହସ୍ପିଟାଲର ଅବହେଳା କିମ୍ବା ପ୍ରଶାସନିକ ତ୍ରୁଟି ଯୋଗୁଁ ସେମାନଙ୍କୁ ଭୁଲ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଫଳରେ ଉଭୟ ନିଜ ଜୈବିକ ପିତାମାତାଙ୍କ ପରିବର୍ତ୍ତେ ଅନ୍ୟ ପରିବାରରେ ବଢ଼ିଥିଲେ। ସମ୍ପ୍ରତି ପରିବାରର ଜଣେ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରବର୍ତ୍ତୀ ସମୟରେ କରାଯାଇଥିବା ଡିଏନ୍ଏ ପରୀକ୍ଷାରୁ ସତ୍ୟ ଉନ୍ମୋଚିତ ହୋଇଥିଲା। ଡିଏନ୍ଏ ରିପୋର୍ଟରେ ଜଣାପଡ଼ିଥିଲା ଯେ, ଯେଉଁ ପରିବାରରେ ସେମାନେ ବଢ଼ିଛନ୍ତି, ସେମାନେ ପ୍ରକୃତରେ ସେହି ପରିବାରର ଜୈବିକ ସନ୍ତାନ ନୁହନ୍ତି। ଏହାପରେ ତଦନ୍ତ କରାଯିବାରୁ ୩୭ ବର୍ଷ ପୂର୍ବର ଜନ୍ମସମୟରେ ବଦଳ ଘଟଣା ସାମ୍ନାକୁ ଆସିଥିଲା ।ଏହି ଘଟଣା ପରେ ଦୁଇ ମହିଳା ଓ ସେମାନଙ୍କ ଜୈବିକ ପରିବାର ପ୍ରଥମ ଥର ପରସ୍ପରଙ୍କ ସହ ସାକ୍ଷାତ୍ କରିଥିଲେ। ଦୀର୍ଘ ୩୭ ବର୍ଷ ପରେ ପ୍ରକୃତ ପରିବାର ସହ ମିଳିବା ଘଟଣା ଅତ୍ୟନ୍ତ ଭାବପ୍ରବଣ ଥିଲା। ଉଭୟ ପରିବାର କହିଛନ୍ତି, ଏତେ ବର୍ଷ ଧରି ସତ୍ୟ ଅଜଣା ଥିଲେ ମଧ ସେମାନେ ଯେଉଁ ସନ୍ତାନଙ୍କୁ ଲାଳନପାଳନ କରିଛନ୍ତି, ସେମାନଙ୍କ ପ୍ରତି ସ୍ନେହ ଓ ସମ୍ପର୍କ ଅପରିବର୍ତ୍ତିତ ରହିବ। ଘଟଣାଟି ସୋସିଆଲ୍ ମିଡିଆରେ ମଧ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି।

## ଭାରତ-ଶ୍ରୀଲଙ୍କା ଟେଷ୍ଟ

# ରନରେ ସଚିନ, ୱିକେଟରେ ମୁରଲୀଧରନ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଟେଷ୍ଟ ଶୃଙ୍ଖଳା ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁଯାଉଛି । ଗିଲଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଶ୍ରୀଲଙ୍କା ବିପକ୍ଷରେ ଚମତ୍କାର ରେକର୍ଡ ବଜାୟ ରଖିବା ଲକ୍ଷ୍ୟରେ ରହିଛି । ଶୃଙ୍ଖଳା ଆରମ୍ଭ ହେବା ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ଟେଷ୍ଟ ଇତିହାସ ଉପରେ ସମସ୍ତଙ୍କ ନଜର ରହିଛି । ଭାରତ, ଶ୍ରୀଲଙ୍କା ଟେଷ୍ଟରେ ସବୁଠୁ ଅଧିକ ରନ୍ ସଚିନ ତେନ୍ଦୁଲକରଙ୍କ ନାଁରେ ସବୁଠୁ ଅଧିକ ୱିକେଟ ମୁଥିଆ ମୁରଲୀ ଧରନଙ୍କ ନାଁରେ ରହିଛି । ମୁରଲୀଧରନଙ୍କ ବ୍ୟତୀତ ଆଉ ୪ ଜଣ ଭାରତୀୟ ବୋଲର ଅଛନ୍ତି ।



ମୁରଲୀଧରନ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିଲେ । ସେ ୨୨ଟି ଟେଷ୍ଟ ମ୍ୟାଚ ଖେଳି ମୋଟ ୧୦୫ ୱିକେଟ୍ ନେଇଥିଲେ । ଏହି ସମୟରେ ସେ ୭ଥର ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି । ମହାନ ଲେଗ ସ୍ପିନର ଅନୀଲ କୁମ୍ବଲେ ୧୮ଟି ଟେଷ୍ଟ ମ୍ୟାଚରେ ୭୪ ୱିକେଟ ନେଇଛନ୍ତି । ୪ଥର ଗୋଟିଏ ଇନିଂସରେ ୫ ୱିକେଟ୍ ନେବାର ରେକର୍ଡ କରିଛନ୍ତି । ଅଫସ୍ପିନର ରବି ଚନ୍ଦ୍ରନ ଅଶ୍ୱୀନ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି । ସେ ଶ୍ରୀଲଙ୍କା ବିପକ୍ଷ ୧୧ଟି ଟେଷ୍ଟ ମ୍ୟାଚରେ ୬୨ ୱିକେଟ ନେଇଥିଲେ । ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୪୬ ରନ ଦେଇ ୬ ୱିକେଟ ଅକ୍ତିଆର କରିବା । ପୂର୍ବତନ ଭାରତୀୟ ଅଫସ୍ପିନର ହରଭଜନ ସିଂ ୧୬ଟି ଟେଷ୍ଟ ମ୍ୟାଚରେ ୫୩ ୱିକେଟ୍ ନେଇଥିଲେ । ସେ ଦୁଇଥର ଗୋଟିଏ ଇନିଂସରେ ୫ ୱିକେଟ ନେଇଛନ୍ତି । ଭାରତର ଅଲରାଉଣ୍ଡର ତଥା ମହାନ ଅଧିନାୟକ କପିଲ ଦେବ ଶ୍ରୀଲଙ୍କା ବିପକ୍ଷରେ ୧୪ଟି ଟେଷ୍ଟ ମ୍ୟାଚ ଖେଳି ୪୫ ୱିକେଟ୍ ନେଇଥିଲେ । ତାଙ୍କର ବୋଲିଂ ହାର ୨୬.୫୫ ରହିଛି ।

ବ୍ୟାଟିଂରେ ମଧ୍ୟ ଅନେକ ମହାନ ଖେଳାଳି ସଫଳତା ପାଇଛନ୍ତି । ସଚିନ ତେନ୍ଦୁଲକର ଏହି ତାଲିକାର ଶୀର୍ଷରେ ଥିବା ବେଳେ ଶ୍ରୀଲଙ୍କାର ମହେଲା ଜୟବର୍ଦ୍ଧନେ ଦ୍ୱିତୀୟରେ ରହିଛନ୍ତି । ସଚିନ ଶ୍ରୀଲଙ୍କା ବିପକ୍ଷରେ ୩୬ଟି ଇନିଂସରେ ୧୯୯୫ ରନ୍ କରିଥିଲେ । ଏଥିରେ ୯ଟି ଶତକ ଓ ୬ଟି ଅର୍ଦ୍ଧଶତକ ଅଛି । ଏହା ବ୍ୟତୀତ ଗୋଟିଏ ଦ୍ୱିଶତକ ମଧ୍ୟ ରହିଛି । ଜୟବର୍ଦ୍ଧନେ ୨୮ଟି ଇନିଂସରେ ୧୮୨୨ ରନ୍ କରିଥିଲେ । ସେ ଭାରତ ବିପକ୍ଷରେ ୬ଟି ଶତକ ଓ ୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଏବଂ ୨୭୫ ରନ୍ ତାଙ୍କର ସର୍ବାଧିକ ସ୍କୋର । ଦି ୱାର୍ଲ୍ଡ ଭାବେ ପରିଚିତ ରାହୁଲ ଦ୍ରାବିଡ ୩୨ଟି ଇନିଂସରେ ୧୫୦୮ ରନ୍ କରି ତୃତୀୟ ସ୍ଥାନରେ ଅଛନ୍ତି । ସେ ୩ଟି ଶତକ ଓ ୯ଟି ଅର୍ଦ୍ଧଶତକ ମାରିଥିଲେ । ଶ୍ରୀଲଙ୍କାର ୱିକେଟକିପର ବ୍ୟାଟର କୁମାର ସାଙ୍ଗାକାରା ୨୮ଟି ଇନିଂସରେ ୧୩୫୨ ରନ କରିଛନ୍ତି । ସେ ଭାରତ ବିପକ୍ଷରେ ୫ଟି ଶତକ ଓ ଦୁଇଟି ଅର୍ଦ୍ଧଶତକ ମାରିଥିଲେ । ୨୧୯ ରନ୍ ତାଙ୍କର ସର୍ବୋଚ୍ଚ ସ୍କୋର ।

# ପ୍ରଥମ ଦିନ ଶ୍ରୀଲଙ୍କା କ୍ରିକେଟ ଏକାଦଶର ପ୍ରାଧାନ୍ୟ



କଲମ୍ବୋ, ୭।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ବିଧିବଦ୍ଧ ଟେଷ୍ଟ ଶୃଙ୍ଖଳା ଆରମ୍ଭ ପୂର୍ବରୁ ଭାରତ ଅଭ୍ୟାସ ମ୍ୟାଚ ଖେଳିଛି । ୩ ଦିନିଆ ଅଭ୍ୟାସ ମ୍ୟାଚର ପ୍ରଥମ ଦିନ ଶ୍ରୀଲଙ୍କା କ୍ରିକେଟ ଏକାଦଶ ନିଜର ପ୍ରାଧାନ୍ୟ ବିସ୍ତାର କରିଛି । ପ୍ରଥମ ଦିନ ଖେଳାଯାଇଥିବା ୯୦ ଓଭରରେ ଶ୍ରୀଲଙ୍କା କ୍ରିକେଟ ଏକାଦଶ ୮ ୱିକେଟ ହରାଇ ୩୬୩ ରନ୍ କରିଛି । ଦଳର ୩ ଜଣ ବ୍ୟାଟର ନିଶାନ ଫର୍ଣ୍ଣାଣ୍ଡୋ, ରବିନ୍ଦୁ ରସାନ୍ତ ଏବଂ ଅଧିନାୟକ ସୋନାଲ ଦିନୁଶ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ଭାରତର ରବିନ୍ଦ୍ର ଜାଡେଜା,

## ଅଭ୍ୟାସ ମ୍ୟାଚ

କୁଳଦୀପ ଯାଦବ ଓ ମାନବ ସୂତାରଙ୍କୁ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ମିଳିଛି ।

ଟସ ଜିତି ଶ୍ରୀଲଙ୍କା କ୍ରିକେଟ ଏକାଦଶ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳର ଦୁଇ ଓପନର ନିଶାନ ଫର୍ଣ୍ଣାଣ୍ଡୋ ଓ ରବିନ୍ଦୁ ରସନ୍ତା ପାଳି ଆରମ୍ଭ କରିଥିଲେ । ଦୁହେଁ ୨୦.୪ ଓଭରରେ ୧୧୦ ରନ୍ ସଂଗ୍ରହ କରି ଦଳକୁ ଜମାଣିଆ ଆରମ୍ଭ ଦେଇଥିଲେ । ନିଶାନ ୬୫ ବଲରୁ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୬୬ ରନ କରି ରନ ଆଉଟ୍ ହୋଇଥିଲେ । ରବିନ୍ଦୁ ୧୪୩ ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୭୧ ରନ କରିଥିଲେ । ପାସିନ୍ଦୁ ସୂର୍ଯ୍ୟବନ୍ଦରା ୩୫ ରନ, ପବନ ରତ୍ନାୟକେ ୩୯ ରନ୍, ଆହାମ ବିକ୍ରମ ସିଙ୍ଘେ ୩୧ ରନ୍ ଅଧିନାୟକ ସୋନାଲ ଦିନୁଶ ୫୨ ରନ, ଅଞ୍ଜଲ ବନ୍ଦରା ୧୩ ରନ ଓ ରମେଶ ମେଣ୍ଡିସ ୩୨ ରନ୍ କରିଥିଲେ । କେଶରା ନୁଆନ୍ତା ୯ ଓ ଦିଲୁମ ସୁଦୀରା ୧ ରନ୍ କରି ଅପରାଜିତ ଅଛନ୍ତି । ଶ୍ରୀଲଙ୍କା କ୍ରିକେଟ ଏକାଦଶ ୯୦ ଓଭରରେ ୮ ୱିକେଟ ହରାଇ ୩୬୩ ରନ୍ କରିଛି । ଭାରତର ରବିନ୍ଦ୍ର ଜାଡେଜା ୧୫ ଓଭର ବୋଲିଂ କରି ଦୁଇଟି କୁଳଦୀପ ଓ ମାନବ ସୁତାରଙ୍କୁ ଦୁଇଟି ଲେଖାଏଁ, ତଥା ଗୁରୁନୁର ବ୍ରାରଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି । ଆକିବ ନବୀଙ୍କୁ ଦଳରେ ସାମିଲ କରାଯାଇଥିଲେ ମଧ୍ୟ ତାଙ୍କୁ ୱାର୍ମ ଅପ୍ ମ୍ୟାଚରେ ସୁଯୋଗ ମିଳିନାହିଁ । ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଦୁଇ ଦ୍ରୁତ ବୋଲର ଭଲ ବୋଲିଂ କରିଥିଲେ ମଧ୍ୟ ୱିକେଟ ପାଇନାହାନ୍ତି ।

# ବିଦେଶରେ ଟି-୨୦ ଲିଗ୍ ଖେଳିବେ ରାହାଣେ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଆଜିଙ୍କ୍ୟ ରାହାଣେ ଆମଷ୍ଟରଡାମ୍ ଫ୍ଲେମ୍ସରେ ଷ୍ଟାର ଖେଳାଳି ଭାବେ ସାମିଲ ଅଛନ୍ତି । ୟୁରୋପୀୟ ଟି-୨୦ ପ୍ରିମିୟର ଲିଗର ଉଦଘାଟନୀ ସଂସ୍କରଣରେ ସେ ଆମଷ୍ଟାରଡାମ ପକ୍ଷରୁ ଖେଳିବେ । ଅଗଷ୍ଟ ୨୬ରୁ ଏହି ପ୍ରିମିୟର ଲିଗ୍ ଆରମ୍ଭ ହେବ । ଜୁଲାଇ ୩୦ରେ ରାହାଣେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ । ସେ ଭାରତ ପାଇଁ ୮୫ଟି ଟେଷ୍ଟ, ୯୦ଟି ଦିନିକିଆ ଓ ୨୦ଟି ଟି-୨୦ ମ୍ୟାଚ ଖେଳିଛନ୍ତି । ୨୦୨୩ ଜୁଲାଇରେ ଶେଷଥର ରାହାଣେ ଭାରତ ପାଇଁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳା ଖେଳିଥିଲେ । ଏହାପରେ ଜାତୀୟ ଦଳରୁ ସେ ବାଦ ପଡିଥିଲେ । ପ୍ରତ୍ୟାବର୍ତ୍ତନ ପାଇଁ ସେ ଅନେକ ଚେଷ୍ଟା କରିଥିଲେ ହେଁ ସଫଳ ହୋଇନଥିଲେ । ଶେଷରେ ସେ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ । ବିଦେଶରେ ସେ ଟି-୨୦ ଲିଗ୍ ଖେଳିବାକୁ ଯାଉଥିବା ଘୋଷଣା କରିଛନ୍ତି । ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ୍ ପକ୍ଷରୁ ରାହାଣେଙ୍କ ବିବୃତ୍ତିକୁ ଜାରି କରାଯାଇଛି । ରାହାଣେ ବର୍ତ୍ତମାନ ଇଂଲଣ୍ଡରେ ରହି ଦ.ହଣ୍ଡ୍ରେଡ ଟୁର୍ଣ୍ଣାମେଣ୍ଟରେ ଭାଷ୍ୟକାର ଭାବେ କାର୍ଯ୍ୟ କରୁଛନ୍ତି । ହାମଷ୍ଟରଡ୍ାମ ଫ୍ଲେମ୍ସର ସହପ୍ରତିଷ୍ଠାତା ତଥା ଚିଫ କ୍ରିକେଟ ଅଫିସର ହେଉଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ୱ ସେ ରାହାଣେଙ୍କୁ ନିଜ ଦଳକୁ ସ୍ୱାଗତ କରିଛନ୍ତି । ରାହାଣେ ଆଇପିଏଲରେ ୬ଟି ଦଳ ପାଇଁ ୨୧୨ ମ୍ୟାଚ ଖେଳି ୫୩୬୭ ରନ୍ ସଂଗ୍ରହ କରିଥିଲେ । ୨୦୨୫ ଓ ୨୦୨୬ ସିଜନରେ ସେ କୋଲକାତା ନାଇଟରାଇଡର୍ସର ଅଧିନାୟକ ଥିଲେ । ଏହାଛଡା ୨୦୨୩ରେ ଚେନ୍ନାଇ ସୁପରକିଙ୍ଗ୍ସ ସହ ଆଇପିଏଲ ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ ।



# ସିନିୟର ରାଜ୍ୟ ର୍ୟାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଅନୁଗୁଳ,୭।୮ (ସବ୍ୟ): ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ଏସୋସିଏସନର ଦ୍ୱାରା ତଥା ଅନୁଗୁଳ ଜିଲ୍ଲା ୟୁନାଇଟେଡ଼ ବ୍ୟାଡ଼ମିଣ୍ଟନ ଏସୋସିଏସନ ଓ ଅନୁଗୁଳ ଜିଲ୍ଲା ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ରାଜ୍ୟ ସିନିଅର ରାଜ୍ୟ ବ୍ୟାଡ଼ମିଣ୍ଟନ ରେଙ୍କିଂ ଟୁର୍ଣ୍ଣାମେଣ୍ଟ ଆଜି ବିଜୁ ପଟ୍ଟନାୟକ ଇଣ୍ଡୋର ବ୍ୟାଡ଼ମିଣ୍ଟନ ହଲ ଠାରେ ଉଦଘାଟିତ ହୋଇଯାଇଛି । ଅନୁଗୁଳ ଜିଲ୍ଲା ୟୁନାଇଟେଡ଼ ବ୍ୟାଡ଼ମିଣ୍ଟନ ସଂଘ ର ସଭାପତି ଶିବ ପ୍ରସାଦ ଦାସ ଙ୍କର ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ଶିଥ, ମ୍ୟାଚ ରେଫରୀ ବିଜୟ କୁମାର ବାଗ, ଟିଓ କୋରଡିନେଟର ଲକ୍ଷପତି ନନ୍ଦ, ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଅଜିତ ମହାନ୍ତି, ଟୁର୍ଣ୍ଣାମେଣ୍ଟ ଅବଜର୍ଭର ପ୍ରୀତପାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସଂଘ ର ଉପସଭାପତି ନୀଳାଞ୍ଚଳ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବ ରେ ଅନ୍ୟତମ ଉପସଭାପତି ସରୋଜ ସାହୁ ଓ କୋଷାଧକ୍ଷ ସ୍ୱାଧୀନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସଂଘର ର ସମ୍ପାଦକ ସୁଧୀର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ଏହାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଶ୍ରୀ ମହାନ୍ତି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମସ୍ତ ଖେଳାଳି ମାନଙ୍କୁ ଶୃଙ୍ଖଳା ର ସହ ଖେଳ ଖେଳିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ମହାନ୍ତି ଏହା ମଧ୍ୟ କହିଲେ ଯେ, ଆଜିର ଯୁବ ପିଢ଼ି କ୍ରୀଡା ପ୍ରତି ଆକର୍ଷିତ ହେବା ଜରୁରୀ, କାରଣ କ୍ରୀଡା ହିଁ ଚରିତ୍ର ଓ ସ୍ୱାସ୍ଥ୍ୟ ଗଠନ ପାଇଁ ମୁଖ୍ୟତଃ ସହାୟକ ହୋଇଥାଏ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ଖେଳାଳି ମାନଙ୍କୁ ଅନୁଗୁଳ ମାଟିରେ ବିଧାୟକ ଶ୍ରୀ ମହାନ୍ତି ସ୍ୱାଗତ କରିଥିଲେ । ଏହି ରାଜ୍ୟ ସ୍ତରୀୟ ରେଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ତିନିଦିନ ଧରି ଅନୁଗୁଳ ରେ ଚାଲିବ । ପୁରୁଷ ଓ ମହିଳା ଉଭୟ ବିଭାଗ ରେ ସିଙ୍ଗିଲ୍ସ, ଡବଲସ ଓ ମିକ୍ସ ଡବଲସ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଓଡିଶା ରାଜ୍ୟ ବ୍ୟାଡ଼ମୀଣ୍ଟନ ଆସୋସିଏସନ ର ଅମ୍ପାୟାର ମାନେ ଏହି ରେଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି । ଏହି ଅବସରରେ ଅନେକ କ୍ରୀଡା ପ୍ରେମୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ସଂଘ ର ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ଯେ, ଏହି ଟୁର୍ଣ୍ଣାମେଣ୍ଟ ର ଆୟୋଜନ କମିଟି ର ଅଧ୍ୟକ୍ଷ ତଥା ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଉଦଯାପନୀ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି କ୍ରୀଡ଼ାବିତ କୁ ଉତ୍ସାହିତ କରିବେ ।




# ଫାଓ ଲିଗ୍ : ସେମିରେ ସନରାଇଜ୍



ଭୁବନେଶ୍ୱର,୭।୮ (ସବ୍ୟ): ଫାଓ ଲିଗର ପ୍ରଥମ କ୍ୱାର୍ଟରଫାଇନାଲରେ ସନରାଇଜ କ୍ଲବ ୫-୨ ଗୋଲରେ ଇଲେଭେନ ଗନ କ୍ଲବକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚରେ ସନରାଇଜ କ୍ଲବର ଆଧିପତ୍ୟ ଆରମ୍ଭରୁ ଶେଷ ଯାଏ ଜାରି ରହିଥିଲା । ଅରବିନ ଲାକ୍ରା, ଅର୍ସଦ, ଅମନ ଖାଲକୋ ଗୋଲସ୍କୋର କରିଥିଲେ । ଇଲେଭେନଗନ କ୍ଲବ ପକ୍ଷରୁ ସୁନୀଲ କୁମାର ମାରାଣ୍ଡି ଓ ସୁଶୀଲ ପାତ୍ର ଦୁଇଟି ଗୋଲ କରିଥିଲେ । ପ୍ରବଳ ବର୍ଷା ଯୋଗୁଁ ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ରୋଭର୍ସ କ୍ଲବ ଓ ଓଡ଼ିଶା ପୋଲିସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରିନଥିଲା । ଏହି ମ୍ୟାଚରେ ଓଡ଼ିଶା ପୋଲିସ ୧-୦ରେ ଅଗ୍ରଣୀ ରହିଥିଲା । ମ୍ୟାଚ ମାତ୍ର ୨୦ ମିନିଟ ଖେଳ ହୋଇଥିବା ବେଳେ ପ୍ରବଳ ବର୍ଷା ଓ ବଜ୍ରପାତ ହେବାରୁ ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା । ଏହି ମ୍ୟାଚ ଶନିବାର ସକାଳ ୧୦ଟାରୁ ପୁଣିଥରେ ଖେଳାଯିବ ।

# ପ୍ରଜ୍ଞାନନ୍ଦଙ୍କୁ ଜିସଟି ସେଣ୍ଟଲୁଇସ ଟାଇଟଲ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଗ୍ରାଣ୍ଡମାଷ୍ଟର୍ସ ଆର୍ ପ୍ରଜ୍ଞାନନ୍ଦ ଜିସଟି ସେଣ୍ଟ ଲୁଇସ୍ ରାପିଡ ଓ ବ୍ଲିଜ ଚେସ ଟାଇଟଲ ହାସଲ କରିଛନ୍ତି । ୨୦ ବର୍ଷୀୟ ପ୍ରଜ୍ଞାନନ୍ଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଉଜବେକିସ୍ତାନର ଗ୍ରାଣ୍ଡମାଷ୍ଟର୍ସ ଜାଭୋଖିର ସିନ୍ଦରୋଭଙ୍କ ବିପକ୍ଷରେ ୧୦ ବିଜୟଲାଭ କରି ଟ୍ରଫି ହାତେଇଥିଲେ । ୫ ଦିନିଆ ଏହି ପ୍ରତିଯୋଗିତାରେ ଆଧିପତ୍ୟବିସ୍ତାର କରିଥିବା ପ୍ରଜ୍ଞାନନ୍ଦଙ୍କ ଠାରୁ ୧.୫ ପଏଣ୍ଟ ପଛରେ ଥିଲେ ସିନ୍ଦାରୋଭ ଏହି ମୁକୁଟ ସହ ଭାରତୀୟ ଗ୍ରାଣ୍ଡ ମାଷ୍ଟର୍ସ ପ୍ରଜ୍ଞାନନ୍ଦ ୪୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ ୧୩ ଜିସଟି ପଏଣ୍ଟ ପାଇଛନ୍ତି ।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ବୁମରାଙ୍କ ସ୍ଥାନରେ ଆକିବ ଠିକ୍ ନୁହେଁ

ନୂଆଦିଲ୍ଲୀ,୭।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଆହତ ହୋଇ ବାଦ ପଡିଛନ୍ତି । ତାଙ୍କ ସ୍ଥାନରେ ଜମ୍ମୁ-କାଶ୍ମୀର ଦ୍ରୁତ ବୋଲର ଆକିବ ନବୀଙ୍କୁ ସାମିଲ କରାଯାଇଛି । ଆକିବଙ୍କ ବୋଲିଂ ବଳରେ ଜମ୍ମୁ-କାଶ୍ମୀର ଗତ ସିଜନରେ ରଣଜୀ ଚାମ୍ପିଅନ ହୋଇଥିଲା । ତେଣୁ ଶ୍ରୀଲଙ୍କା ବିପକ୍ଷରେ ତାଙ୍କୁ ସୁଯୋଗ ମିଳିଛି । ଭାରତୀୟ ଦଳର ପୂର୍ବତନ ଖେଳାଳି ୱାସିମ ଜାଫର ବିସିସିଆଇର ଏଭଳି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି । ଜାଫର କହିଛନ୍ତି, ଆକିବଙ୍କୁ କେବେ ହେଲେ ବୁମରାଙ୍କ ବିକଳ୍ପ ଭାବେ ନିଆଯାଇପାରିବ ନାହିଁ । ସେ ରଣଜୀରେ ଭଲ ପ୍ରଦର୍ଶନ କରିଛନ୍ତି । ତାଙ୍କ ପାଇଁ ଶ୍ରୀଲଙ୍କା ବିପକ୍ଷ ଭାରତୀୟ ଦଳରେ ସାମିଲ ହେବା ଭଲ ଖବର । କିନ୍ତୁ ବୁମରାଙ୍କ ପ୍ରଥମ ବିକଳ୍ପ ଭାବେ ସେ ସ୍ଥାନ ପାଇବା ପାଇଁ ଉପଯୁକ୍ତ ନୁହଁନ୍ତି । ସେ ଭାରତୀୟ ଦଳରେ ସୁଯୋଗ ପାଇବାକୁ ଯୋଗ୍ୟ । ହେଲେ ବୁମରାଙ୍କ ବିକଳ୍ପ ନୁହେଁ । ଦଳରେ ଅନ୍ୟ ବୋଲର ମଧ୍ୟ ଅଛନ୍ତି । ଯେଉଁମାନେ ଶ୍ରୀଲଙ୍କାକୁ ମାତ ଦେଇପାରିବେ ବୋଲି ଜାଫର କହିଛନ୍ତି । ଘରୋଇ ଟୁର୍ଣ୍ଣାମେଣ୍ଟରେ ଦମଦାର ପ୍ରଦର୍ଶନ କାରଣରୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଆକିବ ସାମିଲ ହୋଇଥିଲେ । ଏହାସହ ଶ୍ରୀଲଙ୍କା ବିପକ୍ଷ ମୁକାବିଲାରେ ସେ ଭାରତୀୟ ଏ' ଦଳର ସଦସ୍ୟ ଥିଲେ । ଶ୍ରୀଲଙ୍କାରେ ସେ ୬ଟି ୱିକେଟ୍ ନେଇଥିଲେ । ଫଳରେ ଭାରତ ୧-୦ରେ କବଜା କରିଥିଲା । ଏହା ବ୍ୟତୀତ ଟେଷ୍ଟରେ ତାଙ୍କୁ ବ୍ୟାକ ଅପ୍ ବୋଲର ଭାବେ ସୁଯୋଗ ମିଳିଥିଲା ।

# ଭାରତ-ଶ୍ରୀଲଙ୍କା ଟେଷ୍ଟ ଶୃଙ୍ଖଳାରେ ଫ୍ରି-ଏଣ୍ଟ୍ରି

କଲମ୍ବୋ,୭।୮ (ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ଶୁକ୍ରବାର ଆଗାମୀ ଟେଷ୍ଟ ଶୃଙ୍ଖଳା ପାଇଁ ବଡ଼ ଘୋଷଣା କରାଯାଇଛି । ଆଗାମୀ ୧୫ ତାରିଖରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବ । ଦର୍ଶକଙ୍କ ପାଇଁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଫ୍ରି-ଏଣ୍ଟ୍ରି (ମୁକ୍ତ ପ୍ରବେଶ) ଘୋଷଣା କରିଛି । ଅର୍ଥାତ ଏହି ଶୃଙ୍ଖଳା ପାଇଁ ଟିକେଟ ବିକ୍ରି ହେବ ନାହିଁ । ଦର୍ଶକ ବିନା ଟିକେଟରେ ଭାରତ ଓ ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ ଦେଖିପାରିବେ । ଅଗଷ୍ଟ ୧୫ରେ ପ୍ରଥମ ମ୍ୟାଚ ଗାଲେ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଆରମ୍ଭ ହେବ । ସେହିଭଳି ଦ୍ୱିତୀୟ ମ୍ୟାଚ ଅଗଷ୍ଟ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ କଲମ୍ବୋର ଏସଏସସି ଷ୍ଟାଡିୟମରେ ଖେଳାଯିବ । ଟେଷ୍ଟ ମ୍ୟାଚ ସମୟରେ ଗ୍ୟାଲେରୀଙ୍କୁ ଦର୍ଶକପୂର୍ଣ୍ଣ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଦିନିକିଆ ଓ ଟି-୨୦ ମ୍ୟାଚ ସମୟରେ ଯେଉଁଭଳି ଭରପୂର ଦର୍ଶକ ମ୍ୟାଚ ଦେଖିବାକୁ ଷ୍ଟାଡିୟମ ଆସନ୍ତି । ସେହିଭଳି ଟେଷ୍ଟ ମ୍ୟାଚ ସମୟରେ ଷ୍ଟାଡିୟମ ଲୋକାରଣ୍ୟ ହେବା ପାଇଁ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଅଭିନବ ପଦକ୍ଷେପ ନେଇଛି । ଯୁବ କ୍ରିକେଟର ନିଜ ପରିବାର ଓ ସାଙ୍ଗସାଥୀଙ୍କ ସହ ଏହି ଅନ୍ତର୍ଜାତୀୟ ମ୍ୟାଚକୁ ବିନା ପ୍ରତିବନ୍ଧକରେ ଦେଖିବା ପାଇଁ ବ୍ୟବସ୍ଥା ହୋଇଛି ।



ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି